ବର୍ଷ-୨୬, ସଂଖ୍ୟା-୨୬୩
ଭୁବନେଶ୍ୱର
ସେପ୍ଟେମ୍ବର, ୩୦, ୨୦୨୬ ବୁଧବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 263
Bhubaneswar
September, 30, 2026, Wednesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



ବିଥ୍ୟା ରାମରାଜ, କିରଣ, ମାଚେତ୍ତି ପୋଭାମା ଓ ପ୍ରାଚୀ ।

## ଦୌଡକୁଦ ଓ ଟ୍ରାପ୍‌ରେ ମହିଳାଙ୍କୁ ସ୍ୱର୍ଣ୍ଣ

ନୂଆଦିଲ୍ଲୀ, ୨୯।୯(ଏଜେନ୍ସି): ଆଜି ଭାରତକୁ ଆଇ ଦୁଇ ସ୍ୱର୍ଣ୍ଣ ପଦକ ମିଳିଛି। ଏହି ଦୁଇ ସ୍ୱର୍ଣ୍ଣିମ ସଫଳତା ମହିଳା ଖେଳାଳି ହାସଲ କରିଛନ୍ତି। ୨୬ ବର୍ଷୀୟ ଆର୍ମି ଶୁଟର ନୀରୁ ଧଣ୍ଡା ମହିଳା ବର୍ଗର ଟ୍ରାପ ଇଭେଣ୍ଟରେ ଐତିହାସିକ ସ୍ୱର୍ଣ୍ଣ ପଦକ ଜିଣିଥିବାବେଳେ ଦୌଡକୁଦ ଇଭେଣ୍ଟରେ ପ୍ରଥମ ସ୍ୱର୍ଣ୍ଣ ମିଳିଛି। ଏହି ସଫଳତା ପରେ ଚଳିତ ଏସିଆନ ଗେମ୍ସରେ ଭାରତର ପଦକ ସଂଖ୍ୟା ୫୨କୁ ବୃଦ୍ଧି ପାଇଛି। ଏହା ମଧ୍ୟରେ ୬ଟି ସ୍ୱର୍ଣ୍ଣ ରହିଛି।



ଚଳିତ ଏସିଆନ ଗେମ୍ସ ୨୦୨୬ରେ ଭାରତକୁ ଦୌଡକୁଦ ଇଭେଣ୍ଟରେ ପ୍ରଥମ ସ୍ୱର୍ଣ୍ଣ। ଦେଶକୁ ଏହି ସଫଳତା ଆଣି ଦେଇଛନ୍ତି ମହିଳା। ଆଜି ୪ ଗୁଣା ୪୦୦ ମିଟର ରିଲେରେ ଭାରତୀୟ ଝିଅ କରିଛନ୍ତି କମାଲ। ସେମାନେ ଦେଶ ପାଇଁ ଜିତିଛନ୍ତି ଐତିହାସିକ ସ୍ୱର୍ଣ୍ଣ। ବିଥ୍ୟା ରାମରାଜ, କିରଣ, ମାଚେତ୍ତି ପୋଭାମା ଓ ପ୍ରାଚୀ ଦେଶ ପାଇଁ ଏହି ସଫଳତା ଆଣି ଦେଇଛନ୍ତି।ଆଜି ମହିଳା ରିଲେର ଆରମ୍ଭ ଭାରତ ପାଇଁ ଆଶାନୁରୂପ ଭଲ ନଥିଲା। ହେଲେ ଶେଷ ୨ ରାଉଣ୍ଡ ଭାରତୀୟ ଖେଳାଳି ଜବରଦସ୍ତ କମବ୍ୟାକ କରିଥିଲେ। ଶେଷରେ ବିଥ୍ୟା ରାମରାଜ ୫ମ ସ୍ଥାନରୁ ସିଧା ଲମ୍ଫ ମାରି ଭାରତକୁ ସ୍ୱର୍ଣ୍ଣ ଭେଟି ଦେଇଥିଲେ। ଭାରତ ୩.୨୯.୬୯ ସେକେଣ୍ଡରେ ରେସ୍ ଶେଷ କରି ସ୍ୱର୍ଣ୍ଣ ଜିତିଛି।

୨୬ ବର୍ଷୀୟ ଆର୍ମି ଶୁଟର ନୀରୁ ଧଣ୍ଡା ମହିଳା ବର୍ଗର ଟ୍ରାପ ଇଭେଣ୍ଟରେ ଭାରତ ପାଇଁ ଜିତିଛନ୍ତି ଐତିହାସିକ ସ୍ୱର୍ଣ୍ଣ ପଦକ। ସେ କେବଳ ସ୍ୱର୍ଣ୍ଣ ପଦକ ଜିତି ନାହାନ୍ତି, ବରଂ ନୂଆ ଏସିଆନ ରେକର୍ଡ ମଧ୍ୟ ସୃଷ୍ଟି କରିପାରିଛନ୍ତି। ୩ ଦିନ ଧରି ଜାରି ରହିଥିବା ଯୋଗ୍ୟତା ପର୍ଯ୍ୟାୟରେ ନୀରୁଙ୍କ ଦବଦବା ଦେଖିବାକୁ ମିଳିଥିଲା। ନୀରୁ ୩୦ଟିରୁ ୨୮ଟି ଶଟ୍ ହିଟ୍ କରିଥିଲେ। ଏହା ପୂର୍ବ ଏସିଆନ ରେକର୍ଡ ଠାରୁ ୪ ଅଧିକ। ଚାଇନାର ସନ୍ ୟୁନୋଙ୍ଗ ୩୦ରୁ ୨୬ଟି ଶଟ୍ ହିଟ୍ କରି ରୌପ୍ୟ ଓ କୁଏତର ହାଜାର ଅବଦୁଲମଲିକ ୨୧ଟି ଶଟ ସହ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଫାଇନାଲ ସିରିଜରେ ପ୍ରବେଶ କରିବା ପୂର୍ବରୁ ନୀରୁଙ୍କ ପାଖରେ ୨ ପଏଣ୍ଟର ଲିଡ୍ ଥିଲା। କିନ୍ତୁ ଚାପ ଅନେକ ଥର ଭାରତୀୟ ଶୁଟରଙ୍କୁ ଅଡୁଆରେ ପକାଇବାର ନଜିର ରହିଥିଲା।ହେଲେ ନୀରୁ ସବୁ ଧାରାକୁ ବଦଳାଇ ଦେଇଛନ୍ତି। ପ୍ରବଳ ବର୍ଷା ସତ୍ତ୍ୱେ ସେ ନିଜର ଟାର୍ଗେଟକୁ ମିସ କରି ନଥିଲେ। ସେ ୫ଟି ଯାକ ଶଟ୍‌କୁ ହିଟ୍ କରି ସନ ୟୁନୋଙ୍ଗଙ୍କୁ ପଛରେ ପକାଇ ଦେଇଥିଲେ। ନୀରୁ କେବଳ ସିରିଜ ୨ ଓ ୫ରେ ଗୋଟିଏ ଲେଖାଏ ଶଟ୍ ମିସ କରିଛନ୍ତି। ନଚେତ ବାକି ସବୁ ଶଟ୍‌କୁ ସେ ହିଟ କରିପାରିଛନ୍ତି। ନିଜର ଭାଇ ଲକ୍ଷ୍ୟ ଶେଓରାନଙ୍କ ଠାରୁ ଅନୁପ୍ରାଣିତ ହୋଇ ନୀରୁ ଶୁଟିଂ ଟ୍ରାପ ଇଭେଣ୍ଟକୁ ଆସିଥିଲେ। ୨୦୧୮ ଏସିଆନ ଗେମ୍ସରେ ଲକ୍ଷ୍ୟ ଦେଶ ପାଇଁ ରୌପ୍ୟ ପଦକ ପାଇଥିଲେ। ଏହାକୁ ଦେଖିବା ପରେ ନୀରୁ ଭାରତ ପାଇଁ ଖେଳିବା ସହ ଏବେ ଐତିହାସିକ ସ୍ୱର୍ଣ୍ଣ ପଦକ ଜିତିଛନ୍ତି।

## ସୁ-ପୋଷିତ ଓଡିଶା ପାଇଁ ସରକାର ପ୍ରତିବଦ୍ଧ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୯।୯(ମହାଭାରତ): ଏକ ସୁ-ପୋଷିତ ଓଡିଶା ଗଠନ ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ। ମହିଳା ଓ ଶିଶୁମାନଙ୍କ ପୋଷଣରେ ଉନ୍ନତି ଆଣିବା ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ କରାଯାଉଛି। ଅଙ୍ଗନବାଡି ଓ ସ୍କୁଲ ଜରିଆରେ ଅନେକ ପୋଷଣ ଯୋଜନା କାର୍ଯ୍ୟକାରୀ କରାଯାଉଛି। ଏଥିରେ ଆହୁରି ଉନ୍ନତି ଆଣିବା ପାଇଁ ପୁରା ପରିବାରକୁ ସାମିଲ କରାଯାଉଛି। ପରିବାରର ମହିଳାମାନଙ୍କ ସହିତ ପୁରୁଷମାନଙ୍କୁ ମଧ୍ୟ ଶିଶୁର ପୌଷ୍ଟିକ ସ୍ଥିତିରେ ଉନ୍ନତି ଆଣିବା ପାଇଁ ସଂଶ୍ଳିଷ୍ଟ କରାଯାଉଛି। ସଚେତନତା ଓ ଯୋଜନାର ସଫଳ କାର୍ଯ୍ୟାନ୍ୱୟନ ଜରିଆରେ ଆମ ଓଡିଶାକୁ ନିଶ୍ଚିତ ଭାବରେ ଏକ ସୁ-ପୋଷିତ ଓଡିଶା ଭାବେ ପ୍ରତିଷ୍ଠିତ କରାଯିବ।ଆଜି ଭୁବନେଶ୍ୱର ବରମୁଣ୍ଡାସ୍ଥିତ ଅଙ୍ଗନବାଡି କେନ୍ଦ୍ରଠାରେ ଆୟୋଜିତ ରାଜ୍ୟ ସ୍ତରୀୟ 'ଆଙ୍ଗନ୍ କା ଉତ୍ସବ' ଏବଂ '୯ମ ରାଷ୍ଟ୍ରୀୟ ପୋଷଣ ମାସ' ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି।



ସେ ପୁଣି କହିଥିଲେ ଯେ, ପୋଷଣ ମାସ ପାଳନ ଅବସରରେ ରାଜ୍ୟବ୍ୟାପୀ ୪୬ ଲକ୍ଷରୁ ଊର୍ଦ୍ଧ୍ୱ କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଛି ଏବଂ ଆଧାର ଯାଞ୍ଚ କ୍ଷେତ୍ରରେ ଓଡ଼ିଶା ସାରା ଦେଶରେ ପ୍ରଥମ ସ୍ଥାନ ହାସଲ କରିଛି। ଶିଶୁର ପ୍ରଥମ ୧୦୦୦ ଦିନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ, ଶିଶୁଙ୍କ ସୂଚାରୁ ଲାଳନପାଳନରେ ମା'ମାନଙ୍କ ସହ ପିତା ଓ ପରିବାରର ଅନ୍ୟ ସଦସ୍ୟମାନଙ୍କ ସହଭାଗିତା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ଏକ ସୁସ୍ଥ, ସୁନ୍ଦର ଓ ବିକଶିତ ଓଡ଼ିଶା ଗଠନ ପାଇଁ ସମସ୍ତେ ସହଯୋଗର ହାତ ବଢ଼ାଇବାକୁ ସେ ଆହ୍ୱାନ ଦେଇ କହିଥିଲେ ଯେ, ଏକ ସୁପୋଷିତ ଓଡିଶା ପାଇଁ ସରକାର ପ୍ରତିବଦ୍ଧ।ସେ ଆହୁରି କହିଛନ୍ତି ଯେ, ତୃଣମୂଳ ସ୍ତରରେ ନିଃସ୍ୱାର୍ଥପର ସେବା ପ୍ରଦାନ କରି ରାଜ୍ୟରେ ଶିଶୁ ଟୀକାକରଣ, ଅନୁଷ୍ଠାନଗତ ପ୍ରସବ ବୃଦ୍ଧି ଏବଂ ଶିଶୁ ଓ ମାତୃ ମୃତ୍ୟୁହାର ଯଥେଷ୍ଟ ହ୍ରାସ କରିବାର ପ୍ରକୃତ ଶ୍ରେୟ ଆମର ଅଙ୍ଗନବାଡ଼ି କର୍ମୀ, ସହାୟିକା, ଇଘଗ ଓ ଆଶା କର୍ମୀମାନଙ୍କର। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ପୂର୍ବରୁ ଓଡ଼ିଶା ଦେଶରେ ଦ୍ୱିତୀୟ ସବୁଠାରୁ ଅଧିକ ଶିଶୁ ଓ ମାତୃ ମୃତ୍ୟୁହାର ଥିବା ରାଜ୍ୟ ଥିଲା, ମାତ୍ର ଆଜି ଏହି ଦୁଇଟି ମାପକାଠିରେ ରାଜ୍ୟ ଏକ ସନ୍ତୋଷଜନକ ସ୍ଥିତିରେ ପହଞ୍ଚିପାରିଛି। ସମାଜର ଅଧା ଜନସଂଖ୍ୟାଙ୍କ ମଙ୍ଗଳ ବିନା ବିକାଶ ଅସମ୍ଭବ ବୋଲି ଦର୍ଶାଇ ମୁଖ୍ୟମନ୍ତ୍ରୀ ମହିଳା ସଶକ୍ତିକରଣ ପାଇଁ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା 'ସୁଭଦ୍ରା ଯୋଜନା', 'ଲକ୍ଷପତି ଦିଦି', 'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା' ଓ 'ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ ଯୋଜନା' ସମ୍ପର୍କରେ ଆଲୋକପାତ କରିଥିଲେ। ରାଜ୍ୟ ସରକାରଙ୍କ ମୋଟ ବଜେଟର ଅତିକମରେ ୪୦ ପ୍ରତିଶତ କେବଳ ମହିଳାମାନଙ୍କ ପାଇଁ ଖର୍ଚ୍ଚ ହେଉଛି ବୋଲି ସେ ପ୍ରକାଶ କରିଥିଲେ।ରାଜ୍ୟରେ ଗୁଣାତ୍ମକ ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା ସମ୍ପୂର୍ଣ୍ଣ ନିଃଶୁଳ୍କ କରାଯାଇଥିବା ସମ୍ପର୍କରେ ମୁଖ୍ୟମନ୍ତ୍ରୀ ସୂଚନା ଦେଇ କହିଥିଲେ ଯେ, ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନଗୁଡ଼ିକରେ ସ୍ନାତକୋତ୍ତର ପର୍ଯ୍ୟନ୍ତ ଶିକ୍ଷା ସମ୍ପୂର୍ଣ୍ଣ ଦେୟମୁକ୍ତ କରାଯାଇଛି। ସେହିପରି ଜନ୍ମିତ ଶିଶୁ କନ୍ୟାମାନେ ସ୍ନାତକ ଶିକ୍ଷା ସମାପ୍ତ କଲେ ସେମାନଙ୍କୁ ୧ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ମିଳିବ। ସ୍ୱାସ୍ଥ୍ୟ କ୍ଷେତ୍ରରେ 'ଆୟୁଷ୍ମାନ ଭାରତ-ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା' ମାଧ୍ୟମରେ ଦେଶର ବଛା ବଛା ବେସରକାରୀ ହସ୍ପିଟାଲରେ କ୍ୟାସଲେସ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଉଛି।ଏହି ଅବସରରେ ମୁଖ୍ୟମନ୍ତ୍ରୀ ଅଙ୍ଗନବାଡି ପିଲାମାନଙ୍କୁ ସ୍କୁଲ କିଟ୍ ବଣ୍ଟନ କରିବା ସହ ସ୍ୱାସ୍ଥ୍ୟକର ଖାଦ୍ୟ ପ୍ରଦର୍ଶନ ପାଇଁ ବାପାମାନଙ୍କୁ ପୁରସ୍କୃତ କରିଥିଲେ। ଏହା ସହ ଅଙ୍ଗନବାଡି କର୍ମୀ, ସହାୟିକା ଓ ଆଶା କର୍ମୀମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଛି। ମୁଖ୍ୟମନ୍ତ୍ରୀ ଅଙ୍ଗନବାଡି କେନ୍ଦ୍ର ପରିଦର୍ଶନ କରି 'ତ୍ରିରଙ୍ଗା ଥାଳି' ଓ ଗରମ ରନ୍ଧା ଖାଦ୍ୟର ଗୁଣବତ୍ତା ଅନୁଧାନ କରିଥିଲେ ଏବଂ ପିଲାମାନଙ୍କୁ ଖାଦ୍ୟ ମଧ୍ୟ ପରଷି ଥିଲେ ।

ଏହି ସମାରୋହରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା, ଏକାମ୍ର-ଭୁବନେଶ୍ୱର ବିଧାୟକ ଶ୍ରୀଯୁକ୍ତ ବାବୁ ସିଂ, ମହିଳା ଓ ଶିଶୁ ବିକାଶ ବିଭାଗର କମିଶନର ତଥା ଶାସନ ସଚିବ ଡକ୍ଟର ମୃଣାଳିନୀ ଦର୍ଶ୍ୱାଲ, ବିଭାଗୀୟ ନିର୍ଦ୍ଦେଶକା ଶ୍ରୀମତୀ ମୋନିଷା ବାନାର୍ଜୀଙ୍କ ସମେତ ବହୁ ବିଶିଷ୍ଟ ଅତିଥି, ଅଙ୍ଗନବାଡ଼ି କର୍ମୀ, ସହାୟିକା, ଆଶା କର୍ମୀ, ଶିଶୁ ଓ ସେମାନଙ୍କ ଅଭିଭାବକମାନେ ଉପସ୍ଥିତ ଥିଲେ।

## ମା' କିଚକେଶ୍ୱରୀ ମନ୍ଦିରର ପାଇଁ ୪୪.୯୧ କୋଟି ମଞ୍ଜୁର

ଭୁବନେଶ୍ୱର, ୨୯।୯(ମହାଭାରତ) ମା' କିଚକେଶ୍ୱରୀ ମନ୍ଦିରର ହେବ ବିକାଶ। ମୟୂରଭଞ୍ଜ ଜିଲ୍ଲା ଖିଚିଂ ସ୍ଥିତ ପ୍ରସିଦ୍ଧ ମା' କିଚକେଶ୍ୱରୀ ମନ୍ଦିର ପରିସରରେ ବିକାଶ ପାଇଁ ୪୪.୯୧ କୋଟି ଟଙ୍କା ମଞ୍ଜୁର କରାଯାଇଛି।କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରଣାଳୟର ପ୍ରସାଦ ଯୋଜନା ଅଧୀନରେ ଏହି ଟଙ୍କା ମଞ୍ଜୁର କରାଯାଇଛି। ଏହି ପ୍ରକଳ୍ପ ମାଧ୍ୟମରେ ମନ୍ଦିର ଓ ଆଖପାଖ ଅଞ୍ଚଳର ରୂପରେଖ ବଦଳିବ। ମନ୍ଦିର ପରିସରରେ ଆଧୁନିକ ଓ ବିଶ୍ୱସ୍ତରୀୟ ପର୍ଯ୍ୟଟନ ସୁବିଧାର ବିକାଶ ହେବ। ଏଥି ସହ ତୀର୍ଥଯାତ୍ରୀ ଓ ପର୍ଯ୍ୟଟକଙ୍କ ପାଇଁ ଉନ୍ନତ ସୁବିଧା ଲକ୍ଷ୍ୟ ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଦେଶର ପ୍ରମୁଖ ଧାର୍ମିକ ଓ ସାଂସ୍କୃତିକ ସ୍ଥଳୀଗୁଡ଼ିକର ବିକାଶ ସହ ଭାରତର ସମୃଦ୍ଧ ଆଧ୍ୟାତ୍ମିକ ଓ ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ ଉପରେ ଗୁରୁତ୍ୱ ଦିଆଯାଉଛି। ଖିଚିଂର ମା' କିଚକେଶ୍ୱରୀ ମନ୍ଦିରର ବିକାଶ ଦ୍ୱାରା ମୟୂରଭଞ୍ଜର ଧାର୍ମିକ ପର୍ଯ୍ୟଟନ ସହ ଅଞ୍ଚଳର ପର୍ଯ୍ୟଟନ ଓ ସ୍ଥାନୀୟ ଅର୍ଥନୀତିକୁ ମଧ୍ୟ ନୂଆ ଗତି ମିଳିବ ବୋଲି ଆଶା କରାଯାଉଛି।

## ଆଜି ଓଡ଼ିଶା ବନ୍ଦ ଡାକରା

ଭୁବନେଶ୍ୱର, ୨୯।୯(ମହାଭାରତ) ନବ ନିର୍ମାଣ କୃଷକ ସଂଗଠନ (ଘଘକଝ) ଏବଂ ନବ ନିର୍ମାଣ ଯୁବ ଛାତ୍ର ସଂଗଠନ ପକ୍ଷରୁ ବୁଧବାର 'ଓଡ଼ିଶା ବନ୍ଦ' ଡାକରା ଦିଆଯାଇଛି। ବିଭିନ୍ନ ଦାବିକୁ ନେଇ ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ୧୨ ଘଣ୍ଟିଆ ରାଜ୍ୟବ୍ୟାପୀ ସାଧାରଣ ଧର୍ମଘଟ ପାଳନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହି ବନ୍ଦ ଡାକରାକୁ ବିଜେଡି, କଂଗ୍ରେସ ଏବଂ ବାମପନ୍ଥୀ ଦଳ ଭଳି ପ୍ରମୁଖ ବିରୋଧୀ ଦଳଗୁଡ଼ିକ ସମର୍ଥନ ଜଣାଇଛନ୍ତି।

ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ଗୃହ (ସ୍ୱତନ୍ତ୍ର) ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାର ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଗୃହ ବିଭାଗର ଯୁଗ୍ମ ଶାସନ ସଚିବ ଶରତ ଚନ୍ଦ୍ର ମାରାଣ୍ଡି ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ଲେଖି ଆଇନ ଶୃଙ୍ଖଳା ପରିସ୍ଥିତି ବଜାୟ ରଖିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ଏବଂ ସୁରକ୍ଷାମୂଳକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ରାସ୍ତାରୋକ, ଗାଡ଼ିମୋଟର ଚଳାଚଳ ବାଧାପ୍ରାପ୍ତ, ଟାୟାର ଜାଳିବା ଓ ଟ୍ରାଫିକ ସମସ୍ୟା ସୃଷ୍ଟି ହେବାର ସମ୍ଭାବନା ରହିଛି।କେନ୍ଦ୍ର ଓ ରାଜ୍ୟ ସରକାରୀ କାର୍ଯ୍ୟାଳୟଗୁଡ଼ିକ ଯେପରି ସ୍ୱାଭାବିକ ଭାବେ ଚାଲିପାରିବ, ସେଥିପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ କୁହାଯାଇଛି।ଜରୁରୀକାଳୀନ ସେବାଗୁଡ଼ିକ ଯେପରି ପ୍ରଭାବିତ ନହୁଏ, ସେଥିପାଇଁ ପରିସ୍ଥିତି ଉପରେ କଡ଼ା ନଜର ରଖିବାକୁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି।

### ଡିଜିପି ବିବାଦ

## ସୁପ୍ରିମକୋର୍ଟରେ ଶୁଣାଣି ଶେଷ

ନୂଆଦିଲ୍ଲୀ, ୨୯।୯(ମହାଭାରତ): ରାଜ୍ୟର ପରବର୍ତ୍ତୀ ପୁଲିସ ମହାନିର୍ଦ୍ଦେଶକ(ଡିଜିପି) ଚୟନ ବିବାଦ ମାମଲାକୁ ନେଇ ସୁପ୍ରିମକୋର୍ଟରେ ଚାଲିଥିବା ଶୁଣାଣି ଆଜି ଶେଷ ହୋଇଛି। ପ୍ରଧାନ ବିଚାରପତିଙ୍କ ଖଣ୍ଡପୀଠ ନିଜର ରାୟ ସଂରକ୍ଷିତ ରଖିଛନ୍ତି। ଶୁଣାଣିବେଳେ ଡିଜି ପଦବୀ ଖାଲି ହେବା ପୂର୍ବରୁ ଲେଭଲ-୧୬ ଓ ଲେଭଲ-୧୫ ଅଫିସରଙ୍କ ନାମ ଏକାଠି ପଠାଯିବା, ମଇ ମାସରେ ତାଲିକା ପଠାଇବା ପରେ ଅଗଷ୍ଟ ୧୦ ତାରିଖରେ ନୂଆ ପଦୋନ୍ନତି ଦେଇ ପରବର୍ତ୍ତୀ ତାଲିକା ଯୋଡିବା ଓ କୌଣସି ଏଫଆଇଆର୍ ନଥାଇ କେବଳ ସିବିଆଇ ଚିଠି ଆଳରେ ଜଣେ ବରିଷ୍ଠ ଅଫିସରଙ୍କ ଇଣ୍ଟିଗ୍ରିଟି ସାର୍ଟିଫିକେଟ୍ ପ୍ରତ୍ୟାହାର କରାଯିବାକୁ ନେଇ ଖଣ୍ଡପୀଠ ଆଜି ଆଇନଗତ ପ୍ରଶ୍ନ ଉଠାଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗଚୀ ଓ ଜଷ୍ଟିସ ଭି.ମୋହନାଙ୍କୁ ନେଇ ଗଠିତ ୩ଜଣିଆ ଖଣ୍ଡପୀଠ ଆଜି ପ୍ରାୟ ଦେଢଘଣ୍ଟା ଧରି ଶୁଣାଣି କରିଥିଲେ। ଓଡିଶା ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ନିଜର ପକ୍ଷ ରଖିଥିଲେ। ପୂର୍ବରୁ ଏହି ମାମଲାରେ ବରିଷ୍ଠ ଓକିଲ ପି. ଚିଦାମ୍ବରମ, କରୁଣା ନନ୍ଦୀ, ପ୍ରଶାନ୍ତ ଭୂଷଣ ଓ ଆମିକସକ୍ୟୁରି ରାଜୁ ରାମଚନ୍ଦ୍ରନଙ୍କ ପକ୍ଷ ଶୁଣିଥିବା ଖଣ୍ଡପୀଠ ଆଜି ସଲିସିଟର ଜେନେରାଲଙ୍କ ଯୁକ୍ତି ଶୁଣିବା ପରେ 'ଓଡିଶା ପ୍ରସଙ୍ଗ ସରିଲା, ରାୟ ସଂରକ୍ଷିତ ରହିଲା' ବୋଲି ସ୍ପଷ୍ଟ ଭାବେ ଘୋଷଣା କରିଥିଲେ।

ଆଜି ମଧ୍ୟାହ୍ନ ବିରତି ପରେ ଶୁଣାଣି ଆରମ୍ଭ ହେବାମାତ୍ରେ ସଲିସିଟର ଜେନେରାଲ ଶ୍ରୀ ମେହେଟ୍ଟା କହିଥିଲେ ଯେ, ସରକାର କାହାକୁ ନିଜର 'ବ୍ଲୁ-ଆଏଡ୍ ବୟ' ଭାବି ଆଗକୁ ଆଣିନାହାନ୍ତି। ଓଡିଶା ଗୋଟିଏ ଛୋଟ ରାଜ୍ୟ ଓ ସେଠାରେ ଡିଜି ପାହ୍ୟାରେ ମାତ୍ର ଦୁଇଟି କ୍ୟାଡର ଓ ଦୁଇଟି ଏକ୍ସକ୍ୟାଡର ପଦବୀ ରହିଛି। ତତ୍କାଳୀନ ଡିଜିପି ଯୋଗେଶ ବାହାଦୂର ଖୁରାନିଆ ଅଗଷ୍ଟ ୧୬ରେ ଓ ବରିଷ୍ଠ ଆଇପିଏସ୍ ବିନୟତୋଷ ମିଶ୍ର ନଭେମ୍ବର ୩୦ରେ ଅବସର ନେବେ। ଯଦି ରାଜ୍ୟ କେବଳ ୩ଟି ନାଁ ପଠାଇଥାନ୍ତା, ତେବେ ସେହି ୩ଟି ନାଁ ହିଁ ୟୁପିଏସସିରୁ ଫେରି ଆସିଥାନ୍ତା ଓ ପ୍ରକୃତ ଚୟନ ପାଇଁ ବିକଳ୍ପ ରହି ନଥାନ୍ତା। ୧୯୯୪ ବ୍ୟାଚର ସଞ୍ଜିବ ପଣ୍ଡା ଓ ଯଶୱନ୍ତ କୁମାର ଜେଠ୍ୱା ୩୦ବର୍ଷ ଚାକିରି ପୂରଣ କରି ୨୦୨୪ ଜାନୁୟାରୀ ୧ରୁ ଲେଭଲ-୧୬ ପାଇଁ ଯୋଗ୍ୟ ଥିଲେ ମଧ୍ୟ ସା ତିନି ବର୍ଷ ଧରି ପଦୋନ୍ନତି ଅପେକ୍ଷାରେ ରହିଥିଲେ ଓ ସେମାନେ ୨୦୨୮ ମସିହାରେ ଅବସର ନେବେ। ତେଣୁ କେନ୍ଦ୍ର ଗୃହ ମନ୍ତ୍ରଣାଳୟରୁ ଅସ୍ଥାୟୀ ଏକ୍ସକ୍ୟାଡର ପଦବୀ ମଞ୍ଜୁର କରାଇବାର ପ୍ରକ୍ରିୟା ୨୦୨୪ ମସିହାରୁ ଆରମ୍ଭ ହୋଇଥିଲା ଓ ୨୦୨୬ ଫେବୃୟାରୀ ୪ ତାରିଖରେ ଚିଠି ଲେଖାଯାଇଥିଲା, ଯାହାକି ମଇ ମାସରେ ୟୁପିଏସସିକୁ ତାଲିକା ପଠାଯିବାର ବହୁ ପୂର୍ବର ଘଟଣା।

## 'ପ୍ରଗତି ୫୦'ରେ ବିକଶିତ ହେବ ପୁରୀ ଓ ଭୁବନେଶ୍ୱର

ଭୁବନେଶ୍ୱର, ୨୯।୯(ମହାଭାରତ): ସହରାଞ୍ଚଳ ସ୍ୱଚ୍ଛତା ଓ ବୈଜ୍ଞାନିକ ବର୍ଜ୍ୟ ପରିଚାଳନା କ୍ଷେତ୍ରରେ ଓଡ଼ିଶାର ପ୍ରୟାସକୁ ଜାତୀୟ ସ୍ତରରେ ଆଉ ଏକ ସ୍ୱୀକୃତି ମିଳିଛି । କେନ୍ଦ୍ର ଗୃହ ଓ ନଗର ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ସ୍ୱଚ୍ଛ ଭାରତ ମିଶନ୍-ଅର୍ବାନ୍ ୨.୦ ଅଧୀନରେ ଆରମ୍ଭ ହୋଇଥିବା ପ୍ରଗତି୫୦ (ପ୍ରୋ ଆକ୍ଟିଭ୍ ଗଭର୍ଣ୍ଣାନ୍ସ ଆଣ୍ଡ ଟାଇମ୍‌ଲି ଇମ୍ପଲିମେଣ୍ଟେସନ୍) ପଦକ୍ଷେପ ପାଇଁ ଦେଶର ୨୪ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୫୦ଟି ସହର ମଧ୍ୟରେ ଓଡ଼ିଶାର ଭୁବନେଶ୍ୱର ଓ ପୁରୀକୁ ଚୟନ କରାଯାଇଛି।ଚୟନ ହୋଇଥିବା ସହରଗୁଡ଼ିକୁ 'ମଡେଲ୍ ସାନିଟେସନ୍ ସିଟି' ଭାବେ ବିକଶିତ କରିବା ପ୍ରଗତି ୫୦ର ମୂଳ ଲକ୍ଷ୍ୟ । ଏଥିପାଇଁ ବ୍ୟବସ୍ଥିତ ବର୍ଜ୍ୟ ପରିଚାଳନା, ବ୍ୟବହୃତ ଜଳ ପରିଚାଳନା, ସ୍ୱଚ୍ଛତା, ପରିମଳ ଓ ନାଗରିକ ଅଂଶଗ୍ରହଣ ଭଳି କ୍ଷେତ୍ରରେ ଲକ୍ଷ୍ୟଭିତ୍ତିକ ପଦକ୍ଷେପ ନିଆଯିବ।ନିୟମିତ ତଦାରଖ, ବୈଷୟିକ ମାର୍ଗଦର୍ଶନ ଓ ସୁସଂଗଠିତ ସହଯୋଗ ମାଧ୍ୟମରେ ଚୟନିତ ସହରଗୁଡ଼ିକରେ କାର୍ଯ୍ୟକାରୀ ଓ ସ୍ଥାୟୀ ସ୍ୱଚ୍ଛତା ବ୍ୟବସ୍ଥା ଗଢ଼ି ତୋଳାଯିବ ।ଆଜି (ମଙ୍ଗଳବାର) କେନ୍ଦ୍ର ଗୃହ ଓ ନଗର ବ୍ୟାପାର ମନ୍ତ୍ରୀ ମନୋହର ଲାଲ ଖଟ୍ଟରଙ୍କ ଅଧ୍ୟକ୍ଷତାରେ ଏହି ପ୍ରସଙ୍ଗରେ ଏକ ଆଭାସୀ ବୈଠକ ହୋଇଥିଲା। ଏଥିରେ କାର୍ଯ୍ୟକ୍ରମର ଜାତୀୟ ସ୍ତରରେ ଶୁଭାରମ୍ଭ ହୋଇଥିଲା। ଓଡ଼ିଶାର ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ କୃଷ୍ଣଚନ୍ଦ୍ର ମହାପାତ୍ର, ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ ବୈଠକରେ ଉପସ୍ଥିତ ଥିଲେ। ଆଲୋଚନା ସମୟରେ ଡଃ ମହାପାତ୍ର ଓଡ଼ିଶାରେ ବର୍ଜ୍ୟରୁ ସମ୍ପଦ ସୃଷ୍ଟି ଦିଗରେ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ । ଭୁବନେଶ୍ୱର, କଟକ ଓ ପୁରୀରେ କମ୍ପ୍ରେସ୍ଡ ବାୟୋ-ଗ୍ୟାସ୍ ପ୍ଲାଣ୍ଟ ପ୍ରତିଷ୍ଠା ଏବଂ ବର୍ଜ୍ୟରୁ ଚାରକୋଲ୍ ପ୍ରସ୍ତୁତି ପାଇଁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ତଥ୍ୟ ରଖିଥିଲେ।

## ୧୯ ଶିଳ୍ପ ପ୍ରକଳ୍ପକୁ ମଞ୍ଜୁରୀ, ୩୨୮୦ କୋଟି ପୁଞ୍ଜିନିବେଶ

ଭୁବନେଶ୍ୱର, ୨୯।୯(ମହାଭାରତ): : ବାୟୋ ଫୁଏଲ କ୍ଷେତ୍ରରେ ଇଣ୍ଡିଆନ ଅଏଲ କର୍ପୋରେସନ ( ଆଇଓସିଏଲ) କରିବ ବଡ ନିବେଶ । ୯୬୦ କୋଟି ଟଙ୍କା ନିବେଶ କରି ୮ ଜିଲ୍ଲାରେ କରିବ ବାୟୋ ଗ ପ୍ରକଳ୍ପ । ବାଲେଶ୍ୱର, ବଲାଙ୍ଗିର, ବରଗଡ, ଗଞ୍ଜାମ, କଳାହାଣ୍ଡି, କେନ୍ଦୁଝର, ମୟୂରଭଞ୍ଜ ଓ ସୁବର୍ଣ୍ଣପୁରରେ ହେବ ଏହି ପ୍ରକଳ୍ପ ।ରାଜ୍ୟସ୍ତରୀୟ ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି ବୈଠକରେ ଏହି ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି।

ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ୧୫୦ତମ ରାଜ୍ୟସ୍ତରୀୟ ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ୧୯ ଶିଳ୍ପ ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି। ଏଥିରେ ୩,୨୮୦.୫୮ କୋଟି ଟଙ୍କାର ନିବେଶ ହେବ। ୧୦,୬୬୧ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ବୟନ ଓ ପୋଷାକ , ଖାଦ୍ୟ ପ୍ରକ୍ରିୟାକରଣ, ଇସ୍ପାତ ଡାଉନଷ୍ଟ୍ରିମ୍, ଗ୍ଲୋବାଲ୍ କ୍ୟାପାବିଲିଟି ସେଣ୍ଟର, ଜୈବ-ଇନ୍ଧନ (ବାୟୋଫୁଏଲ୍), ରାସାୟନିକ ପଦାର୍ଥ ଓ ଉତ୍ପାଦନ , ପ୍ଲାଷ୍ଟିକ୍ ଏବଂ ପର୍ଯ୍ୟଟନ କ୍ଷେତ୍ରରେ ପ୍ରକଳ୍ପଗୁଡ଼ିକୁ ମଞ୍ଜୁରୀ ମିଳିଛି। ଅନୁଗୁଳ, ଦେବଗଡ, ଗଞ୍ଜାମ, ଜଗତ୍‌ସିଂହପୁର, ଝାରସୁଗୁଡା, କଟକ, ଖୋର୍ଦ୍ଧା, କୋରାପୁଟ, ପୁରୀ, ସୁନ୍ଦରଗଡ ଜିଲ୍ଲାରେ ଏହି ପ୍ରକଳ୍ପ ହେବ। ମୁଖ୍ୟ ଶାସନ ସଚିବ କହିଛନ୍ତି ଯେ ଆମର ଧ୍ୟାନ କେବଳ ନିବେଶ ଆକର୍ଷିତ କରିବା ଉପରେ ନୁହେଁ, ବରଂ ବିଭିନ୍ନ ଅଞ୍ଚଳରେ ଉତ୍ପାଦନକ୍ଷମ ନିଯୁକ୍ତି ସୃଷ୍ଟି ଏବଂ ଶିଳ୍ପ ଇକୋସିଷ୍ଟମକୁ ସୁଦୃଢ଼ କରିବା ଉପରେ ମଧ୍ୟ ରହିଛି।

ଡଲାର ଇଣ୍ଡଷ୍ଟ୍ରିଜ୍ ଖୋର୍ଦ୍ଧାରେ ଏକ ପୋଷାକ ଉତ୍ପାଦନ ୟୁନିଟ୍ ସ୍ଥାପନ କରିବ। ଏଥିରେ ୧୨୫ କୋଟି ନିବେଶ କରିବ। ୧୧୮୫ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ସେହିପରି ସାଇ ୱାର୍କୱେୟାର ପ୍ରାଇଭେଟ୍ ଲିମିଟେଡ୍ ପୁରୀରେ ଏକ ବୟନ ଉତ୍ପାଦନ ୟୁନିଟ୍ ସ୍ଥାପନ କରିବ। ଏଥିରେ ୫୯ କୋଟି ନିବେଶ ସହିତ ୩୬୫୦ ନିଯୁକ୍ତି ସୃଷ୍ଟି କରିବ। ଏହି ପ୍ରକଳ୍ପଗୁଡ଼ିକ ଓଡ଼ିଶାର ବୟନ ଏବଂ ବୈଷୟିକ ବୟନ ଇକୋସିଷ୍ଟମକୁ ମଜବୁତ କରିବ ବୋଲି ଆଶା କରାଯାଉଛି। ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ, ଜିଓଫାଷ୍ଟ ଇଣ୍ଡଷ୍ଟ୍ରିଜ୍ (ଇଣ୍ଡିଆ) ଲିମିଟେଡ୍ ଖୋର୍ଦ୍ଧାରେ ୧୨୦ କୋଟି ନିବେଶ କରିବ। ଜୟ ଭବାନୀ ଫୁଡ୍ସ ପ୍ରାଇଭେଟ୍ ଲିମିଟେଡ୍ କଟକରେ ୧୦୦ କୋଟି ନିବେଶ କରି ସମନ୍ୱିତ ଖାଦ୍ୟ ଏବଂ ମିଠା ସହ-ପ୍ୟାକେଜିଂ ୟୁନିଟ୍ ସ୍ଥାପନ କରିବ।

ଷ୍ଟିଲ୍ ଡାଉନଷ୍ଟ୍ରିମ୍ କ୍ଷେତ୍ରରେ ତିନୋଟି ନିବେଶ ହେବ। ଏସପିଏସ୍ ଅରିହନ୍ତ ଷ୍ଟିଲ୍ ଷ୍ଟ୍ରକ୍‌ଚର୍ସ ପ୍ରାଇଭେଟ୍ ଲିମିଟେଡ୍ ଦେବଗଡ଼ ଠାରେ ୧୪୦ କୋଟି ଟଙ୍କା ନିବେଶ କରିବ। ଷ୍ଟିଲ୍‌ଏଜ୍ ଫ୍ୟାବ୍ରିକେସନ୍ ସୁନ୍ଦରଗଡ଼ ଠାରେ ୧୦୮.୮୨ କୋଟି ଟଙ୍କା ନିବେଶ କରି ଏକ ଫ୍ୟାବ୍ରିକେସନ୍ ଓ ମେସିନିଂ ୟୁନିଟ୍ ସ୍ଥାପନ କରିବ । ଭୁବନେଶ୍ୱର ଉଦ୍‌ଯୋଗ ପ୍ରାଇଭେଟ୍ ଲିମିଟେଡ୍ କଟକ ଠାରେ ୧୦୧.୯୯ କୋଟି ଟଙ୍କା ନିବେଶ କରିବ। ଗ୍ଲୋବାଲ୍ କ୍ୟାପାବିଲିଟି ସେଣ୍ଟର 'ଟାଟା ପାୱାର' ଖୋର୍ଦ୍ଧା ଠାରେ ୫୪.୩୧ କୋଟି ଟଙ୍କା ନିବେଶ କରି ଏକ ଗ୍ଲୋବାଲ୍ କ୍ୟାପାବିଲିଟି ସେଣ୍ଟର' ସ୍ଥାପନ କରିବ। ସେହିପରି କିନେଟା ଗ୍ଲୋବାଲ୍ ଲିମିଟେଡ୍ ୧୭୦ କୋଟି ଟଙ୍କା ନିବେଶରେ ଗଞ୍ଜାମ ଜିଲ୍ଲାରେ ଜୈବ-ଗ୍ୟାସ୍ ଉତ୍ପାଦନ କେନ୍ଦ୍ର ସ୍ଥାପନ କରିବ ।



ରସାୟନ ଏବଂ ରାସାୟନିକ ଉତ୍ପାଦ କ୍ଷେତ୍ରରେ ଆକ୍ୱାପ୍ରୁଫ୍ ୱାଲକେୟାର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ୬୨.୬୪ କୋଟି ଟଙ୍କା ନିବେଶରେ କଟକଠାରେ ରସାୟନ ଉତ୍ପାଦନ କେନ୍ଦ୍ର ସ୍ଥାପନ କରିବ। ଆସିପିୟା କେମିକାଲ୍ସ ଆଣ୍ଡ ସଲଭେଣ୍ଟ ପ୍ରାଇଭେଟ୍ ଲିମିଟେଡ୍ ଜଗତସିଂହପୁରଠାରେ ପେଟ୍ରୋଲିୟମ୍ ଓ ପେଟ୍ରୋକେମିକାଲ୍ ସଲଭେଣ୍ଟ ଡିଷ୍ଟିଲେସନ୍ ୟୁନିଟ୍ ସ୍ଥାପନ କରିବ ।ରାମୁକା ଗ୍ଲୋବାଲ୍ ଏଲ୍‌ଏଲପି ୫୦.୧୫ କୋଟି ଟଙ୍କା ନିବେଶରେ ଅନୁଗୋଳଠାରେ ଲୁହା ଓ ଇସ୍ପାତ ସ୍ଲାଗ୍ ପ୍ରକ୍ରିୟାକରଣ କେନ୍ଦ୍ର ସ୍ଥାପନ କରିବ। ପ୍ଲାଷ୍ଟିକ୍ କ୍ଷେତ୍ରରେ ଶ୍ରୀ ଦକ୍ଷିଣେଶ୍ୱରୀ ମା' ପଲିଫ୍ୟାବ୍ସ ଲିମିଟେଡ୍ ଖୋର୍ଦ୍ଧାଠାରେ ଏକ କାରଖାନା ସ୍ଥାପନ କରିବ।

ପର୍ଯ୍ୟଟନ କ୍ଷେତ୍ରରେ ଗଞ୍ଜାମ, ଝାରସୁଗୁଡ଼ା, କୋରାପୁଟ ଏବଂ ପୁରୀ ଜିଲ୍ଲାରେ ପାଞ୍ଚଟି ପ୍ରମୁଖ ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି। ବିବିବି ହୋଟେଲ୍ ପ୍ରାଇଭେଟ୍ ଲିମିଟେଡ୍ ଗଞ୍ଜାମଠାରେ ୨୦୮.୦୪ କୋଟି ଟଙ୍କା ନିବେଶରେ ଏକ ୫-ତାରକା ହୋଟେଲ୍ ସ୍ଥାପନ କରିବ। ସେହିପରି ସି-ପର୍ଲ ଓଡ଼ିଶା ପ୍ରାଇଭେଟ୍ ଲିମିଟେଡ୍ ପୁରୀଠାରେଏକ ୫-ତାରକା ବିଚ୍ ରିସର୍ଟ ସ୍ଥାପନ କରିବ ।

## ସାହି ମସରୁମ୍



**ଆବଶ୍ୟକ ସାମଗ୍ରୀ:**

କଟା ଛତୁ, କଟା ପିଆଜ, କାଜୁ ବଟା, କସ୍ତୁରୀ ମେଥି, ଟମାଟୋ ପ୍ୟୁରି, ଗରମ ମସଲା, ଅଦା-ରସୁଣ ପେଷ୍ଟ, ଫ୍ରେଶ୍ କ୍ରିମ୍, ଗୁଣ୍ଡ ଗୋଲମରିଚ, ଦେଶୀ ଘିଅ ଓ ଲୁଣ।

**ପ୍ରସ୍ତୁତି ପ୍ରଣାଳୀ:**

କଡ଼େଇରେ ଘିଅ ଗରମ କରି ସେଥିରେ କଟା ପିଆଜକୁ ବାଦାମୀ ରଙ୍ଗ ହେବା ପର୍ଯ୍ୟନ୍ତ ଭାଜନ୍ତୁ। ପରେ ଅଦା-ରସୁଣ ପେଷ୍ଟକୁ ଦେଇ କଷନ୍ତୁ। ପରେ ସେଥିରେ ଟମାଟୋ ପ୍ୟୁରି ଦେଇ ଆଉ ଟିକେ କଷନ୍ତୁ ଏବଂ କିଛି ସମୟ ପରେ କାଜୁ ବଟା ଓ ଛତୁ ମିଶାଇ କଷନ୍ତୁ।

କିଛି ସମୟ ପରେ ଅଧା କପ୍ ପାଣି, ଲୁଣ, ଗୋଲମରିଚ ଗୁଣ୍ଡ ଓ ଅଳ୍ପ କସ୍ତୁରୀ ମେଥି ପକାଇ ୧୦ ମିନିଟ୍ ପର୍ଯ୍ୟନ୍ତ ଫୁଟାନ୍ତୁ। ତା'ପରେ ଫ୍ରେଶ୍ କ୍ରିମ୍ ଏବଂ ୧ମିନିଟ୍ ପରେ ଗରମ ମସଲା ପକାଇ ସାମାନ୍ୟ ଫୁଟାଇ ତଳକୁ ଓହ୍ଲାଇ ଦିଅନ୍ତୁ। ବର୍ତ୍ତମାନ ପ୍ରସ୍ତୁତ ହୋଇଗଲା 'ସାହି ମସରୁମ୍'। ଏହାକୁ ଆପଣ ରୁଟି, ପରଟା କିମ୍ବା ନାନ୍ ସହ ଖାଇପାରିବେ।

### ଖବର

## ପ୍ୟାରିସ୍‌ରେ ଛାଇଗଲେ ଐଶ୍ୱର୍ଯ୍ୟା



ପ୍ୟାରିସ୍‌ରେ ଫ୍ୟାଶନ୍‌ର ଜଲୱା। ଆଉ ସେହି ମଞ୍ଚରେ ଚମକିଲେ ବଲିଉଡ୍‌ର ବିଶ୍ୱସୁନ୍ଦରୀ ଐଶ୍ୱର୍ଯ୍ୟା ରାୟ ବଚ୍ଚନ। ବ୍ଲାକ୍ ଭେଲଭେଟ୍ ଗାଉନ୍‌ରେ ତାଙ୍କ ରାଜକୀୟ ଅନ୍ଦାଜ ଦେଖି ଫ୍ୟାନ୍‌ଙ୍କ ଆଖି ଅଟକି ଯାଇଛି। କେବଳ ଲୁକ୍ ନୁହେଁ, ଇଣ୍ଟରନ୍ୟାସନାଲ୍ ଷ୍ଟାର୍ଙ୍କ ସହ ରାମ୍ପ ୱାକ୍ କରି ପୁଣିଥରେ ଗ୍ଲୋବାଲ୍ ଫ୍ୟାଶନ୍ ମଞ୍ଚରେ ନିଜ ଦବଦବା ଦେଖାଇଛନ୍ତି ଐଶ୍ୱର୍ଯ୍ୟା। ସେପ୍ଟେମ୍ବର ୨୮ରେ ପ୍ୟାରିସ୍ ଫ୍ୟାଶନ୍ ୱିକ୍‌ରେ ଐଶ୍ୱର୍ଯ୍ୟା ରାୟ ବଚ୍ଚନ ସାମିଲ ହୋଇଥିଲେ। ଏହି ଇଭେଣ୍ଟରୁ ତାଙ୍କର ଅନେକ ଫଟୋ ଓ ଭିଡିଓ ଏବେ ସୋସିଆଲ୍ ମିଡିଆରେ ଭାଇରାଲ୍ ହେଉଛି। ଆଇଫେଲ୍ ଟାୱାର୍ ସାମ୍ନାରେ ପ୍ଲେସ୍ ଜୋଫ୍ରେରେ ଆୟୋଜିତ ଏହି ଫ୍ୟାଶନ୍ ଶୋ'ରେ ସେ କେଣ୍ଡଲ୍ ଜେନର୍ ଓ ଇଭା ଲଙ୍ଗୋରିଆଙ୍କ ଭଳି ଗ୍ଲୋବାଲ୍ ଆଇକନ୍‌ଙ୍କ ସହ ରାମ୍ପ ୱାକ୍ କରିଥିଲେ। ଐଶ୍ୱର୍ଯ୍ୟା ଲୋରିଆଲ୍ ପ୍ୟାରିସ୍‌ର 'ଲେ ଡେଫିଲ୍'ର ନବମ ସଂସ୍କରଣରେ ଗ୍ଲୋବାଲ୍ ଆମ୍ବାସାଡର୍ ଭାବେ ଅଂଶଗ୍ରହଣ କରିଥିଲେ। ଏଥର ଶୋ'ର ଥିମ୍ ଥିଲା 'ୱାକ୍ ୟୋର୍ ୱର୍ଥ'। ଆତ୍ମବିଶ୍ୱାସ, ବିବିଧତା ଏବଂ ମହିଳାଙ୍କ ଏକତାକୁ ନେଇ ଏହି ଥିମ୍ ରହିଥିଲା। ଏହି ଅବସରରେ ଐଶ୍ୱର୍ଯ୍ୟା ଡିଜାଇନର୍ ୟାରା ଶୁମାକରଙ୍କ ଡିଜାଇନ୍ କରିଥିବା ଶାନଦାର ବ୍ଲାକ୍ ଭେଲଭେଟ୍ ଗାଉନ୍ ପିନ୍ଧିଥିଲେ। ଗାଉନ୍ ସାଙ୍ଗକୁ କର୍ଲି ହେୟାର୍, ଟିଆରା, ଡ୍ୟୁଇ ମେକଅପ୍ ଏବଂ ରେଡ୍ ଲିପ୍‌ଷ୍ଟିକ୍ ତାଙ୍କ ଲୁକ୍‌କୁ ଆହୁରି ଆକର୍ଷଣୀୟ କରିଥିଲା। ସୋସିଆଲ୍ ମିଡିଆରେ ଫ୍ୟାନ୍‌ମାନେ ତାଙ୍କ ଏହି ରାଜକୀୟ ଲୁକ୍‌କୁ ନେଇ ଚର୍ଚ୍ଚା କରୁଛନ୍ତି ।

## ଅନନ୍ୟ ପର୍ଯ୍ୟଟନସ୍ଥଳୀ ମଣ୍ଡନଗିରୀ

ଖୋର୍ଦ୍ଧା ଜିଲ୍ଲା ବୋଲଗଡ ବ୍ଲକ ସଂପୁରସ୍ଥିତ ମଣ୍ଡନଗିରୀ ହେଉଛି ସର୍ବପୁରାତନ ରଘୁନାଥଙ୍କ ବିଜେସ୍ଥଳୀ। କାହିଁ କେଉଁ କାଳରୁ ରହି ଆସିଛି ଏହି ମନ୍ଦିରର ଐତିହାସିକ କିମ୍ବଦନ୍ତୀ। ପ୍ରକୃତି ରାଣୀ ସତେ ସଜାଇ ଦେଇଛି ଏହି ମନୋରମ ପର୍ବତମାଳା, ଝରଣାର କୁଳୁକୁଳୁ ନାଦ, ଚଢେଇର କିଚିରିମିଚିରି ଶବ୍ଦ ଓ ଭକ୍ତମାନଙ୍କର ମାନସିକ ପୁରଣ ହେବାର ସମ୍ପୂର୍ଣ୍ଣ ବିଶ୍ୱାସ। ସେଇଥି ପାଇଁ ବର୍ଷକ ବାର ମାସ ହଜାର ହଜାର ଶ୍ରଦ୍ଧାଳୁ ଏହି ସ୍ଥାନକୁ ଆସିଥାନ୍ତି। ସମୁଦ୍ର ପତ୍ତନ ଠାରୁ ୧୨ ଶହ ଫୁଟରେ ଜଳ ପୂର୍ଣ୍ଣ ପୁଷ୍କରୀଣୀ ଅତ୍ୟନ୍ତ ମନୋରମ। ମନ୍ଦରର ପୂର୍ବ ପାର୍ଶ୍ୱରେ ଠାକୁରଙ୍କ ପାଦ ଚିହ୍ନ, ବିଚାରସ୍ଥଳୀ, କାଶିଆକପିଳା ପାହାଡ, ସିଦ୍ଧ ଗୁମ୍ଫା, କିଆଝର, ବାଘ ଗୁମ୍ଫା ଭଳି ବିଭିନ୍ନ କିମ୍ବଦନ୍ତୀ ଏଠାରେ ଦେଖିବାକୁ ମିଳେ। ବର୍ତ୍ତମାନର ଆଧୁନିକ ଯୁଗରେ ସେଲିଫି ନେବା ପାଇଁ ବହୁ ଯୁବ ବର୍ଗଙ୍କ ପେଣ୍ଠସ୍ଥଳୀ ପାଲଟିଛି ଏହି ମଣ୍ଡନଗିରୀ ପର୍ବତମାଳା। ପର୍ଯ୍ୟଟନର ମାନ୍ୟତା ପାଇଥିଲେ ମଧ ଏଠାରେ ବହୁ ସମସ୍ୟା ଦେଖା ଦେଇଛି। ଏହି ସମସ୍ୟା ଗୁଡିକ ପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ସଞ୍ଜୟ ସ୍ୱାଇଁ, ଅବିନାଶ ମହାନ୍ତି, ସାମ୍ବାଦିକ ନିରଞ୍ଜନ ପଟ୍ଟନାୟକ, ପ୍ରଦୀପ ମହଲା, ପୁର୍ଣ୍ଣଚନ୍ଦ୍ର ଲେଙ୍କା, ଶେଷଦେବ ସ୍ୱାଇଁ, ପ୍ରଦିପ୍ତ ଘଡେଇ, ମାନସ ଲେଙ୍କା ତଥା ସମାଜସେବୀ ଓ ସଂପୁର ଗ୍ରାମବାସୀ ଦାବି ଜଣାଇଛନ୍ତି।



## କାମାଶ୍ରମର ନାମକରଣ

ଦଶରଥଙ୍କଠାରୁ ଅନୁମତି ପାଇଁ ଋଷି ବିଶ୍ୱାମିତ୍ରଙ୍କ ସହ ପ୍ରଭୁ ଶ୍ରୀରାମ ଓ ଲକ୍ଷ୍ମଣ ଯାତ୍ରା କଲେ । ଏହିପରି ଯାଉ ଯାଉ ପଥ ମଧ୍ୟରେ ଏକ ଆଶ୍ରମ ପଡ଼ିଲା । ସେହି ସମୟକୁ ସନ୍ଧ୍ୟା ଆଗତପ୍ରାୟ । କୁମାରଦ୍ୱୟ ପାଦରେ ଚାଲି ଚାଲି ପଥଶ୍ରାନ୍ତ ହୋଇଥିବେ ମନେ କରି ବିଶ୍ୱାମିତ୍ର ସେହି ଆଶ୍ରମ ମଧ୍ୟକୁ ପ୍ରବେଶ କଲେ ଏବଂ କୁମାରଦ୍ୱୟଙ୍କୁ ତାଙ୍କ ପଛରେ ଆସିବାକୁ ନିର୍ଦ୍ଦେଶ ଦେଲେ । ବିଶ୍ୱାମିତ୍ର ଯେଉଁ ଆଶ୍ରମରେ ବିଶ୍ରାମ ନେଲେ, ସେହି ଆଶ୍ରମର ଋଷି ଓ ଶିଷ୍ୟମାନେ ଆସି ବିଶ୍ୱାମିତ୍ରଙ୍କୁ ବହୁତ୍ ସମାଦନ ସହକାରେ ଗ୍ରହଣ କଲେ । ବିଶ୍ୱାମିତ୍ର ଅଯୋଧ୍ୟାର ରାଜକୁମାରଙ୍କ ପରିଚୟ ସେହି ଆଶ୍ରମବାସୀଙ୍କୁ ଜଣାଇଲେ ।



ଆଶ୍ରମବାସୀ ରାମ ଲକ୍ଷ୍ମଣଙ୍କୁ ଦେଖି ବହୁତ ଆନନ୍ଦ ଅନୁଭବ କଲେ । ବିଶ୍ୱାମିତ୍ର ଓ ରାଜକୁମାରଦ୍ୱୟଙ୍କୁ ସ୍ୱାଦିଷ୍ଟ ଫଳମୂଳ ଦ୍ୱାରା ସତ୍କାର କଲେ ଏବଂ ରାତ୍ରରେ ଶୟନ ପାଇଁ କୋମଳପତ୍ର ବିଛଣା ପ୍ରସ୍ତୁତ କରିଦେଲେ । ଶୟନ ସମୟରେ ରାମ ଲକ୍ଷ୍ମଣ ଗୁରୁଙ୍କ ପଦସେବା କରିବା ସମୟରେ ରାମ କହିଲେ, ଗୁରୁଦେବ ! ଏହି ଆଶ୍ରମର ନାମ କ'ଣ ଦୟାକରି ଜଣାନ୍ତୁ । ବିଶ୍ୱାମିତ୍ର କହିଲେ, ବତ୍ସ !ଏହି ଆଶ୍ରମର ନାମ ହେଉଛି 'କାମାଶ୍ରମ' । ଏହି ସ୍ଥାନରେ ଭଗବାନ ଶଙ୍କର ତପସ୍ୟା କରୁଥିଲେ । ସ୍ୱର୍ଗରୁ ନରକାସୁର ଉତ୍ପାତ ଆରମ୍ଭ କରିଦେଲା । ଭଗବାନ ଶଙ୍କରଙ୍କର ଶକ୍ତି ନ ହେଲେ ସେହି ଦାନବର ମୃତ୍ୟୁ ହେବ ନାହିଁ । ତେଣୁ ଦେବରାଜ ଇନ୍ଦ୍ର ଭଗବାନ ଶଙ୍କର ତପଃ ଭଗ୍ନ ପାଇଁ କାମଦେବକୁ ସେହି ସ୍ଥାନକୁ ପଠାଇଥିଲେ । ସେଠାରେ କାମଦେବ ଫୁଲଶର ମାରି ପ୍ରଭୁଙ୍କ ତପ ଭଗ୍ନ କରିଥିଲେ । କାମଦେବ ଭସ୍ମ ହୋଇଯିବା ପରେ ଭଗବାନ ଶିବ ତାଣ୍ଡବ ନୃତ୍ୟ କରିବାକୁ ଲାଗିଲେ । ଦେବଗଣ ଦେବୀ ପାର୍ବତୀଙ୍କୁ ସହାୟତାରେ ମହଦେଙ୍କ ନିୟମନ୍ତ୍ରଣ କଲେ। ଏହାଦ୍ୱାରା କାର୍ତ୍ତିକେୟ ଜନ୍ମ ନେଲେ। କାର୍ତ୍ତିକେୟ ନରକାସୁରକୁ ସଂହାର କଲେ । କାମଦେବଙ୍କ ପତ୍ନୀ ରତି ଦେବୀ ବିଳାପ କଲେ ଓ ଶିବଙ୍କୁ ପୂଜା କଲେ । ଭଗବାନ ଶିବ ସନ୍ତୁଷ୍ଟ ହୋଇ ଏହି ଆଶ୍ରମ ତିଆରି କରିଦେଲେ । ରତି ସେହିଦିନରୁ ଏହି ଆଶ୍ରମରେ ଅଛନ୍ତି । ଏହି ଆଶ୍ରମର ନାମ ସେଥିଯୋଗୁଁ କାମଦେବଙ୍କ ନାମରେ କାମାଶ୍ରମ ହୋଇଛି । ବିଶ୍ୱାମିତ୍ର କହିଲେ ହେ ରାମ / ରାତ୍ରି ଗଭୀର ହେଲା । ଏବେ ବିଶ୍ରାମ ନିଅ, କାଲି ବହୁତ୍ ଦୂରପଥ ଯାତ୍ରା କରିବାକୁ ହେବ। ରାମଲକ୍ଷ୍ମଣ ଗୁରୁଙ୍କ ନିର୍ଦ୍ଦେଶାନୁସାରେ ବିଶ୍ରାମ ନେଲେ ।

## ସୌନ୍ଦର୍ଯ୍ୟରେ ଭରପୂର ଭାରତର ଶେଷ ରାସ୍ତା



ସାସିଆଲ ମିଡିଆରେ ବର୍ତ୍ତମାନ ଭାରତର ଶେଷ ରାସ୍ତାର ଭିଡିଓ ବେଶ୍ ଭାଇରାଲ୍ ହେଉଛି। ଏହି ଭିଡିଓ ତାମିଲନାଡୁର ଧନୁଷକୋଡିରୁ ଆସିଛି। ଯାହା ଭାରତ ସରକାରର ନିଜର ଟ୍ୱିଟର ହ୍ୟାଣ୍ଡେଲରେ ପୋଷ୍ଟ କରିଛନ୍ତି। ଭିଡିଓଟିରେ ଦେଖାଯାଉଛି ରାସ୍ତାର ଚାରି ପାଖରେ ସମୁଦ୍ର ଘେରି ରହିଛି। ଭାରତ ସରକାର ଏହି ଭିଡିଓକୁ ଫେବ୍ରୁଆରୀ ୬ରେ ସେୟାର କରିଛନ୍ତି। କ୍ୟାପସନ୍‌ରେ ଲେଖାଯାଇଥିଲା, ଚମତ୍କାର ସୌନ୍ଦର୍ଯ୍ୟକୁ ଦେଖନ୍ତୁ। ତାମିଲନାଡୁର ଧନୁଷକୋଡିରେ ଭାରତର ଶେଷ ରାସ୍ତାର ମନମୁଗ୍ଧ କରୁଥିବା ଦୃଶ୍ୟ ଦେଖନ୍ତୁ। ଏହି ଭିଡିଓକୁ ଥିରୁମାଲା ସଞ୍ଚାରୀ ଡ୍ରୋନ କ୍ୟାମେରାରେ କଏଦ କରିଛନ୍ତି। ଏଥିରେ ଭାରତର ଶେଷ ରାସ୍ତା 'ଅରିଚଲ ମୁନାଇ'ର ପ୍ରାକୃତିକ ସୌନ୍ଦର୍ଯ୍ୟ ଦେଖାଯାଉଛି। ବର୍ତ୍ତମାନ ଇଣ୍ଟରନେଟ୍‌ରେ ଏହାର ଭିଡିଓ ବେଶ ଭାଇରାଲ ହେଉଛି। ଲୋକେ ଏହାକୁ ବେଶ ପସନ୍ଦ କରୁଛନ୍ତି। କିଛି ଲୋକେ ଏହି ସ୍ଥାନର ତୁଳନା ଶିବଲିଙ୍ଗ ସହ ମଧ କରୁଛନ୍ତି। ଏଥିରେ ୧୧ ହଜାରରୁ ଅଧିକ ଲୋକେ ଲାଇକ୍ କରିଛନ୍ତି। ଜଣେ ଲେଖିଛନ୍ତି, ସୌନ୍ଦର୍ଯ୍ୟ ଓ ସ୍ମରଣୀୟ। ଅନ୍ୟ ଜଣେ ଲେଖିଛନ୍ତି, ଅବିଶ୍ୱସନୀୟ ଭାରତ। ତାମିଲନାଡୁର ରାମେଶ୍ୱରମ ଦ୍ୱୀପର ଦକ୍ଷିଣ-ପୂର୍ବରେ ସ୍ଥିତ ଧନୁଷକୋଡି ଏକ ଶାନ୍ତ ସହର। ଏହି ସ୍ଥାନର ବିଶେଷ ଆଧ୍ୟାତ୍ମିକ ମହତ୍ତ୍ୱ ରହିଛି। ଏଠାରେ ଭାରତର ଶେଷ ରାସ୍ତା ରହିଛି। ଚାରିପାଖରେ କେବଳ ସମୁଦ୍ର ରହିଛି, ଏହି କାରଣରୁ ଭଗବାନ ରାମ ଓ ତାଙ୍କ ସେନା ଲଙ୍କା ପର୍ଯ୍ୟନ୍ତ ପହଞ୍ଚିବା ପାଇଁ ସେତୁ ନିର୍ମାଣ କରିଥିଲେ ବୋଲି ମାନ୍ୟତା ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ ଅଯୋଧାରେ ରାମ ମନ୍ଦିର ପ୍ରତିଷ୍ଠା ପୂର୍ବରୁ ଅରିଚଲ ମୁନାଇ ଗସ୍ତ କରିଥିଲେ। ୩ ଦିଗରେ ସମୁଦ୍ର ରହିଥିବା ବେଳେ ଏହାକୁ ଭାରତ ଓ ଶ୍ରୀଲଙ୍କାର ସ୍ଥଳଭାଗରେ ଯୋଗାଯୋଗର ମାଧ୍ୟମ ବୋଲି ଜଣାଯାଏ। ବର୍ତ୍ତମାନ ଏହା ଏକ ପ୍ରମୁଖ ପର୍ଯ୍ୟଟନ କ୍ଷେତ୍ର ଭାବେ ଜଣାଶୁଣା। ଏଠାରେ ପ୍ରତିବର୍ଷ ଲକ୍ଷାଧିକ ଲୋକେ ଏକାଠି ହୋଇଥାଆନ୍ତି।

## ବର୍ଷାଦିନେ କଇଁଥ ଖାଇବାର ଲାଭ

ବର୍ଷା ଋତୁରେ ସାଧାରଣତଃ ଅନେକ ଲୋକଙ୍କୁ ଥଣ୍ଡା, ଜ୍ୱର ଭଳି ସମସ୍ୟା ହୋଇଥାଏ । ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି କମ ଥିଲେ ଏସବୁ ରୋଗ ଅତି ସହଜରେ ହୋଇଥାଏ । ତେବେ ଆଜି ଆମେ ଆପଣଙ୍କୁ ଏମିତି ଏକ ଫଳ ବାବଦରେ



କହିବୁ, ଯାହାକୁ ବର୍ଷାଦିନେ ଖାଇବା ଦ୍ୱାରା ଅନେକ ଲାଭ ମିଳିଥାଏ । ଏହି ଫଳଟି ହେଉଛି କଇଁଥ ।

**୧. ବର୍ଷା ଋତୁରେ କଇଁଥ ଖାଇବାର ଆବଶ୍ୟକତା**

ବର୍ଷା ଦିନେ ବିଭିନ୍ନ ପ୍ରକାରର ପେଟ ସଂକ୍ରମଣ ଓ ହଜମ ଜନିତ ସମସ୍ୟା ଦେଖାଦେଇଥାଏ। କଇଁଥର ଖଟା-ମିଠା ସ୍ୱାଦ କେବଳ ପାଟିକୁ ସ୍ୱାଦିଷ୍ଟ ଲାଗେନାହିଁ, ବରଂ ଏଥିରେ ଥିବା ଆଣ୍ଟି-ଅକ୍ସିଡାଣ୍ଟ, ଭିଟାମିନ୍ ସି, କ୍ୟାଲସିୟମ୍, ଆଇରନ୍ ଓ ଫାଇବର ଶରୀରର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସାହାଯ୍ୟ କରେ।

**୨. ଗର୍ଭବତୀ ମହିଳାଙ୍କ ପାଇଁ ବିଶେଷ ଲାଭ**

ଗର୍ଭାବସ୍ଥାରେ କୋଷ୍ଠକାଠିନ୍ୟ ଏକ ସାଧାରଣ ସମସ୍ୟା। କଇଁଥରେ ପ୍ରଚୁର ପରିମାଣରେ ଫାଇବର ଥିବାରୁ ଏହା ପେଟ ସଫା ରଖିବାରେ ଏବଂ ହଜମ କ୍ଷମତା ବଢ଼ାଇବାରେ ସାହାଯ୍ୟ କରେ। ଏଥିରେ ଥିବା ପୋଟାସିୟମ୍ ଶରୀରରେ ଫ୍ଲୁଇଡ୍ (ତରଳ ପଦାର୍ଥ) ଏବଂ ଇଲେକ୍ଟ୍ରୋଲାଇଟ୍ ସନ୍ତୁଳନ ରଖିବାରେ ସାହାଯ୍ୟ କରେ। ଗର୍ଭାବସ୍ଥାରେ ଦେଖାଯାଉଥିବା ଝାଡ଼ା, ବାନ୍ତି ଓ ଏସିଡିଟିରୁ ଏହା ଉପଶମ ଦେଇଥାଏ।

**୩. ଅନ୍ୟାନ୍ୟ ସ୍ୱାସ୍ଥ୍ୟ ଉପକାରିତା**

**କିଡ୍?ନୀ ଓ ଲିଭର୍ ସୁସ୍ଥ ରଖେ:** କଇଁଥରେ ଥିବା ଆଣ୍ଟି-ଅକ୍ସିଡାଣ୍ଟ କିଡ୍?ନୀ ଏବଂ ଲିଭରକୁ ସଂକ୍ରମଣରୁ ରକ୍ଷା କରିଥାଏ।ସେହିପରି ଏହା ରକ୍ତରେ ଖରାପ କୋଲେଷ୍ଟ୍ରୋଲ୍ ସ୍ତରକୁ କମାଇବାରେ ସାହାଯ୍ୟ କରେ। ଏହାର ସର୍ବତ/ଜୁସ୍ ପିଇବା ଦ୍ୱାରା ଶରୀର ଡିହାଇଡ୍ରେସନ୍‌ରୁ ରକ୍ଷା ପାଏ ଓ ତୁରନ୍ତ ଶକ୍ତି ମିଳିଥାଏ।ହଁ, ମନେରଖିବେ ଯେ ଗର୍ଭବତୀ ମହିଳାମାନେ କଇଁଥ ସୀମିତ ପରିମାଣରେ ଖାଇବା ଉଚିତ୍। ଅଧିକ ପରିମାଣରେ ଖାଇଲେ ପେଟ ଗ୍ୟାସ୍ କିମ୍ବା ବଦହଜମି ହୋଇପାରେ। କୌଣସି ଖାଦ୍ୟ ପରିବର୍ତ୍ତନ ପୂର୍ବରୁ ଡାକ୍ତରଙ୍କ ପରାମର୍ଶ ନେବା ଭଲ।

# ପଣ୍ଡିତ ଦୀନଦୟାଲଙ୍କ ଅନ୍ତ୍ୟୋଦୟ ସମୃଦ୍ଧ ଓଡ଼ିଶା ଗଠନର ମୂଳଦୁଆ

**ଭୁବନେଶ୍ୱର, ୨୯।୯ (ମହାଭାରତ):** ରାଷ୍ଟ୍ରବାଦୀ ଜନନାୟକ, ଆଧୁନିକ ଭାରତର ଅନନ୍ୟ ଦାର୍ଶନିକ ତଥା ସାଂସ୍କୃତିକ ରାଷ୍ଟ୍ରବାଦର ଅଗ୍ରଣୀ ପ୍ରଣେତା ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଆଦର୍ଶ, 'ଏକାତ୍ମ ମାନବବାଦ' ଓ 'ଅନ୍ତ୍ୟୋଦୟ' ବିଚାରଧାରା ହିଁ ଶାସନ ବ୍ୟବସ୍ଥାର ମୂଳ ଆଧାର। ସମାଜର ସବା ଶେଷ ପାହାଚରେ ଠିଆ ହୋଇଥିବା ବ୍ୟକ୍ତି ନିକଟରେ ବିକାଶର ସୁଫଳ ପହଂଚାଇବା ଏବଂ ଓଡ଼ିଶାକୁ ଏକ ସମୃଦ୍ଧ, ସ୍ୱାବଲମ୍ବୀ ଓ ସ୍ୱାଭିମାନୀ ରାଜ୍ୟ ଭାବେ ଗଢ଼ିତୋଳିବା ଆମ ସରକାରଙ୍କ ମୁଖ୍ୟ ଲକ୍ଷ୍ୟ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ରାଷ୍ଟ୍ରବାଦୀ ଜନନାୟକ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ୧୧୧ତମ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ ଅବସରରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସ୍ଥାନୀୟ ଜୟଦେବ ଭବନଠାରେ ଆୟୋଜିତ ବିଶେଷ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏହା କହିଛନ୍ତି। ମୁଖ୍ୟମନ୍ତ୍ରୀ ନିଜ ବକ୍ତବ୍ୟରେ କହିଛନ୍ତି ଯେ, ପଣ୍ଡିତ ଦୀନଦୟାଲଜୀ ଭାରତୀୟ ରାଜନୈତିକ ଦର୍ଶନରେ 'ଭାରତୀୟତା'ର ଏକ ନୂତନ ଦିଗନ୍ତ ସୃଷ୍ଟି କରିଥିଲେ। ସେ ପାଶ୍ଚାତ୍ୟ କ୍ୟାପିଟାଲିଜିମ୍, ସୋସିଆଲିଜିମ୍ କିମ୍ବା କମ୍ୟୁନିଜିମ୍ ପରି ଧାରଣାକୁ ପ୍ରତ୍ୟାଖ୍ୟାନ କରି ଭାରତ ପାଇଁ ଏକ 'ସ୍ୱଦେଶୀ ଇଜିମ୍'ର ସୂତ୍ର ଦେଇଥିଲେ। ଏହି ସୂତ୍ର ହେଉଛି 'ଏକାତ୍ମ ମାନବବାଦ'। ପାଶ୍ଚାତ୍ୟ 'ନେସନ ଷ୍ଟେଟ' ବ୍ୟବସ୍ଥା ଅପେକ୍ଷା ଭାରତର ସନାତନ ପରମ୍ପରା, ସଂସ୍କୃତି ଓ ସଭ୍ୟତା ବହୁ ପ୍ରାଚୀନ ବୋଲି ସେ ଦୃଢ଼ତାର ସହ ପ୍ରତିପାଦିତ କରିଥିଲେ। କେବଳ ଭୌତିକ ସୁଖ ସ୍ୱଚ୍ଛନ୍ଦ ନୁହେଁ, ବରଂ ମଣିଷର ଶରୀର, ମନ, ବୁଦ୍ଧି ଓ ଆତ୍ମାର ସନ୍ତୁଳିତ ବିକାଶ ଏବଂ ନୈତିକ କର୍ତ୍ତବ୍ୟ ପାଳନ ହିଁ ମାନବ ସମାଜର ମୁଖ୍ୟ ମାର୍ଗ ବୋଲି ପଣ୍ଡିତଜୀ ଦର୍ଶାଇଥିଲେ।

ସ୍ୱାଧୀନତା ପରେ ଦୀର୍ଘ ପାଂଚ ଦଶନ୍ଧି ଧରି ପଣ୍ଡିତଜୀଙ୍କ ଏହି ଦୂରଦୃଷ୍ଟିସମ୍ପନ୍ନ ଚିନ୍ତାଧାରା ଅଣଦେଖା ହୋଇ ରହିଥିବା ନେଇ ମୁଖ୍ୟମନ୍ତ୍ରୀ ଦୁଃଖ ପ୍ରକାଶ କରିଥିଲେ। ତେବେ ୨୦୧୪ ମସିହାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ ଦେଶର ଦାୟିତ୍ୱ ଗ୍ରହଣ କରିବା ପରେ 'ଅନ୍ତ୍ୟୋଦୟ'ର ସ୍ୱର ପୁନର୍ବାର ଗୁଞ୍ଜରିତ ହୋଇଛି ବୋଲି ସେ କହିଥିଲେ। ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ ଅବସରରେ ଦେଶବ୍ୟାପୀ ଚାଲିଥିବା ମାସବ୍ୟାପୀ 'ସେବା ସଂକଳ୍ପ ଅଭିଯାନ' ମାଧ୍ୟମରେ ସ୍ୱାସ୍ଥ୍ୟ ଶିବିର, ରକ୍ତଦାନ, ଗରିବ କଲ୍ୟାଣ, କୌଶଳ ବିକାଶ ଓ ସ୍ୱଚ୍ଛତା ଅଭିଯାନ ଆଦି କାର୍ଯ୍ୟକ୍ରମ ସୀମାନ୍ତ ବ୍ୟକ୍ତିଙ୍କ ପାଖରେ ପହଂଚାଯାଉଛି। ଉଜ୍ଜ୍ୱଳା, ଜନଧନ,




ପ୍ରଧାନମନ୍ତ୍ରୀ ଆବାସ, ଆୟୁଷ୍ମାନ ଭାରତ ଓ 'ମେକ୍ ଇନ୍ ଇଣ୍ଡିଆ' ଭଳି ଯୋଜନା ପଣ୍ଡିତଜୀଙ୍କ ଅନ୍ତ୍ୟୋଦୟ ଓ ଆତ୍ମନିର୍ଭରଶୀଳତାର ସ୍ୱପ୍ନକୁ ସାକାର କରୁଛି ବୋଲି ସେ କହିଥିଲେ। ରାଜ୍ୟରେ ଡବଲ ଇଞ୍ଜିନ ସରକାରଙ୍କ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ବଞ୍ଚିତ ହୋଇଥିବା ହିତାଧିକାରୀଙ୍କ ପାଇଁ 'ଅନ୍ତ୍ୟୋଦୟ ଗୃହ ଯୋଜନା' କାର୍ଯ୍ୟକାରୀ କରାଯାଉଛି। ଏଥିସହିତ କଳିଙ୍ଗନଗର, ଝାରସୁଗୁଡ଼ା, ରାଉରକେଲା, ଭୁବନେଶ୍ୱର, ଜଗତପୁର, କେନ୍ଦୁଝର ଓ ଦାମନଯୋଡ଼ି ଭଳି ଶିଳ୍ପାଞ୍ଚଳରେ ଶ୍ରମିକମାନଙ୍କ ପାଇଁ 'ଶିଳ୍ପାଞ୍ଚଳରେ ଦୀନଦୟାଲ କର୍ମଚାରୀ ନିବାସ' ଯୋଜନାରେ ଆପାର୍ଟମେଣ୍ଟ ଓ ହଷ୍ଟେଲ ନିର୍ମାଣ କରାଯାଉଛି ବୋଲି ସେ କହିଥିଲେ। ସେ ଆହୁରି କହିଥିଲେ ଯେ, ରାଜ୍ୟର ୮୦ ପ୍ରତିଶତ ଲୋକଙ୍କୁ 'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା'ରେ ଅତିରିକ୍ତ ୫ କେଜି ବିନା ମୂଲ୍ୟରେ ଚାଉଳ ଦିଆଯାଉଛି। ମହିଳାମାନଙ୍କ ପାଇଁ 'ସୁଭଦ୍ରା ଯୋଜନା', 'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ' ଯୋଜନା ସଫଳତାର ସହ ଚାଲୁରହିଛି। ଏହା ସହିତ ସ୍ନାତକ ପରେ ୧ ଲକ୍ଷ ଟଙ୍କାର ସହାୟତା ପାଇଁ 'ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ ଯୋଜନା'ର ପରିକଳ୍ପନା ମଧ୍ୟ କରାଯାଇଛି। 'ସମୃଦ୍ଧ କୃଷକ ଯୋଜନା'ରେ ୧୯ ଲକ୍ଷ ଚାଷୀ ଧାନର ମୂଲ୍ୟ ବାବଦକୁ ୩୧୦୦ ଟଙ୍କା ପାଉଥିବା ବେଳେ ବିଗତ ଦୁଇ ବର୍ଷ ତିନି ମାସ ମଧ୍ୟରେ ରାଜ୍ୟକୁ ୨୨.୫୦ ଲକ୍ଷ କୋଟି ଟଙ୍କାର ନିବେଶ ପ୍ରସ୍ତାବ ଆସିଛି ବୋଲି ସେ କହିଥିଲେ। ଜୟଦେବ ଭବନଠାରେ ଆୟୋଜିତ ଏହି ସମାରୋହରେ ଏକାମ୍ର-ଭୁବନେଶ୍ୱର ବିଧାୟକ ଶ୍ରୀ ବାବୁ ସିଂ ପଣ୍ଡିତ ଦୀନଦୟାଲଜୀଙ୍କ ଜୀବନ ଦର୍ଶନ, ସାଂସ୍କୃତିକ ଜାତୀୟତାବାଦ ଏବଂ ଗ୍ରାମୀଣ ସ୍ୱାବଲମ୍ବନ ଉପରେ ବିଶେଷ ଆଲୋକପାତ କରିଥିଲେ। ଶ୍ରୀ ସିଂ ନିଜ ବକ୍ତବ୍ୟରେ ଦର୍ଶାଇଥିଲେ ଯେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ କେବଳ ଜଣେ ରାଜନେତା ନଥିଲେ, ବରଂ ଜନସେବାକୁ ଶାସନର ମୁଖ୍ୟ ବ୍ରତ ଭାବେ ଗ୍ରହଣ କରିଥିବା ଜଣେ ମହାନ ଦୂରଦ୍ରଷ୍ଟା ଥିଲେ। ତାଙ୍କ ପ୍ରଣୀତ 'ଅନ୍ତ୍ୟୋଦୟ' ବିଚାରଶୈଳୀ ଆଜି ପ୍ରତ୍ୟେକ ଜନପ୍ରତିନିଧି ପାଇଁ ମାର୍ଗଦର୍ଶକ। ସମାଜର ନିଷ୍ପେଷିତ ଓ ବଂଚିତ ବର୍ଗଙ୍କୁ ମୁଖ୍ୟସ୍ରୋତକୁ ଆଣିବା ଏବଂ ସେମାନଙ୍କର ଆର୍ଥିକ ତଥା ସାମାଜିକ ଉନ୍ନତି ସାଧନ କରିବା ହିଁ ପ୍ରକୃତ ରାଷ୍ଟ୍ରନିର୍ମାଣ। କାର୍ଯ୍ୟକ୍ରମରେ ସ୍ତମ୍ଭକାର, ଲେଖକ ତଥା ଗବେଷକ ଡ. ଶିବ ଶକ୍ତି ନାଥ ବକ୍ସି ସଭାରେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ 'ଏକାତ୍ମ ମାନବବାଦ' ଓ 'ଅନ୍ତ୍ୟୋଦୟ' ବିଚାରଧାରାକୁ ଆଧୁନିକ ରାଷ୍ଟ୍ରନିର୍ମାଣ ତଥା ସାମାଜିକ କଲ୍ୟାଣର ଶ୍ରେଷ୍ଠ ମାର୍ଗ ଭାବେ ବର୍ଣ୍ଣନା କରିଥିଲେ। ଏଥିସହିତ ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ହେମନ୍ତ ଶର୍ମା ଏବଂ ନିର୍ଦ୍ଦେଶକ ଶ୍ରୀ ସଞ୍ଜୟ କୁମାର ବିଶ୍ୱାଳଙ୍କ ସମେତ ଅନେକ ଅତିଥି ଉପସ୍ଥିତ ଥିଲେ।

## ଏମ୍ଏମ୍ଡିଆର ବିଲ୍ ପ୍ରତ୍ୟାହାର ପାଇଁ ମଜଦୁର କଂଗ୍ରେସର ଦାବି

**ଭୁବନେଶ୍ୱର, ୨୯।୯ (ମହାଭାରତ):** ଏମ୍ଏମ୍ଡିଆର ବିଲ ପାସ ହେବା ଫଳରେ ରାଜ୍ୟମାନଙ୍କର ଅଧିକାର ସଙ୍କୁଚିତ ହୋଇଛି। ବିଶେଷ ଭାବରେ ଓଡ଼ିଶା ସମେତ ଅଧିକ ଖଣି ଖାଦନ ଥିବା ୧୫ ଟି ରାଜ୍ୟ କ୍ଷତିଗ୍ରସ୍ତ



ହେବେ। ଓଡ଼ିଶା ରାଜ୍ୟ ବକେୟା ଦେୟ ୧ ଲକ୍ଷ ୧୦ ହଜାର କୋଟି ଅର୍ଥରାଶି ହରାଇବା ସହିତ ପ୍ରତିବର୍ଷ ୧୨ ହଜାର କୋଟି ଟଙ୍କା ହରାଇବ। ଏହି ବିଲ ଜଙ୍ଗଲ, ଜମି, ଜଳ ଅଧିକାର ଉପରେ କେନ୍ଦ୍ର ସରକାର ଅନୈତିକପ ହସ୍ତକ୍ଷେପ, ଫଳରେ ଆଦିବାସୀ ଓ ଜଙ୍ଗଲ ଅଧିବାସୀ ଭାବେ କର୍ମଚାରୀ ଅଧିକ କ୍ଷତିଗ୍ରସତ ହେବା ଉଦେଶ୍ୟମୂଳକ ଭାବେ ୨୪ ମସିହାରେ ସୁପ୍ରିମ୍‌କୋର୍ଟର ୬ ଜଣିଆ ବେଂଚ ଦେଇଥିବା ରାୟକୁ ଅକାମୀ କରିବା ପାଇଁ ଉଦେଶ୍ୟମୂଳକ ଭାବେ ଏହି ବିଲ ସଂସଦରେ ପାସ କରାଯାଇଛି। ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ତରଫରୁ ଆଜିର ବୈଠକରେ ଏହି ବିଲ୍‌କୁ ତୀବ୍ର ବିରୋଧ କରିବା ସଂଗେ ସଂଗେ ଏହି ଆଇନ୍‌କୁ ତୁରନ୍ତ ଲାଗୁ କରିବା ପାଇଁ ଦାବୀ କରାଯାଇଛି। ଆଇଏନ୍‌ଟିୟୁସି ରାଜ୍ୟସ୍ତରୀୟ ସଭାପତି ଡ. ରାମଚନ୍ଦ୍ର ଖୁଂଟିଆ ଏହି ବୈଠକରେ ପୌରହିତ କରିଥିଲେ। ବୈଠକରେ ଏହାକୁ ଘୋର ବିରୋଧ କରାନଗଲେ ଅନେକ ଶ୍ରମିକ ମାନେ ମଧ୍ୟ ମଜୁରୀ ପାଇବାରୁ ବଂଚିତ ହେବେ। ଅନ୍ୟଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ମଧ୍ୟ ଆଲୋଚନା କରାଯାଇଥିଲା। ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ତରଫରୁ ଓଡ଼ିଶାରେ କାର୍ଯ୍ୟରତ ସମସ୍ତ ପିଏସ୍‌ୟୁମାନେ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଚଳିତ ଲେବର କୋଡ ଆଇନକୁ ତୁରନ୍ତ ଲାଗୁକରି ସମସ୍ତ ଠିକା ଶ୍ରମିକମାନଙ୍କୁ ନିଯୁକ୍ତିପତ୍ର, ପରିଚୟ ପତ୍ର, ପ୍ରଦାନ ଓ ପ୍ରତିମାସ ୩ ତାରିଖରେ ଶ୍ରମିକମାନଙ୍କୁ ଦରମା ପ୍ରଦାନ କରିବା ସହିତ ଆଇନ ଅନୁଯାୟୀ କାରଖାନାରେ ସୁରକ୍ଷା ପରିବେଶ, ସ୍ୱାସ୍ଥ୍ୟ ଏବଂ କ୍ୟାଣ୍ଟିନ୍‌କୁ ପରିଚାଳନା କରିବା ଉପରେ ଡିସିଏଲସିକୁ ଚିଠି ଦେଇଛନ୍ତି। କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ସାଧାରଣ ସମ୍ପାଦକ କିଶୋର ଜେନା, ପ୍ରଶାନ୍ତ ବେହେରା, କାର୍ଯ୍ୟକାରୀ ସଭାପତି ମଦନ ମୋହନ ଧଳ, ଉପସଭାପତି ଶ୍ୟାମସୁନ୍ଦର ମହାପାତ୍ର, ପ୍ରଶାନ୍ତ ମହାପାତ୍ର, ଜନାର୍ଦ୍ଦନ ଦେହୁରି, ପ୍ରଦିପ ଦାସ ଅଂଶ ଗ୍ରହଣ କରିଥିଲେ।

## ଦିନଦୟାଲଜୀଙ୍କ ପ୍ରତିମୂର୍ତ୍ତିକୁ ଅନାବରଣ, ଇ-ଲାଇବ୍ରେରୀ ଉଦଘାଟିତ

**ଭୁବନେଶ୍ୱର, ୨୯।୯ (ମହାଭାରତ):** ଅନ୍ତ୍ୟୋଦୟର ସ୍ୱପ୍ନଦ୍ରଷ୍ଟା ସେହି ମହାନ ମନିଷୀଙ୍କ ୧୧୧ ତମ ଜନ୍ମ ଜୟନ୍ତୀକୁ ଦେଶବ୍ୟାପୀ ପାଳନ କରାଯାଉଛି। ୧୯୧୬ ମସିହା ସେପ୍ଟେମ୍ବର ୨୫ ତାରିଖ ଦିନ ଉତରପ୍ରଦେଶର ମଥୁରା ଜିଲ୍ଲାରେ ଜନ୍ମଗ୍ରହଣ କରିଥିବା ପଣ୍ଡିତ ଦୀନଦୟାଲଜୀ ନିଜର ସରଳ ଜୀବନ ଓ ଉଚ୍ଚ ଆଦର୍ଶ ମାଧ୍ୟମରେ ସମଗ୍ର ଭାରତୀୟ ଚିନ୍ତାଧାରାକୁ ଏକ ନୂତନ ଦିଗଦର୍ଶନ ଦେଇଥିଲେ। ସେହିପରି ପାଶ୍ଚାତ୍ୟ ପୁଞ୍ଜିବାଦ ଓ ସାମ୍ୟବାଦର ଏକ ଭାରତୀୟ ବିକଳ୍ପ ଭାବେ ଭାରତର ପ୍ରାଚୀନ ସଂସ୍କୃତି, ପରଂପରା, ପ୍ରକୃତି ଓ ମାନବିକ ମୂଲ୍ୟବୋଧକୁ ଆଧାର କରି ସମାଜକୁ 'ଏକାତ୍ମ ମାନବ ଦର୍ଶନ' ଦେଇଥିଲେ ପଣ୍ଡିତ ଦୀନଦୟାଲ। ଆଜିର ଭାରତରେ ପଣ୍ଡିତଜୀଙ୍କ ବିଚାରଧାରା ଅତ୍ୟନ୍ତ ପ୍ରାସଙ୍ଗିକ। ବିଜେପି ଏହି ମହାନ ଚିନ୍ତାଧାରାକୁ ଆପଣାଇ ନିଜକୁ ଏକ ବୈଚାରିକ ଦଳ ଭାବେ ସ୍ଥାପିତ କରିଛି। ଅନ୍ତ୍ୟୋଦୟ ଏବଂ ଏକାତ୍ମ ମାନବ ଦର୍ଶନକୁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧିନ କେନ୍ଦ୍ର



ସରକାର ନିଜର ମୂଳ ମନ୍ତ୍ର ଭାବେ ଆପଣାଇ 'ସବକା ସାଥ - ସବକା ବିକାଶ - ସବକା ବିଶ୍ୱାସ ଓ ସବକା ପ୍ରୟାସ' ଆଧାରରେ 'ଦୀନଦୟାଲ ଅନ୍ତ୍ୟୋଦୟ ଯୋଜନା', 'ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା', 'ଦୀନଦୟାଲ ଉପାଧ୍ୟାୟ ଗ୍ରାମ ଜ୍ୟୋତି ଯୋଜନା', ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା, ସ୍ୱଚ୍ଛ ଭାରତ ଅଭିଯାନ, ଜଳଜୀବନ ମିଶନ, ଆୟୁଷ୍ମାନ ଭାରତ ଯୋଜନା, ପ୍ରଧାନମନ୍ତ୍ରୀ ଜନଧନ ଯୋଜନା, ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନା, ପ୍ରଧାନମନ୍ତ୍ରୀ ସ୍ୱନିଧି ଯୋଜନା, ମାଗଣା ରାସନ ପ୍ରଦାନ ପରି ଅନେକ କଲ୍ୟାଣକାରୀ ଯୋଜନାର କାର୍ଯ୍ୟକାରୀ କରାଇ ତାଙ୍କର ଅନ୍ତ୍ୟୋଦୟ ସ୍ୱପ୍ନକୁ ସାକାର କରୁଛନ୍ତି। ପଣ୍ଡିତଜୀଙ୍କ ସ୍ୱଦେଶୀ ସିଦ୍ଧାନ୍ତ ଆତ୍ମନିର୍ଭର ଭାରତର ଆଧାର ସାଜିଛି। ପଣ୍ଡିତ ଦୀନଦୟାଲଜୀ ସାଂସ୍କୃତିକ ରାଷ୍ଟ୍ରବାଦ ଉପରେ ବିଶେଷ ଗୁରୁତ୍ୱ ଦେଉଥିଲେ। ଆମେ ସମସ୍ତେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ତ୍ୟାଗ, ନିଷ୍ଠା ଓ ସେବା ମନୋଭାବରୁ ପ୍ରେରଣା ନେଇ ସମାଜର ଦୁର୍ବଳ ଓ ଶୋଷିତ ବର୍ଗଙ୍କୁ ଆଗକୁ ନେବା ପାଇଁ ସଂକଳ୍ପବଦ୍ଧ ହେବା ଏବଂ ଏକ ଶକ୍ତିଶାଳୀ, ସମୃଦ୍ଧ ଓ ଆତ୍ମନିର୍ଭର ଭାରତ ଗଠନରେ ନିଜ ନିଜର ଯୋଗଦାନ ଦେବା ବୋଲି ବିଜେପି ରାଜ୍ୟ ସଭାପତି ତଥା ରାଜ୍ୟସଭା ସାଂସଦ ଶ୍ରୀ ମନମୋହନ ସାମଲ କହିଛନ୍ତି।

ଶୁକ୍ରବାର ରାଜ୍ୟ କାର୍ଯ୍ୟାଳୟଠାରେ ପଣ୍ଡିତ ଦିନଦୟାଲଜୀଙ୍କ ୧୧୧ ତମ ଜନ୍ମଜୟନ୍ତୀ ପାଳନ କରାଯାଇଛି। ଏହି ଅବସରରେ ଦୀନଦୟାଲଜୀଙ୍କ ଏକ ପ୍ରତିମୂର୍ତ୍ତିକୁ ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ, ରାଷ୍ଟ୍ରୀୟ ମୁଖପାତ୍ର ତଥା କମଲ ସନ୍ଦେଶ ପତ୍ରିକାର ସଂପାଦକ ଡ.ଶିବ ଶକ୍ତିନାଥ ବକ୍ସି, ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ରାଜ୍ୟ ସାଧାରଣ ସଂପାଦକ (ସଂଗଠନ) ମାନସ କୁମାର ମହାନ୍ତି, ରାଜ୍ୟ ଉପସଭାପତି ଡ.ଯତୀନ ମହାନ୍ତି ପ୍ରମୁଖ ଅନାବରଣ କରି ମାଲ୍ୟାର୍ପଣ ଦେଇ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ। ଏହା ପରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଯୁବବର୍ଗଙ୍କୁ ନେଇ 'ସୁଶାସନରୁ ଅନ୍ତ୍ୟୋଦୟ' ଶୀର୍ଷକ ରାଜ୍ୟସ୍ତରୀୟ ବିମର୍ଷ କର୍ମଶାଳା ଅନୁଷ୍ଠିତ ହୋଇଥିଲା।

## ୩୬ ପାର୍କିଂସ୍ଥାନ ନିଲାମ ପାଇଁ ବିଏମ୍‌ସିର ବୈଠକ

**ଭୁବନେଶ୍ୱର, ୨୯।୯ (ମହାଭାରତ):** ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ବିଭିନ୍ନ ସ୍ଥାନରେ ଥିବା ୩୬ ଗୋଟି ପାର୍କିଂସ୍ଥାନରର ନିଲାମ କରାଯିବ। ଏ ନେଇ ପୂର୍ବରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ପୂର୍ବ ନିର୍ଦ୍ଧାରିତ ସମୟ ଅନୁଯାୟୀ ଆଜି ଅପରାହ୍ନ ସାଢେ ୩ ଘଟିକା ସମୟରେ ପ୍ରାକ୍ ନିବିଦା ବୈଠକ ବିଏମ୍ ସି ମୁଖ୍ୟାଳୟ ଏଲଜି ଫ୍ଲୋରସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବିଏମ୍ ସି ଟେଣ୍ଡର କମିଟିର ସମସ୍ତ ସଦସ୍ୟ, ସଦସ୍ୟାଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏହି ବୈଠକରେ ୨୫ରୁ ଅଧିକ ଆଶାୟୀ ନିଲାମଧାରୀ ଯୋଗଦେଇଥିଲେ।

ସହରର ପ୍ରମୁଖ ଟ୍ରାଫିକ କରିଡରଗୁଡିକରେ ବେଆଇନ, ବିଶୃଙ୍ଖଳିତ ଏବଂ ଅସଂଗଠିତ ଭାବେ ରାସ୍ତାଉପରେ ପାର୍କିଂ ବନ୍ଦ କରିବା, ମୁଖ୍ୟ ରାସ୍ତାଗୁଡ଼ିକରୁ ଭିଡ଼ ହ୍ରାସ କରିବା, ସାର୍ବଜନୀନ ସ୍ଥାନଗୁଡ଼ିକର ଉନ୍ନତି କରିବା ଏବଂ ଅନୁମୋଦିତ ଉପଭୋକ୍ତା ଶୁଳ୍କ ପ୍ରଦାନ କରି ନାଗରିକମାନଙ୍କୁ ଉତ୍ସର୍ଗୀକୃତ, ସୁପରିଚାଳିତ ଯାନବାହାନ ପାର୍କିଂ ସ୍ଥାନଗୁଡ଼ିକର ସୁବିଧା ସୁନିଶ୍ଚିତ କରିବା ପାଇଁ ଏହି ପଦକ୍ଷେପ ନିଆଯାଇଛି। ଏହା ବ୍ୟତୀତ ଅନୁମୋଦିତ ଉପଭୋକ୍ତା ଶୁଳ୍କ ପ୍ରଦାନ କରି ନାଗରିକମାନେ ସେମାନଙ୍କ ଯାନବାହାନ ପାର୍କିଂ ପାଇଁ ସମର୍ପିତ, ସୀମାବଦ୍ଧ ଏବଂ ସୁରକ୍ଷିତ ସ୍ଥାନ ପାଇପାରିବେ। ଏହା ଦ୍ୱାରା ଗାଡ଼ିମୋଟର ଏବଂ ପଦଯାତ୍ରୀ ଫୁଟପାଥଗୁଡ଼ିକୁ ପାର୍କିଂ ମୁକ୍ତ ରଖିବା, ନିର୍ଦ୍ଦିଷ୍ଟ ପଥ ସଂରକ୍ଷଣ କରିବା, ସାରା ସହରରେ ସୁଗମ, ବାଧାହୀନ ଯାନବାହାନ ଚଳାଚଳ ଏବଂ ପଦଯାତ୍ରୀ ସୁରକ୍ଷା ସୁନିଶ୍ଚିତ କରାଯାଇ ପାରିବ। ଖୋଲା ପ୍ରତିଯୋଗିତାମୂଳକ ନିଲାମ ମାଧ୍ୟମରେ ଖୋଲା ସ୍ଥାନ ଏବଂ ରାସ୍ତାପାର୍ଶ୍ୱର ପରିଧିକୁ ବ୍ୟବସ୍ଥିତ କରିବା। ବ୍ୟକ୍ତି ବିଶେଷ, ଅନୁଷ୍ଠାନ, ସଂଗଠନ, ପାର୍କିଂ ପରିଚାଳକ, ଏସ୍ ଏଚ୍ ଜି, ଆର୍ ଡବ୍ଲ୍ୟୁ ଏ, ଟ୍ରାଫିକ ମାର୍ଶାଲ, ଫି-ଆଦାୟ କାର୍ଯ୍ୟରେ ନିୟୋଜିତ ସାମାଜିକ ସଂଗଠନ ଏଥିପାଇଁ ଆବେଦନ କରିପାରିବେ। କେବଳ ଅଧିକାରପ୍ରାପ୍ତ, ସୀମାବଦ୍ଧ ପାର୍କିଂ ସ୍ଥାନରେ ଯାନବାହାନ ପାର୍କିଂ ଅଭ୍ୟାସକୁ ବୃଦ୍ଧି କରିବା; ଖଣ୍ଡଗିରି ଓଭର ବ୍ରିଜ୍ ତଳେ ସ୍ୱତନ୍ତ୍ର ବସ୍ ପାର୍କିଂ ଭିତିଭୂମି ପରିଚାଳନା କରିବା, ରାଜପଥ ଲେନ୍ ବାହାରେ ଯାତ୍ରୀବାହୀ ବସ୍ ଏବଂ ଭାରି ବାଣିଜ୍ୟିକ ପରିବହନ ଯାନ ପାଇଁ ଉତ୍ସର୍ଗୀକୃତ ପାର୍କିଂ ବେ ଏବଂ ସର୍କୁଲେସନ୍ କରିଡର ସୁନିଶ୍ଚିତ କରିବା ଏବଂ ସମସ୍ତ ପାର୍କିଂ ସ୍ଥାନରେ ଅଣ-ମୋଟରଚାଳିତ ସାଇକେଲ ପାଇଁ ସମ୍ପୂର୍ଣ୍ଣ ମାଗଣାରେ ନିର୍ଦ୍ଦିଷ୍ଟ ପାର୍କିଂ ସ୍ଥାନ ଯୋଗାଇଦେବା ସହ ସ୍ଥାୟୀ ସହରାଞ୍ଚଳ ଗତିଶୀଳତାକୁ ଉତ୍ସାହିତ କରିବା ଏହାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବୋଲି ବିଏମ୍ ସି ପକ୍ଷରୁ କୁହାଯାଇଛି।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ, ଡିଜିଟାଲ ପାର୍କିଂ ସହ ଅନଲାଇନ୍ ପେମେଣ୍ଟ ବ୍ୟବସ୍ଥା କରିବା ପାଇଁ କୁହାଯାଇଛି। ଏହାଦ୍ୱାରା ସ୍ୱଚ୍ଛତା ରକ୍ଷାକରାଯାଇ ପାରିବ ଏବଂ କୌଣସି ନିଲାମଧାରୀ ଗାଡିମାଲିକଙ୍କଠାରୁ ଅଧିକ ଅର୍ଥ ନେଇପାରିବେ ନାହିଁ ବୋଲି କୁହାଯାଇଛି। ଗାଡି ମାଲିକମାନେ ଯେତିକି ପାର୍କିଂ ଫି ଦେବେ, ସେତିକିର ଡିଜିଟାଲ ରସିଦ ପାଇବେ। ଫଳରେ ଗାଡି ପାର୍କିଂ କରୁଥିବା ମାଲିକମାନେ ମଧ୍ୟ ଏକ ନୂଆ ଅନୁଭୁତି ନେଇଯିବେ ବୋଲି କୁହାଯାଇଛି। ବିଏମ୍ ସିର ଏହି ନିଷ୍ପତ୍ତିକୁ ବୁଦ୍ଧିଜୀବୀମାନେ ସ୍ୱାଗତ କରିଛନ୍ତି। ପ୍ରି-ବିଡ୍ ରେ ଅଂଶ ଗ୍ରହଣ କରିଥିବା ବିଡରମାନେ ମଧ୍ୟ କିଛି ପ୍ରସ୍ତାବ ଦେଇଥିଲେ। ତଦନୁସାରେ ନିର୍ଦ୍ଧାରିତ ତାରିଖ ଓ ସମୟ ମଧ୍ୟରେ ବିଡରମାନେ ସେମାନଙ୍କର ଆବେଦନ ପତ୍ର ସହ ସମସ୍ତ କାଗଜାତ ଦାଖଲ କରିବା ପାଇଁ କୁହାଯାଇଛି।

## ସୋଆ ଯୁକ୍ତ ୨ରେ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

**ଭୁବନେଶ୍ୱର, ୨୯।୯ (ମହାଭାରତ):** ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ ପରିଚାଳିତ ଯୁକ୍ତ ଦୁଇ ବିଦ୍ୟାଳୟ ଇନଷ୍ଟିଚ୍ୟୁଟ୍ ଅଫ୍ ହାୟର



ସେକେଣ୍ଡାରୀ ଏଡୁକେସନ୍ (ଆଇଏଚଏସସି) ପରିସରରେ ଗତ ଶନିବାର ଦିନ ନବାଗତ ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ, ଆୟୋଜିତ ହୋଇଯାଇଛି। ବିଦ୍ୟାଳୟର ଅଧକ୍ଷା ଡକ୍ଟର ଆଶାବରୀ ମହାନ୍ତି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିବା ଅବସରରେ ଅଧକ୍ଷା ଓ ଛାତ୍ରଛାତ୍ରୀମାନଙ୍କୁ ଉଦବୋଧନ ଦେଇ କହିଥିଲେ ଯେ କଲେଜ ଜୀବନ ହେଉଛି ଜୀବନର ସୁବର୍ଣ୍ଣ ସମୟ। ଏହି ସମୟକୁ ପାଠପଢ଼ା ସହ ଶୃଙ୍ଖଳା ଓ ସଂସ୍କାର ସହିତ ବିତାଇଲେ ଭବିଷ୍ୟତ ଉଜ୍ଜ୍ୱଳ ହେବ। ଏହି ଅବସରରେ ବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀମାନେ ଦେଶର କୋଣ ଅନୁକୋଣ ଓ ବିଦେଶରୁ ମଧ୍ୟ ସେମାନଙ୍କର ବାର୍ତ୍ତା ଅନଲାଇନ ମାଧ୍ୟମରେ ପଠାଇ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଉତ୍ସବରେ ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଏକାଦଶ ଶ୍ରେଣୀର ନବାଗତଙ୍କୁ ଫୁଲ ଓ ଚନ୍ଦନ ଲଗାଇ ଓ ଉପହାର ଦେଇ ଭବ୍ୟ ସ୍ୱାଗତ କରାଯାଇଥିଲା। ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ମନୋରମ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଉପାଧ୍ୟକ୍ଷା, ସମସ୍ତ ଅଧ୍ୟାପକ-ଅଧ୍ୟାପିକା ଏବଂ ଶତାଧିକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ପାର୍ବଣ ଋତୁରେ ଚାଲିବ ପୂଜା ସ୍ପେଶାଲ ଟ୍ରେନ

**ଭୁବନେଶ୍ୱର, ୨୯।୯ (ମହାଭାରତ):** ଆଗାମୀ ଦୁର୍ଗାପୂଜା ଓ ଦୀପାବଳି ଉତ୍ସବ ସମୟରେ ଯାତ୍ରୀ ଭିଡ଼ ବୃଦ୍ଧିର ସମ୍ଭାବନାକୁ ଦୃଷ୍ଟିରେ ରଖି, ଯାତ୍ରୀମାନଙ୍କ ସୁବିଧାଜନକ ଯାତ୍ରା ଏବଂ ଅତିରିକ୍ତ ଭିଡ଼ ନିୟନ୍ତ୍ରଣ ପାଇଁ ଗୁରୁତ୍ୱପୂର୍ଣ୍ଣ ମାର୍ଗରେ ପୂଜା ସ୍ପେଶାଲ ଟ୍ରେନ୍ ଚଳାଚଳ କରାଯିବ। ଟ୍ରେନ୍ ନଂ. ୦୮୪୦୫ ପୁରୀ-ସାନ୍ତ୍ରାଗାଛି ପୂଜା ସ୍ପେଶାଲ ୫ ଅକ୍ଟୋବରରୁ ୨୬ ଅକ୍ଟୋବର ପର୍ଯ୍ୟନ୍ତ ପ୍ରତି ସୋମବାର ଚଳାଚଳ କରିବ। ସେହିପରି, ଟ୍ରେନ୍ ନଂ. ୦୮୪୦୬ ସାନ୍ତ୍ରାଗାଛି-ପୁରୀ ପୂଜା ସ୍ପେଶାଲ ୬ ଅକ୍ଟୋବରରୁ ୨୭ ଅକ୍ଟୋବର ପର୍ଯ୍ୟନ୍ତ ପ୍ରତି ମଙ୍ଗଳବାର ଚଳାଚଳ କରିବ। ଟ୍ରେନ୍ ପୁରୀରୁ ସନ୍ଧ୍ୟା ୫:୪୫ ରେ ଛାଡ଼ି ପରଦିନ ଭୋର ୦୩:୪୫ ରେ ସାନ୍ତ୍ରାଗାଛିରେ ପହଞ୍ଚିବ। ଫେରିବା ସମୟରେ ଟ୍ରେନ୍ ନଂ. ୦୮୪୦୬ ସାନ୍ତ୍ରାଗାଛିରୁ ସକାଳ ୦୮:୪୫ ରେ ଛାଡ଼ି ସନ୍ଧ୍ୟା ୦୭:୦୦ ରେ ପୁରୀରେ ପହଞ୍ଚିବ।

ଏହି ଟ୍ରେନ୍‌ଗୁଡ଼ିକ ସାକ୍ଷୀଗୋପାଳ, ଖୋର୍ଦ୍ଧା ରୋଡ୍, ଭୁବନେଶ୍ୱର, କଟକ, ଯାଜପୁର କେନ୍ଦୁଝର ରୋଡ୍, ଭଦ୍ରକ, ବାଲେଶ୍ୱର, ରୂପସା, ଜଲେଶ୍ୱର, ବେଲଦା ଏବଂ ଖଡ଼ଗପୁର ଷ୍ଟେସନରେ ରହଣି କରିବ। ଟ୍ରେନ୍ ନଂ. ୦୮୦୪୩ ଶାଲିମାର-ଖୋର୍ଦ୍ଧା ରୋଡ୍ ପୂଜା ସ୍ପେଶାଲ ୧୨ ଅକ୍ଟୋବରରୁ ୯ ନଭେମ୍ବର ପର୍ଯ୍ୟନ୍ତ ପ୍ରତି ସୋମବାର ଚଳାଚଳ କରିବ। ଫେରିବା ଦିଗରେ ଟ୍ରେନ୍ ନଂ. ୦୮୦୪୪ ଖୋର୍ଦ୍ଧା ରୋଡ୍-ଶାଲିମାର ପୂଜା ସ୍ପେଶାଲ ୧୩ ଅକ୍ଟୋବରରୁ ୧୦ ନଭେମ୍ବର ପର୍ଯ୍ୟନ୍ତ ପ୍ରତି ମଙ୍ଗଳବାର ଚଳାଚଳ କରିବ। ଟ୍ରେନ୍ ନଂ. ୦୮୦୪୩ ଶାଲିମାରରୁ ସନ୍ଧ୍ୟା ୦୫:୫୫ ରେ ଛାଡ଼ି ପରଦିନ ରାତି ୦୨:୪୫ ରେ ଖୋର୍ଦ୍ଧା ରୋଡ୍‌ରେ ପହଞ୍ଚିବ। ଟ୍ରେନ୍ ନଂ. ୦୮୦୪୪ ଖୋର୍ଦ୍ଧା ରୋଡ୍ ରୁ ଭୋର ୦୬:୪୫ ରେ ଛାଡ଼ି ଅପରାହ୍ନ ୦୩:୦୦ ରେ ଶାଲିମାରରେ ପହଞ୍ଚିବ। ଏହି ଟ୍ରେନ୍ ସାନ୍ତ୍ରାଗାଛି, ଖଡ଼ଗପୁର, ବାଲେଶ୍ୱର, ରୂପସା ଜଙ୍କସନ୍, ଭଦ୍ରକ, ଯାଜପୁର କେନ୍ଦୁଝର ରୋଡ୍, କଟକ ଏବଂ ଭୁବନେଶ୍ୱର ଷ୍ଟେସନରେ ରହଣି କରିବ। ଯାତ୍ରୀମାନଙ୍କୁ ସମୟସୂଚୀ ପ୍ରତି ଧ୍ୟାନ ଦେବାକୁ ଏବଂ ସେହି ଅନୁଯାୟୀ ନିଜର ଯାତ୍ରା ଯୋଜନା କରିବାକୁ ପରାମର୍ଶ। ଟ୍ରେନ୍ ସମ୍ବନ୍ଧୀୟ ଅପଡେଟ ସୂଚନା ପାଇଁ, ଯାତ୍ରୀମାନେ ଯାତ୍ରା ଆରମ୍ଭ କରିବା ପୂର୍ବରୁ 'ନ୍ୟାସନାଲ୍ ଟ୍ରେନ ଏନକ୍ୱାରୀ ସିଷ୍ଟମ୍' କୁ ଭିଜିଟ୍ କରନ୍ତୁ କିମ୍ବା ରେଳବାଇର ଅଫିସିଆଲ୍ ୱେବସାଇଟ୍ ଯାଞ୍ଚ କରିପାରିବେ।

## ସମ୍ପୂର୍ଣ୍ଣ ଏସଆଇଆର ପ୍ରକିୟାର ପୁନଃ ଯାଞ୍ଚ ହେଉ : ବିଜେଡି

**ଭୁବନେଶ୍ୱର, ୨୯।୯ (ମହାଭାରତ):** ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର-୨୦୨୬) ପ୍ରକିୟାରେ ସ୍ୱଚ୍ଛତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନେଇ ଆଜି ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ସାଧାରଣ ସମ୍ପାଦକ ଶ୍ରୀ ଭୃଗୁ ବକ୍ସିପାତ୍ର କହିଥିଲେ ଯେ, ଏସଆଇଆର-୨୦୨୬ର ସ୍ୱଚ୍ଛତାକୁ ନେଇ ସବୁଠି ଚର୍ଚ୍ଚା ଜୋର ଧରିଛି। ରାଷ୍ଟ୍ର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟକାରିତା ସନ୍ଦେହ ଘେରରେ ରହିଛି। ଡବଲ ଇଞ୍ଜିନ ସରକାରଙ୍କ ନିର୍ଦ୍ଦେଶକ୍ରମେ ବିଜେପିକରଣରେ ଉକ୍ତ ପ୍ରକିୟା ସମ୍ପାଦିତ ହୋଇଛି। ଯୋଗ୍ୟ ଭୋଟର ଯେପରି ଭୋଟର୍ ତାଲିକାରୁ ବାଦ୍ ନ ପଡିବେ, ସେନେଇ ବିଜେଡି ଲଢେଇ ଜାରି ରଖିଛି। ବର୍ତ୍ତମାନ ସାରା ଦେଶରେ ଏସଆଇଆର ପ୍ରକିୟାରେ ଅନିୟମିତତା ହୋଇଥିବା ଅଭିଯୋଗ ହେଉଛି। ରାଷ୍ଟ୍ର ମୁଖ୍ୟ ନିର୍ବାଚନ ଅଧିକାରୀ ଏସଆଇଆର ପ୍ରକ୍ରିୟାକୁ ଅଗଣତାନ୍ତ୍ରିକ ଭାବେ ସମ୍ପାଦନ କରିଛନ୍ତି। ତେଣୁ ସେ ତୁରନ୍ତ ଇସ୍ତଫା ପ୍ରଦାନ କରନ୍ତୁ ବୋଲି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ପ୍ରତିକ୍ରିୟା ଦେଇ କହିଛନ୍ତି। ବିଜେପି ନେତା ମାନେ ନିର୍ବାଚନ ଅଧିକାରୀଙ୍କ ମୁଖପାତ୍ର ସାଜିଛନ୍ତି। ନିର୍ବାଚନ ଅଧିକାରୀଙ୍କ ପାଇଁ ସଫେଇ ଦେଇ ବିଜେପି ମୁଖପାତ୍ର ମାନେ ଗଣମାଧ୍ୟମରେ ପ୍ରତିକ୍ରିୟା ଦେଉଛନ୍ତି। ଏଥିରୁ ସ୍ପଷ୍ଟ ପ୍ରମାଣିତ ହେଉଛି, ଏସ୍ଆଇଆର ପ୍ରକ୍ରିୟାରେ ହୋଇଥିବା ଅନିୟମିତତା ବିଜେପି ଇଙ୍ଗିତରେ ହିଁ ହୋଇଛି। ଏସ୍ଆଇଆର ପ୍ରକିୟାରେ ଦେଶରେ ୧୩ କୋଟି ଓ ରାଜ୍ୟରେ ୨୭ ଲକ୍ଷ ୫୦ ହଜାର ଭୋଟରଙ୍କ ନାମ ତାଲିକାରୁ ବାଦ୍ ଦିଆଯାଇଛି। ନିର୍ବାଚନ



ଅଧିକାରୀ ବିଜେପି ଦଳକୁ ସୁହାଇବା ଭଳି କାର୍ଯ୍ୟ କରିଛନ୍ତି। ଲୋକଙ୍କ ଗଣତାନ୍ତ୍ରିକ ଅଧିକାରୀକୁ ମୁଖ୍ୟ ନିର୍ବାଚନ ଅଧିକାରୀ ସୁରକ୍ଷା ଦେବା ବଦଳରେ ତାହାକୁ କ୍ଷୁଣ୍ଣ କରିଛନ୍ତି।

ଶ୍ରୀ ବିଜୟ ନାୟକ କହିଥିଲେ ଯେ, ଆପତ୍ତି ଓ ଅଭିଯୋଗ ପ୍ରଦାନ କରିବା ସମୟରେ ରାଜନୈତିକ ଦଳ ମାନଙ୍କ ସହ ନିର୍ବାଚନ ଅଧିକାରୀ ଆଲୋଚନା ଓ ବୈଠକ କରିବାର ନିୟମ ରହିଥିବା ବେଳେ ନିର୍ବାଚନ ଅଧିକାରୀ କୌଣସି ବୈଠକ କି ଆଲୋଚନା କଲେ ନାହିଁ। ଫର୍ମ ୭ ଜରିଆରେ ଲୋକେ ଗଦା ଗଦା ଅଭିଯୋଗ କରିବା ସତ୍ତ୍ୱେ କୌଣସି ପଦକ୍ଷେପ ଗ୍ରହଣ କରାଗଲା ନାହିଁ। ଜୀବିତ ଲୋକ ମାନଙ୍କୁ ଫର୍ମ ୭ ଜରିଆରେ ବାଦ୍ ଦିଆଯାଇଛି। ଯାହାର ଅନେକ ପ୍ରମାଣ ରହିଛି। ଡ଼ ଲେନିନ ମହାନ୍ତି କହିଥିଲେ ଯେ, ନିର୍ବାଚନ ଅଧିକାରୀଙ୍କ ନାମରେ ଅଭିଯୋଗ ହେଲେ ବିଭାଗୀୟ ଅଧିକାରୀ ମାନେ ଉତ୍ତର ଦେବା କଥା, କିନ୍ତୁ ବିଜେପି ମୁଖପାତ୍ର ଉତ୍ତର ଦେଉଛନ୍ତି। ଯାହାକି ଆହୁରି ସନ୍ଦେହ ସୃଷ୍ଟି କରୁଛି। ଏସଆଇଆର ପ୍ରକିୟା ସମ୍ପୂର୍ଣ୍ଣ ଭାବେ ସନ୍ଦେହ ଘେରରେ ରହିଛି। ଗତ ୨୦୨୪ ସାଧାରଣ ନିର୍ବାଚନ ମଧ୍ୟ ସନ୍ଦେହ ଘେରରେ ରହିଛି। ଭୋଟର ତାରତମ୍ୟ ନେଇ ବିଜେଡି ପକ୍ଷରୁ ତଥ୍ୟ ଓ ପ୍ରମାଣ ସହ ରାଷ୍ଟ୍ର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଅଭିଯୋଗ କରାଯାଇଥିଲା, କିନ୍ତୁ ପଦକ୍ଷେପ ଗ୍ରହଣ କରାଗଲା ନାହିଁ। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସର୍ବଦା ଭୋଟର ଯୋଡ଼ିବାକୁ ଗୁରୁତ୍ୱ ଦେଉଥିବା ବେଳେ ବିଜେପି ଭୋଟର ତାଲିକାରୁ ନାମ ବାଦ୍ ଦେଉଛି। ସରକାରୀ ସଂସ୍ଥା ଗୁଡ଼ିକୁ ଲଗାଇ ନିର୍ବାଚନ ଜିତିଛି ବିଜେପି। ତେଣୁକରି ସରକାରୀ ସଂସ୍ଥା ମାନେ ଏପରି କାର୍ଯ୍ୟରୁ ନିବୃତ୍ତ ରୁହନ୍ତୁ। ସମ୍ପୂର୍ଣ୍ଣ ଏସଆଇଆର ପ୍ରକିୟାର ପୁନଃ ଯାଞ୍ଚ କରାଯାଉ।

# ଗୃହ ଚାଳିପାରୁନି

ବିଧାନସଭାରେ ଆଲୋଚନା ହେଲେ ଲୋକେ ଜାଣିପାରିବେ ସତ କ'ଣ, ମିଛ କ'ଣ। କିନ୍ତୁ ବିରୋଧୀ ନିଜର ସ୍ଥିତି ଜାହିର କରିବାକୁ ଗୃହରେ ହଟ୍ଟଗୋଳ କରିବା ଏକ ପରମ୍ପରା ପାଲଟିଗଲାଣି ଯାହାର ପୁନରାବୃତ୍ତି ବିଧାନସଭାର ମୌସୁମୀ ଅଧିବେଶନ କାଳରେ ହେବ ବୋଲି ଆଶା କରିବା ଭୁଲ ହେବ ନାହିଁ। ଏହା ନୈରାଶ୍ୟଜନକ, ଦୁର୍ଭାଗ୍ୟଜନକ ଏବଂ ପରିତାପର ବିଷୟ। ଲୋକଙ୍କ ଟିକସ ପଇସାରୁ ବିଧାୟକମାନେ ଦରମା ପାଉଛନ୍ତି। ବିଧାନସଭା ଅଧିବେଶନ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି। ଏହା ସତ୍ତ୍ୱେ ଯଦି ବିଧାନସଭା ସ୍ୱାଭାବିକ ଭାବେ ଚାଲିପାରିବନି ତେବେ ଅଧିବେଶନ ବସିବାର କିଛି ମାନେ ନାହିଁ। ଭାରତ ହେଉଛି ବିଶ୍ୱର ବୃହତ୍ତମ ଗଣତାନ୍ତ୍ରିକ ରାଷ୍ଟ୍ର। କିନ୍ତୁ ସ୍ୱାଧୀନତାର ପାଖାପାଖି ୮ ଦଶନ୍ଧି ପରେ ମଧ୍ୟ ଦେଶରେ ଗଣତନ୍ତ୍ର ପରିପକ୍ୱତା ହାସଲ କରିନାହିଁ। ବରଂ ଏହାର ମାନ ହ୍ରାସ ପାଇଛି। ଭାରତୀୟମାନେ ନିଜ ଗଣତାନ୍ତ୍ରିକ ଅଧିକାର ଏବଂ ଦାୟିତ୍ୱ ସମ୍ପର୍କରେ ସଚେତନ ହେଲେଣି। ସେମାନେ ନିଜ ମତାଧିକାର ମୂଲ୍ୟ ସମ୍ପର୍କରେ ଅବଗତ ହେଲେଣି। ସେଥିପାଇଁ ପ୍ରତି ନିର୍ବାଚନରେ ମତଦାନ ହାର ବଢୁଛି। କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଲା ଆମ ନିର୍ବାଚିତ ଜନପ୍ରତିନିଧିମାନେ ନିଜ ଦାୟିତ୍ୱ ଏବଂ କର୍ତ୍ତବ୍ୟ ସମ୍ପର୍କରେ ସଚେତନ ହେଉନାହାଁନ୍ତି। ଦେଶର ବିକାଶ ଏବଂ ଜନତାଙ୍କ କଲ୍ୟାଣ ପାଇଁ ସେମାନେ କ'ଣ କରୁଛନ୍ତି ତାହା ଭିନ୍ନ କଥା। କିନ୍ତୁ ଗଣତନ୍ତ୍ରର ମନ୍ଦିର କୁହାଯାଉଥିବା ସଂସଦ ଏବଂ ବିଧାନସଭାକୁ ସେମାନେ ଯେପରି ଅପବିତ୍ର କରୁଛନ୍ତି ଏବଂ ଏହାର ଗରମା ହାନି କରୁଛନ୍ତି ତାହା ଚିନ୍ତାଜନକ ଏବଂ ନିନ୍ଦନୀୟ। ସଂସଦ ବା ବିଧାନସଭା ଅଧିବେଶନ ଲାଗି ରାଜକୋଷରୁ କୋଟି କୋଟି ଟଙ୍କା ବ୍ୟୟ ହେଉଛି। କିନ୍ତୁ ଜନପ୍ରତିନିଧିମାନେ ଏହାର ଦୁରୁପଯୋଗ କରୁଛନ୍ତି। ସେମାନେ ଯେଉଁଥିପାଇଁ ନିର୍ବାଚିତ ହୋଇଛନ୍ତି ତାହା କରୁନାହାଁନ୍ତି। ସଂସଦ ବା ବିଧାନସଭାରେ ଦେଶ ଏବଂ ଦେଶବାସୀଙ୍କ ପାଇଁ ଆଲୋଚନା , ବିତର୍କ ଏବଂ ସଠିକ ନିଷ୍ପତ୍ତି ନେବା ସେମାନଙ୍କର ଦାୟିତ୍ୱ। ହଟ୍ଟଗୋଳ କରି ଗୃହକୁ ମୁଲତବି ରଖିବା ଏବଂ ସ୍ୱାଭାବିକ କାର୍ଯ୍ୟକ୍ରମରେ ବାଧା ସୃଷ୍ଟି କରିବା ସେମାନଙ୍କ ଦାୟିତ୍ୱ ନୁହେଁ। କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଲା ହଟ୍ଟଗୋଳ, ଗୃହ ମୁଲତବି ଏକ ନିୟମିତ ପ୍ରକ୍ରିୟାରେ ପରିଣତ ହୋଇଗଲାଣି। ଅତି ଛୋଟ ଛୋଟ ପ୍ରସଙ୍ଗରେ ବନ୍ଦ ଡାକରା ଦିଆଯିବା ପରି ଗୃହରେ ଉଭୟ ଶାସକ ଓ ବିରୋଧୀ ହଟ୍ଟଗୋଳ କରି ଗୃହ କାର୍ଯ୍ୟରେ ବାଧା ସୃଷ୍ଟି କରିବା ଏକ ଅଭ୍ୟାସରେ ପରିଣତ ହୋଇଗଲାଣି। ସଂସଦ ଏବଂ ବିଧାନସଭାରେ ଏହା ନିୟମିତ ଚାଲୁଛି। ଲୋକଙ୍କ ଟିକସ ଅର୍ଥ ବରବାଦ ହେଉଛି, ଗଣତନ୍ତ୍ରର ମୂଲ୍ୟବୋଧ ଏବଂ ଗରିମା ରସାତଳଗାମୀ ହେଉଛି। ସଭ୍ୟ, ଶିକ୍ଷିତ, ସଚେତନ ସମାଜରେ ଏହା ଗ୍ରହଣୀୟ ନୁହେଁ। ଏହା ବନ୍ଦ ହେବା ଦରକାର। ଆଗକୁ ରାଜ୍ୟ ବିଧାନସଭା ଅଧିବେଶନ ଆରମ୍ଭ ହେବାକୁ ଯାଉଛି। ସେଠାରେ ମଧ୍ୟ ଏହାର ପୁନରାବୃତ୍ତିର ଯଥେଷ୍ଟ ସମ୍ଭାବନା ରହିଛି। ବିଭିନ୍ନ ଇସ୍ୟୁ ନେଇ ଗୃହରେ ସରକାରଙ୍କୁ ଘେରିବାକୁ ବିରୋଧୀ ପ୍ରସ୍ତୁତ ହେଉଛନ୍ତି। ଶାସକ ଦଳ ବା ସରକାର ଟିକେ ସହନଶୀଳତା ପ୍ରଦର୍ଶନ କଲେ ସମସ୍ୟାର ସମାଧାନ ହୋଇପାରନ୍ତା। ତେବେ ଏହାର ସ୍ଥାୟୀ ପ୍ରତିକାର ଲୋକଙ୍କ ହାତରେ ରହିଛି। ଲୋକେ ନିଜ ପ୍ରତିନିଧିଙ୍କୁ ଯେତେବେଳେ ଏ ସମ୍ପର୍କରେ ପ୍ରଶ୍ନ ପଚାରିବେ, ସେତେବେଳେ ଯାଇ ଏହାର ସମାଧାନ ହୋଇପାରିବ। ରାଜ୍ୟରେ ଏବେ ଅନେକ ପ୍ରସଙ୍ଗ ରହିଛି। ବିଧାନସଭା ହେଉଛି ପ୍ରକୃଷ୍ଟ ସ୍ଥାନ ଯେଉଁଠି ଏହା ଉପରେ ଆଲୋଚନା ହୋଇପାରିବ। କେବଳ ଗୋଟିଏ ପ୍ରସଙ୍ଗରେ ହଟ୍ଟଗୋଳ କରି ଗୃହକୁ ଅଚଳ ରଖିବା, ବିଧାୟକମାନଙ୍କୁ ଗୃହରେ ନିଜସ୍ୱ ମତ ବା ବକ୍ତବ୍ୟ ରଖିବାର ସୁଯୋଗ ନଦେବା ଏକ ଗର୍ହିତ ଅପରାଧ। ଏହା ଗଣତନ୍ତ୍ରର କଣ୍ଠରୋଧ ସହ ସମାନ। ବିଧାନସଭାରେ ମହାନଦୀ ପ୍ରସଙ୍ଗ, ବନ୍ୟା ମୁକାବିଲା, ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି, ଛାତ୍ର ଏବଂ ମହିଳାମାନଙ୍କ ସ୍ୱାର୍ଥ ରକ୍ଷା ସହିତ ବେକାରୀ ଦୁରୀକରଣ ନେଇ ଆଲୋଚନା ହେବା ଉଚିତ।

# ଗ୍ରାମୀଣ ଭାରତର ଗ୍ରାହକ

**॥ ଗିରିଧାରୀ ସାମଲ ॥**

*;ଏଇ ପରିପ୍ରେକ୍ଷୀରେ ଅଦ୍ୟାବଧି ଅନାବିଷ୍କୃତ ଇଲାକାରେ ଏଫଏମସିଜି ଦ୍ରବ୍ୟ ପ୍ରସ୍ତୁତକାରୀ ବିଶାଳ ଉଦ୍ୟୋଗଗୁଡ଼ିକ ପ୍ରବେଶ କରିବାର ଉଦ୍ୟମ ଆରମ୍ଭ କଲେଣି। ସେଥିଲାଗି ପ୍ୟାକିଂରେ ଭିନ୍ନତା ତଥା ଭିନ୍ନ ଟାର୍ଗେଟି କ୍ଲାଏନ୍ଟ (ଲକ୍ଷ୍ୟରେ ରହିଥିବା ଗ୍ରାହକ)ଙ୍କ ଲାଗି ଭିନ୍ନ ରୁଚିର ବିଜ୍ଞାପନ ପ୍ରସ୍ତୁତି ଉପରେ ଗୁରୁତ୍ୱ ଦିଆଗଲାଣି। ଆକଳନ କରାଯାଉଛି ଯେ ୨୦୨୪ରେ ଗ୍ରାମୀଣ ଭାରତରେ ଏଫଏମସିଜିର ବଜାରରେ ଆହୁରି ଅଭିବୃଦ୍ଧି ଘଟିବ।*

'ଫାଷ୍ଟ ମୁଭିଂ କନଜ୍ୟୁମର ଗୁଡ୍‌ସ' ବା ଏଫଏମ୍‌ସିଜି - ଯାହାକୁ ଆମେ ଓଡ଼ିଆରେ କହିପାରିବା ଦ୍ରୁତ ବିକ୍ରୟଶୀଳ ଦ୍ରବ୍ୟ ବିକ୍ରିରେ ଗ୍ରାମୀଣ ଭାରତରେ ଯେଉଁ ଅଭିବୃଦ୍ଧି ୨୦୨୨ରେ ଲକ୍ଷ୍ୟ କରାଯାଇଛି ତାହା ସହରରେ ଏଫଏମ୍‌ସିଜି ବିକ୍ରିରେ ହୋଇଥିବା ଅଭିବୃଦ୍ଧିର ପ୍ରାୟ ଦୁଇଗୁଣ। ପୂର୍ବେ ଯେଉଁ ଧାରଣାଟିଏ ଥିଲା ଯେ ଏଫଏମ୍‌ସିଜି ସାମଗ୍ରୀର ବଜାର ଗାଁରେ ବିଶେଷ ନାହିଁ, ସେ ଧାରଣା ଏବେ ବଦଳିବା ଆରମ୍ଭ କରିଛି।

ଏହା ଅବଶ୍ୟ ସତ ଯେ ଭାରତରେ ଏଫଏମ୍‌ସିଜି ବିକ୍ରୟ କ୍ଷେତ୍ରରେ ଗାଁର ଭାଗ ସହରର ଏକ ତୃତୀୟାଂଶ, ତେବେ ଖୁବ୍ ଶୀଘ୍ର ଏ ବ୍ୟବଧାନ ପୂରଣ ହୋଇଯିବାର ସମ୍ଭାବନା ଦିଶିଲାଣି। ଏକ ଅନୁଶୀଳନରୁ ଜଣାପଡ଼ିଛି ଯେ ଯଦି ମୂଲ୍ୟ, ଦ୍ରବ୍ୟର ଆକାର ଏବଂ ପ୍ୟାକିଂ ଠିକ୍ ରହେ, ତେବେ ଗ୍ରାମୀଣ ଉପଭୋକ୍ତା ସହରୀ ଗ୍ରାହକମାନଙ୍କ ଠାରୁ ପଛରେ ରହିବେ ନାହିଁ। ତେଣୁ ଏବେ ବଡ଼ ବଡ଼ ଏଫଏମସିଜି କମ୍ପାନୀମାନେ ଭାରତର ବିଶାଳ ଗ୍ରାମୀଣ ଉପଭୋକ୍ତାମାନଙ୍କୁ ଆକର୍ଷିତ କରିବା ଲାଗି ବିଭିନ୍ନ ପ୍ରକାର ଉପାୟ ଆପଣାଇବା କଥା ଚିନ୍ତା କଲେଣି।

୨୦୨୦ ଏବଂ ୨୦୨୧ରେ ଏଫ୍‌ଏମ୍‌ସିଜି ବିକ୍ରୟ କ୍ଷେତ୍ରରେ ଗ୍ରାମୀଣ ଭାରତରେ ଏକ ପ୍ରକାର ସ୍ଥାଣୁତା ଦେଖିବାକୁ ମିଳିଥିଲା। ବରଂ ଏହା ବିଯୁକ୍ତାତ୍ମକ ଥିଲା। ୨୦୨୦ ଏବଂ ୨୦୨୧ରେ ପୂର୍ବ ବର୍ଷ ତୁଳନାରେ ବୃଦ୍ଧିର ହାର ଥିଲା ଯଥାକ୍ରମେ -୦.୫ ପ୍ରତିଶତ ଏବଂ -୩.୫ ପ୍ରତିଶତ। କିନ୍ତୁ ୨୦୧୫ରେ ସେଇ ଧାରାରେ ବିରାମ ଲାଗି ଏଫ୍‌ଏମ୍‌ସିଜି ବିକ୍ରୟରେ ବିରାଟ ବୃଦ୍ଧି ଲକ୍ଷ୍ୟ କରାଯାଇଛି। ଆଗେ ଅଧିକାଂଶ ଭାବୁଥିଲେ ଯେ ଗ୍ରାମୀଣ ଉପଭୋକ୍ତା ଏକ ପାରମ୍ପରିକ କ୍ଷେତ୍ରରେ ହିଁ କିଣାକିଣି କରନ୍ତି। କିନ୍ତୁ ବଜାର ସର୍ବେକ୍ଷଣ ସଂସ୍ଥା ଆଇଏମ୍‌ଆରବି ଦ୍ୱାରା କରାଯାଇଥିବା ସଦ୍ୟତମ ସର୍ଭେରୁ ଜଣାପଡ଼ିଛି ଯେ ୨୦୨୨ରେ ଗ୍ରାମୀଣ ଭାରତରେ ଏଫ୍‌ଏମ୍‌ସିଜିର ଚାହିଦାରେ ୫.୬ ପ୍ରତିଶତ ବୃଦ୍ଧି ଘଟିଥିବା ବେଳେ ସହରରେ ଅଭିବୃଦ୍ଧିର ହାର ହେଉଛି ୨.୯ ପ୍ରତିଶତ। ଏହି ଧାରା ଜାରି ରହିଲେ ଖୁବ୍ ଶୀଘ୍ର ଏଫଏମ୍‌ସିଜି ଦ୍ରବ୍ୟର ବିକ୍ରିରେ ଗାଁ ଗହଳିର ଉପଭୋକ୍ତାଙ୍କ ଭାଗ ୪୫ ପ୍ରତିଶତ ହୋଇଯିବ। ଭାରତୀୟମାନଙ୍କ ଆୟ ବଢ଼ିଛି। ସେମାନଙ୍କ ଜୀବନ ଶୈଳୀରେ ପରିବର୍ତ୍ତନ ଆସିଛି। ଏହା ସହିତ ଟଙ୍କା ଖର୍ଚ୍ଚକୁ ନେଇ ରହି ଆସିଥିବା ପୁରୁଣା ଭାରତୀୟ ଆଭିମୁଖ୍ୟରେ ବି ପରିବର୍ତ୍ତନ ଦେଖାଦେଇଛି। ସଂପ୍ରତି ଅନେକ ବହୁ ରାଷ୍ଟ୍ରୀୟ କମ୍ପାନୀ ସମଗ୍ର ବିଶ୍ୱରେ ଭାରତୀୟ ଗ୍ରାହକ ବଜାରକୁ ବଡ଼ ବଜାର ଭାବେ ଦେଖି ଅନେକ ପ୍ରୋତ୍ସାହନ ମୂଳକ ସୁବିଧା ଦେବା ସହ ଲୋକମାନଙ୍କୁ ସେମାନଙ୍କ ଆର୍ଥିକ ସାମର୍ଥ୍ୟକୁ ଦେଖି ସେମାନଙ୍କ ସାମଗ୍ରୀର ଦର ରଖୁଛନ୍ତି। ଯାହାକି ଭାରତୀୟ ଗ୍ରାହକଙ୍କ ପକେଟ ସୁହାଉଛି।

ଭାରତୀୟ ବଜାର ସମଗ୍ର ବିଶ୍ୱରେ ବିଶ୍ୱସ୍ଥ ଓ ବଡ଼ ବଜାର କ୍ଷେତ୍ରରେ ପଞ୍ଚମ ସ୍ଥାନରେ ରହିଛି ଏହା ନିଶ୍ଚିନ୍ତ ଭାବରେ ଖୁସିର କଥା। ଏ କ୍ଷେତ୍ରରେ ଚୀନର ଏକଚାଟିଆ ବଜାର ମାମଲତି କମି ଯାଇଛି। ସରକାର ମଧ୍ୟ ବହୁ ରାଷ୍ଟ୍ରୀୟ କମ୍ପାନୀକୁ ଭାରତ ଆସି ସେମାନଙ୍କ ବେପାର ବଣିଜକୁ ବ୍ୟାପକ କରିବା ପାଇଁ ଉଚ୍ଚ ହାରର ଟିକସକୁ କମାଇଛନ୍ତି। ପୂର୍ବର ମିତବ୍ୟୟୀ ଭାରତ ଏବେ ତୁଳନାତ୍ମକ ଭାବେ ଅଧିକ ଖର୍ଚ୍ଚ ହେବାର ଲକ୍ଷଣ ପ୍ରଦର୍ଶନ କଲାଣି।

ଏଇ ପରିପ୍ରେକ୍ଷୀରେ ଅଦ୍ୟାବଧି ଅନାବିଷ୍କୃତ ଇଲାକାରେ ଏଫଏମ୍‌ସିଜି ଦ୍ରବ୍ୟ ପ୍ରସ୍ତୁତକାରୀ ବିଶାଳ ଉଦ୍ୟୋଗଗୁଡ଼ିକ ପ୍ରବେଶ କରିବାର ଉଦ୍ୟମ ଆରମ୍ଭ କଲେଣି। ସେଥିଲାଗି ପ୍ୟାକିଂରେ ଭିନ୍ନତା ତଥା ଭିନ୍ନ ଟାର୍ଗେଟି କ୍ଲାଏନ୍ଟ (ଲକ୍ଷ୍ୟରେ ରହିଥିବା ଗ୍ରାହକ)ଙ୍କ ଲାଗି ଭିନ୍ନ ରୁଚିର ବିଜ୍ଞାପନ ପ୍ରସ୍ତୁତି ଉପରେ ଗୁରୁତ୍ୱ ଦିଆଗଲାଣି। ଆକଳନ କରାଯାଉଛି ଯେ ୨୦୨୪ରେ ଗ୍ରାମୀଣ ଭାରତରେ ଏଫଏମ୍‌ସିଜିର ବଜାରରେ ଆହୁରି ଅଭିବୃଦ୍ଧି ଘଟିବ। ଏହାର କାରଣ ହେଲା ଏକ ଅନୁକୂଳ ମୌସୁମୀର ପ୍ରାକ୍ ସୂଚନା ମିଳିଛି, ଯାହା କୃଷି କ୍ଷେତ୍ରରେ ଉନ୍ନତି ଆଣିବ ଏବଂ ଗତ ଦୁଇବର୍ଷର ହତାଶାକୁ ଦୂର କରିବ, ଦ୍ୱିତୀୟରେ ସରକାର ଗ୍ରାମରେ କୃଷିର ବିକାଶ ତଥା ରୋଜଗାର ବୃଦ୍ଧି ଲାଗି ନେଇଥିବା ପଦକ୍ଷେପ। ତୃତୀୟରେ ସପ୍ତମ ବେତନ କମିସନର ସୁପାରିସ ହେତୁ ସରକାରୀ କର୍ମଚାରୀଙ୍କ ଦରମାରେ ଏକ ବଡ଼ ଧରଣର ବୃଦ୍ଧିର ଆଶା।

ତେଣୁ ଚଳିତ ବର୍ଷ ଏ ଅଭିବୃଦ୍ଧି ଆହୁରି ଉଚ୍ଚା ହେବ ବୋଲି ଏକ ବଜାରରେ ଆଭାସ ମିଳିଲାଣି। ସଂପ୍ରତି ବଜାରରେ ଦରଦାମର ଉଚ୍ଚ ମୂଲ୍ୟ ରହୁଥିବା ବେଳେ ସରକାରୀ ଓ ବେସରକାରୀ ସଂଗଠନରେ ଅଧିକାଂଶ କ୍ଷେତ୍ରରେ ଦରମା ଓ ଅର୍ଥନୈତିକ ସୁବିଧା ସୁଯୋଗ ବଢ଼ିଛି। ତେବେ ଅନେକ ସରକାରୀ କର୍ମଚାରୀ, ବେତନ ଭୋଗୀ ଓ ଘରୋଇ ସଂସ୍ଥାରେ କାର୍ଯ୍ୟ କରୁଥିବା ବ୍ୟକ୍ତି ବିଶେଷଙ୍କର ଆର୍ଥିକ ସ୍ଥିତି ଉଚ୍ଚାର ରହିପାରୁନାହିଁ। ଏହାର ବଡ଼ କାରଣ ହେଉଛି ସେମାନଙ୍କର ପୂର୍ବ ଋଣ ବା ବ୍ୟାଙ୍କରୁ ନେଇଥିବା ଆର୍ଥିକ ସହଯୋଗ। ଏହାକୁ ନିର୍ଦ୍ଦିଷ୍ଟ ଅବଧି ଭିତରେ ପରିଶୋଧ ନକଲେ ଚଢ଼ା ଦରରେ ଏକ ପ୍ରକାର ଚକ୍ରହାର ସୁଧରେ ସେମାନେ ଆର୍ଥିକ କ୍ଷତିକୁ ସହି ଥାଆନ୍ତି। ତେବେ ଅନେକ କ୍ଷେତ୍ରରେ ଦେଖାଯାଉଛି ଯେ ବହୁରାଷ୍ଟ୍ରୀୟ କମ୍ପାନୀ ଓ ଭାରତର କିଛି ବଡ଼ ବଡ଼ କମ୍ପାନୀ ସେମାନେ ନିର୍ଦ୍ଦିଷ୍ଟ ସେମାନଙ୍କର ଉତ୍ପାଦିତ ସାମଗ୍ରୀ ଉପରେ ବ୍ୟାପକ ସୁବିଧା ଓ ସବସିଡି ପ୍ରଦାନ କରିବା ସହ ମାସିକ କିସ୍ତି ବ୍ୟବସ୍ଥା କରୁଛନ୍ତି।

ଯାହାକି ବେତନଭୋଗୀ କର୍ମଚାରୀ ଓ ସମାଜର ସବୁଠାରୁ ବଡ଼ ଗ୍ରୁପ କୁହାଯାଉଥିବା ମଧ୍ୟବର୍ତ୍ତି ମାନଙ୍କ ପାଇଁ ବରଦାନ ସାବ୍ୟସ୍ତ ହେଉଛି। ସେମାନେ ବ୍ୟାପକ କିଣାବିକା କରିବା ସହ ଭାରତୀୟ ଅର୍ଥନୀତି ମଧ୍ୟ ବଡ଼ ଆକାରରେ ବଜାରରେ କାୟା ମେଲାଇ ଲୋକଙ୍କୁ ବ୍ୟାପକ ସୁବିଧା ପ୍ରଦାନ କରୁଛି। ସରକାର ମଧ୍ୟ ମଝିରେ ମଝିରେ ସେମାନଙ୍କ କର୍ମଚାରୀଙ୍କ ପାଇଁ ଆର୍ଥିକ ସୁବିଧା, ପ୍ରୋତ୍ସାହନ ଓ ବ୍ୟାଙ୍କ ଋଣ ସୁବିଧାର ସୁବନ୍ଦୋବସ୍ତ କରିଛନ୍ତି। ଏ କ୍ଷେତ୍ରରେ ଖୋଲା ହାତ ଖର୍ଚ୍ଚ ନକରି ମିତବ୍ୟୟୀ ହେବା ମଧ୍ୟ ଜରୁରୀ। କାରଣ ଅନେକ କ୍ଷେତ୍ରରେ ଦେଖାଯାଏ ଖୋଲା ଖର୍ଚ୍ଚପଣିଆ ଜଣଙ୍କ ପାଇଁ ପରବର୍ତ୍ତୀ ସମୟରେ ଆର୍ଥିକ ଦୁଃସ୍ଥିତିର ବଡ଼ କାରଣ ହୋଇଥାଏ। ଏମିତି ହେଲେ ଭାରତୀୟ ଅର୍ଥନୀତି ଚଳଚଞ୍ଚଳ ରହିବ ଯାହା ଭାରତୀୟ ଅର୍ଥନୀତି ଲାଗି ଶୁଭଙ୍କର ହେବ।


ସାମାଜିକ କର୍ମୀ, ଶ୍ରୀବିହାର କଲୋନୀ, ତୁଳସୀପୁର, କଟକ, ଦୂରଭାଷ : ୯୪୩୭୪୫୦୧୧୪


# ପ୍ରକୃତି, ପରିବେଶ ଓ ମାଆ

**॥ ଡ଼ଃ.ଅରୁନ୍ଧତୀ ଦେବୀ ॥**

ମାମାକୁ ତା' ମାଆ କହିଲେ, 'ତୁ ଟିକେ ରୋଷେଇ ଘରୁ ଚିନି ଡ଼ବାଟା ଆଣିଲୁ' । ମାମା ଶୁଣିଲା ନାହିଁ । ପୁଣି ଥରେ ନିଜ କଣ୍ଠସ୍ୱର ଉଚ୍ଚକରି କହିଲେ । ତଥାପି ମାମା ହୁଙ୍କିଲା ନାହିଁ । ଏଥର ଚିତ୍କାର କରି କହିଲେ, କିନ୍ତୁ ମାମା ଶୁଣି ନଶୁଣିଲା ପରି ଶୋଇବା ଘରକୁ ଚାଲିଗଲା । ଶେଷରେ ତା'ର ମାଆ ମାମା ଚୁଟିଝିଙ୍କି ତା ପିଠିରେ ଦୁମ୍‌କିନା ବିଧାଟାଏ କଷିଦେଲେ । ମାମା ଜୋରରେ କାନ୍ଦିଲା । କିଛି ଉତ୍ତର ନକଲେ ବି ମନମାରି ବସିଗଲା । ନା ପାଠ ପଢ଼ିଲା ନା ଆଉ କିଛି କାମ କଲା । ଏଥିରୁ ଜଣାପଡ଼ିଲା ମାମାର ମାଆ ତାକୁ କେମିତି ଶିକ୍ଷା-ଦୀକ୍ଷା ବା ସଂସ୍କାର ଦେଇଛନ୍ତି ? ଅବଶ୍ୟ ତା'ମାଆଙ୍କୁ ସମ୍ପୂର୍ଣ୍ଣ ଦୋଷାରୋପ କରିବା ଠିକ୍ ନୁହେଁ । ମାମାର ଜନ୍ମଗତ ପ୍ରକୃତି ଏବଂ ସେ ରହୁଥିବା ପରିବେଶ ବି ଏଥିପାଇଁ ଦାୟୀ । କିନ୍ତୁ ଶିଶୁଟିଏର ବୋଧଶକ୍ତି ଆସିବା ଆରମ୍ଭରୁ ଯଦି ତା'ର ମାଆ ତାକୁ କେତୋଟି ପ୍ରାଥମିକ ଚଳଣି, ବ୍ୟବହାର ଏବଂ ହାବଭାବ ଶିଖାନ୍ତି ତାହେଲେ ସେ ଅନ୍ତତଃ ସେହିସବୁକୁ ଅକ୍ଷରେ ଅକ୍ଷରେ ପାଳନ କରନ୍ତା ।

ସ୍ନେହ ଦେଇ ଶିଶୁଙ୍କୁ ଆପଣାର କରିହୁଏ । କିନ୍ତୁ ସେହି ସ୍ନେହ ମାପଚୁପି ବିତରଣ କରିବା ଉଚିତ । ପୁଣି ଭୟ ଦେଖାଇବା ଆଉ ଏକ ଅସ୍ତ୍ର, ଯାହା ମାଆ ଶିଶୁଟିର ବେପରୁଆ ନୀତିକୁ ଲଗାମ୍ ଲଗାଏ । ଏମିତିରେ ପ୍ରତିଟି କଥାରେ ଭଲ-ଖରାପ ବାଛି ଶିଶୁକୁ ସେ ବିଷୟରେ ସଚେତନ କରିବା ମାଆଙ୍କର ଗୁରୁ ଦାୟିତ୍ୱ । ତେବେ ଶିଶୁଟିର ଜନ୍ମଗତ ପ୍ରକୃତି ଯଦି ବେପରୁଆ ଜଣାପଡ଼େ, ମାଆ ତା'ପ୍ରତି ଅଙ୍କୁଶ ଲଗାଇବା ବିଧେୟ । ଶିଶୁର କେତେକ ସ୍ୱଭାବ ଭଲ ଅର୍ଥାତ୍ ଗଠନାତ୍ମକ ହୋଇଥିବାବେଳେ, କେତେକ ସ୍ୱଭାବ ନକରାତ୍ମକ ହୋଇଥାଏ । ତେବେ ନକରାତମକ ସ୍ୱଭାବ ତା ପାଇଁ ତଥା ବଂଶର ବଦନାମ ପାଇଁ ଦାନା ଯୋଗାଇଥାଏ, ଏପରି ସ୍ୱଭାବକୁ ତାର ମାଆ ଗୋଟି ଗୋଟି କରି ନିବୃତ୍ତ କରିବା ଉଚିତ । ଯଦି କୌଣସି ନା କୌଣସି ଯୁକ୍ତାତ୍ମକ ସ୍ୱଭାବ ଲକ୍ଷ୍ୟ କରୁଥାନ୍ତି ତାହେଲେ ସେଭଳି ସ୍ୱଭାବପ୍ରତି ତାକୁ ଉତ୍ସାହିତ କରିବା ଉଚିତ । ପିଲାଟି ଭଲ କଥା କହୁଛି । ଭଲ କାମ କରୁଛି । ଭଲ ବିଷୟ ପ୍ରତି ଆଗ୍ରହ ପ୍ରକାଶ କରୁଛି, ଭଲ ପିଲାଙ୍କ ସହ ମିଶିବାକୁ ଚାହୁଁଛି, କୌଣସି ଭଲ କଥାକୁ ସହଜରେ ଗ୍ରହଣ କରୁଛି ଓ ମନେ ରଖି ପାରୁଛି । ପରଉପକାରୀ ବା ସାହାଯ୍ୟ ମନୋଭାବର । ପୁଣି ପ୍ରଖର ଧୀଶକ୍ତି, ଭଲ କାମକୁ ଅନୁକରଣ, କୌଣସି ଭଲ କାମ ପାଇଁ ମନଯୋଗ କିମ୍ବା ସକରାତ୍ମକ ଦିଗରେ ତା'ର ଉତ୍ସାହ ଦେଖିଲେ ତାର ମାଆ ତାକୁ ସାହାଯ୍ୟ, ସହଯୋଗ ଏବଂ ସମର୍ଥନ ଦେବା ଉଚିତ୍ ।

କେତେକ କ୍ଷେତ୍ରରେ ଶିଶୁର କିଛି ବଳବତ୍ତର ପ୍ରକୃତି ପରିଲକ୍ଷିତ ହୁଏ ଯାହା ତାର ମାଆଙ୍କୁ ଭଲ ଲାଗେ, ଖରାପ ବି ଲାଗେ । କାରଣ କିଛି ଅଶୋଭନୀୟ କଥାରେ ଯଦି ଶିଶୁ ଜିଦ୍ କରିବସେ ସେଥିରୁ ମାଆ ବାରଣ କରିଥାନ୍ତି । ଏତେବେଳେ ଶିଶୁ ଓ ମାଆ ମଧ୍ୟରେ ପାଚେରି ଗଢ଼ି ଉଠେ । ପିଲା ଚାହେଁ ତାହା କରିବାକୁ; କିନ୍ତୁ ମାଆ ତାକୁ ବାରଣ କରେ । ଧୀରେ ଧୀରେ ଶିଶୁ ଅନୁଭବ କରେ ତା' ମାଆ ତାର ବିରୋଧୀ । ତଥାପି ମାଆ ସବୁ କଥାରେ ଆଦୌ ବୁଝାମଣା କରିବା ଅନୁଚିତ । ଭୟରେ ନହେଲେ ସ୍ନେହରେ, କିମ୍ବା ସ୍ନେହରେ ନହେଲେ ଭ୍ରରେ ତାକୁ ସେସବୁ ନକାରାତ୍ମକ ଦିଗରୁ ମାଆ ନିବୃତ୍ତ କରିବାକୁ ଯଥାସାଧ୍ୟ ଚେଷ୍ଟା କରିବା ଉଚିତ ।

ପରିବେଶ ଅନୁସାରେ ପିଲାଟି କେତେକ ନକରିବା କଥା କରିବସେ । ପୁଣି ପରିବେଶ ପ୍ରଭାବରେ ସେ ଉପସ୍ଥିତ ବୁଦ୍ଧି ସମ୍ପନ୍ନ, ପ୍ରତ୍ୟୁତ୍ପନ୍ନମତି, ଚତୁର ଏବଂ ସାହାସୀ ହୋଇଥାଏ । କେତେକ ବାସ୍ତୁ, ବ୍ୟକ୍ତି ଏବଂ ଆଚାର ବ୍ୟବହାର ତାକୁ ଅନେକ କଥା ଜାଣିବାରେ ସାହାଯ୍ୟ କରେ । ଅନ୍ୟକୁ ଅନୁକରଣ କରିବା ପ୍ରାୟ ଶିଶୁଟି ଏଇ ପରିବେଶରୁ ହିଁ ଶିଖିଥାଏ । କିନ୍ତୁ ଏଇ ପରିବେଶ ବି ପିଲାଟିକୁ ବିପଥଗାମୀ କରାଏ । କାରଣ ପରିବେଶ ପ୍ରଭାବରେ ସେ ନିଜର ଉତ୍ତମ ସ୍ୱଭାବ ଏବଂ ମାଆର ସୁଶିକ୍ଷାକୁ ଧୀରେ ଧୀରେ ଭୁଲିବାକୁ ବସେ । ଯେତେବେଳେ ସେ ସମ୍ପୂର୍ଣ୍ଣ ପରିବେଶର ସମର୍ଥକ ହୋଇଯାଏ, ସେତେବେଳେ ତାକୁ ସ୍ୱ-ପ୍ରକୃତି ବା ମାଆଙ୍କ ଶିକ୍ଷା-ଦୀକ୍ଷାକୁ ବିଚ୍ୟୁତ ହେବାକୁ ପଡ଼େ । ତେଣୁ ପିଲାଟିକୁ ପୂରାପୂରି ପରିବେଶର ଅଧୀନ କରିବା ଅନୁଚିତ । ବରଂ ତାର ଏକାକୀତ୍ୱ ଅନୁଭବ ଦୂର କରିବାକୁ ପରିବେଶ ସହ କେବେ କେବେ ମିଶିବାର ସୁଯୋଗ ଦେବା ଠିକ୍ । ଯଦି କୌଣସି ପରିବେଶରେ ପିଲାଟି ବିଶୃଙ୍ଖଳିତ, ବେପରୁଆ କି ବିପଥଗାମୀ ହୋଇ ଯାଉଛି, ତାହେଲେ ଯଥାଶୀଘ୍ର ତାକୁ ସେଠାରୁ ଦୂରେଇ ନିଅନ୍ତୁ । ପରିବେଶ ଯେ ପିଲାର ବିରୋଧୀ ହୁ. ତାନୁହେଁ – ବେଳେ ବେଳେ ମାଆ ବାପାଙ୍କୁ ଯେଉଁ ପରିବେଶରେ ସୁହାଉନଥାଏ, ସେ ପରିବେଶରେ ପିଲାଟି ଖାପଖୁଆଇ ପାରେ । ପିଲାକୁ ଯେଉଁ ପରିବେଶରେ ରଖୁଛନ୍ତି ସେ ପରିବେଶରେ ସେ ସମର୍ଥକ କି ନୁହେଁ, ଅନୁଧ୍ୟାନ କରନ୍ତୁ । ନତୁବା ତାକୁ ସୁହାଉନଥିବା ପରିବେଶ ତାର ଶାରୀରିକ, ମାନସିକ ଏବଂ ବୌଦ୍ଧିକ ବିକାଶରେ ଅନ୍ତରାୟ ହୋଇପାରେ । ଯେଉଁ ପିଲା ଯେପରି ହେବା କଥା ସେପରି ହେବ । ଅବଶ୍ୟ ଏଭଳି ଲୋକ ବିଶ୍ୱାସ ଭୁଲନୁହେଁ । କାହିଁକି ନା ମଫସଲ ଅଞ୍ଚଳରେ ରହି ପିଲାଟି ସେଠିକାର ଅନୁନ୍ନତ ପରିବେଶରେ ମଧ୍ୟ ନିଜାର ଶାରୀରିକ ଓ ମାନସିକ ବିକାଶ କରିପାରୁଛି । ସେହି ପିଲାମାନଙ୍କ ମଧ୍ୟରୁ କିଏ ସୈନିକ ହେଉଛନ୍ତି ତ କଏ ପାଠପଢ଼ି ଡାକ୍ତର, ଇଞ୍ଜିନିୟର, ଅଧ୍ୟାପକ ଏପରିକି ଆଇଏଏସ, ଆଇପିଏସ କିମ୍ବା ଓଏଏସ୍ ହୋଇ ପାରୁଛନ୍ତି । କିନ୍ତୁ ସହର ପରିବେଶରେ ସବୁ ପ୍ରକାର ସୁବିଧା ସୁଯୋଗ ପାଇ ବି ପିଲାମାନେ ସେମିତି କିଛି ଆଖିଦୃଶିଆ ଦିଗରେ ଓସ୍ତାଦ ହୋଇ ପାରୁନାହାନ୍ତି । ତେଣୁ ଯିଏ ଯେମିତି ହେବା କଥା ସେମିତି ହେବ' କଥାଟି ଏଭଳି କ୍ଷେତ୍ରରେ ପ୍ରଯୁଜ୍ୟ । ପିଲାଟିର ଜନ୍ମଗତ ପ୍ରକୃତି, ପରିବେଶ ଓ ମାଆଙ୍କ ଯତ୍ନ ହିଁ ତାକୁ ପରିପୂର୍ଣ୍ଣ କରିପାରେ । ପିଲାର ମନସ୍ତତ୍ତ୍ୱକୁ ଠିକ୍ ଠିକ୍ ପଢ଼ନ୍ତୁ । ଏଥିପାଇଁ ମାଆ ହିଁ ବେଶୀ ଦାୟୀ । ନହେଲେ ଆପଣଙ୍କ ସ୍ୱପ୍ନ ସାକାର ହୋଇନପାରେ ।


ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦


# ଜୀବନର ସଂଜ୍ଞା

**॥ ଅନୀତା ପଟ୍ଟନାୟକ ॥**

ଥରେ ଜଣେ ମାଲିକଙ୍କ ଘରେ ଗୁଡ଼ିଏ ଘୋଡ଼ା ଥିଲେ। ମାଲିକଙ୍କର ଘରେ ବିଭିନ୍ନ ପ୍ରକୋଷ୍ଠରେ ଘଣ୍ଟାମାନ ସୁସଜ୍ଜିତ ହୋଇ ରହିଥିଲା। ଦିନେ ଘୋଡ଼ା ଘର ଭିତରେ ଘଣ୍ଟାକୁ ଦେଖି ଘଣ୍ଟାକୁ କହିଲା ତୋର ଜୀବନ ନାହିଁ ଚେତନ ଶକ୍ତିର ବ୍ୟବହାର କରି ବଞ୍ଚିବା ଆବଶ୍ୟକ। ନଚେତ ପରେ ଲାଗିବ ଆମେ ଜୀବନରେ କିଛି ମୂଲ୍ୟବାନ ହରାଇ ଦେଇଛେ। ଜୀବନ ତୋ ଭଳିଆ ଯନ୍ତ୍ରବତ ହେବା ଉଚିତ ନୁହେଁ। ମଣିଷର ଜୀବନ ଦୌଡୁଥିବା ଏକ ରାସ୍ତା ପରି। ଜୀବନ ଏକ ଚିରାଚରିତ ପ୍ରଥା ନୁହେଁ, ଜୀବନ ଅତ୍ୟନ୍ତ ଅର୍ଥପୂର୍ଣ୍ଣ ଓ ମୂଲ୍ୟବାନ।

ଘୋଡ଼ା ଓ ଘଣ୍ଟାର ଏପରି କଥୋପକଥନକୁ ବୁଝି ପାରୁଥିବା ଜଣେ ସାଧୁ ଆସିଲେ। ସେମାନଙ୍କ କଥା ଶୁଣି କହିଲେ ଜୀବନକୁ ଦୁଇ ଭାଗରେ ବିଭକ୍ତ କରାଯାଇପାରେ ଯଥା – ସାମାଜିକ ଓ ଆଧ୍ୟାତ୍ମିକ। ଜନ୍ମ ମୃତ୍ୟୁର ମଧ୍ୟଭାଗକୁ ଜୀବନ କୁହାଯାଏ। ଆଧ୍ୟାତ୍ମିକ ଜଗତରେ ଜନ୍ମ ଓ ମୃତ୍ୟୁ କିଛି ନାହିଁ। ଘୋଡ଼ା କହିଲା ଜୀବନ ଯାହା ନିରନ୍ତର ଚାଲିଥାଏ ଶରୀରର ଉତ୍ପତ୍ତିକୁ ଜନ୍ମ ଓ ବିଲୟକୁ ମୃତ୍ୟୁ କୁହାଯାଏ। ପ୍ରାଣ ଚିରନ୍ତନ, ଶାଶ୍ୱତ ଓ ଲକ୍ଷ୍ୟ ସ୍ଥଳକୁ ଏକ ଯାତ୍ରା ହେଲେ ଏ ଘଣ୍ଟାଟା ପ୍ରାଣ ନୁହେଁ କେବଳ ମୁନୀବଙ୍କ ଘରେ ଶୋଭା ପାଉଛି ବୋଲି ତାର କେତେ ବହତା। ସାଧୁ କହିଲେ କାହାରିକୁ କୁତ୍ସରଟନା କରନାହିଁ। ତୁମେ ମାନବର ଜୀବନକୁ ଦେଖ। ଅନେକଙ୍କର ରାଜନୈତିକ ଲକ୍ଷ୍ୟ ଥାଏ। ସେମାନେ ଉଚ୍ଚପଦବୀ ଚାହାଁନ୍ତି। ଅନେକଙ୍କର ଅର୍ଥନୈତିକ ଲକ୍ଷ୍ୟଥାଏ ଯଥା – ଧନବାନ ହେବା, ଲକ୍ଷ ପତି ହେବା, କୋଟିପତି ହେବା। ଅନେକଙ୍କର ବିଦ୍ୟାଅର୍ଜନ କରିବାର ଲକ୍ଷ୍ୟ ଥାଏ ଯଥା ଡିଗ୍ରୀ ହାସଲ କରିବା ଓ ଜ୍ଞାନ ଆହରଣ କରିବା ଇତ୍ୟାଦି। ସମସ୍ତଙ୍କର ଏକ ଲକ୍ଷ୍ୟ ଅଛି ଓ ସମସ୍ତେ ସେହି ପଥର ଯାତ୍ରୀ। କିଏ କିଏ ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରନ୍ତି କେହି କେହି ଅଧାରାସ୍ତାରେ ଦିଗହରା ହୁଅନ୍ତି ଓ କେହି କେହି ଲକ୍ଷ୍ୟ ପରିତ୍ୟାଗ କରନ୍ତି। କାଳର କରାଳରେ କେହି କେହି ଲକ୍ଷ୍ୟ ବିଚ୍ୟୁତ ମଧ୍ୟ ହୁଅନ୍ତି। ସେ ଯାହା ହେଉନା କାହିଁକି ଜୀବନ ଲକ୍ଷ୍ୟ ସ୍ଥଳ ଆଡ଼କୁ ଗତି କରୁଥିବା ଏକ ଯାତ୍ରା। ଘଣ୍ଟା କାଳର ପ୍ରତୀକ। ତେଣୁ ସେ ମୂଲ୍ୟବାନ ଘୋଡ଼ା କହିଲା ମହାନୁଭବ ମୋ ମତରେ ଜୀବନ ଏକ ଅନୁସନ୍ଧାନ ତେଣୁ ଖୋଜ ରଖିବାକୁ ପଡ଼ିବ ବାହାର କରିବାକୁ ପଡ଼ିବ। ଉଦ୍ୟମ ଜାରି ରଖିବାକୁ ପଡ଼ିବ। ଜଣେ ଚେଷ୍ଟିତ ହେବା ଆବଶ୍ୟକ ଓ ନିଜକୁ ପଚାରି ବୁଝିବା ଦରକାର ସେ ଜୀବନରେ ଚାହେଁ କଣ ? ପ୍ରତ୍ୟେକଙ୍କର ଚାହିଦାରେ ଫରକ ଥାଏ। ଆମର ଚାହିଦା ଇଚ୍ଛା ଓ ଶକ୍ତି ମୁତାବକ ଆମେ ଜୀବନରେ ଯାହା ଚାହୁଁଛୁ ତାହା କରିବା ଦରକାର। ଘଣ୍ଟାର ଏସବୁ କିଛି ନାହିଁ।

ସାଧୁ କହିଲେ ଜୀବନ ଏକ ଯୁଦ୍ଧକ୍ଷେତ୍ର। ଯେ ଉତ୍ତମ ସେ ବଞ୍ଚେ। ବଞ୍ଚିବା ପାଇଁ ସଂଘର୍ଷ ଆବଶ୍ୟକ। ଏ ଜଗତରେ ସବଳ ବଞ୍ଚେ ଓ ଦୁର୍ବଳ ପ୍ରାଣ ହରାଏ। ଏହା ଜୀବନର ରୀତି। ସବୁ ମଞ୍ଜି ବଞ୍ଚି ପାରନ୍ତି ନାହିଁ ବା ଦ୍ରୁମରେ ପରିଣତ ହୋଇପାରନ୍ତି ନାହିଁ। ଜନ ବିସ୍ଫୋରଣ ହୋଇଥିବା ସମାଜରେ ଗୋଟିଏ ପଦବୀ ପାଇଁ ଅନେକ ପ୍ରାର୍ଥୀ ଓ ପ୍ରତିଯୋଗିତା ଅଧିକ। ଜୀବନ ଏକ ପ୍ରତିଯୋଗିତା, ସଂଘର୍ଷ ସର୍ବଶ୍ରେଷ୍ଠ ଉତ୍ତମ ହିଁ ବିଜୟୀ ହୁଏ। ବିଦେଶରେ ଦୁର୍ବଳର ସ୍ଥାନ ନାହିଁ ଯୋଗ୍ୟ ବ୍ୟକ୍ତି ଓ ତୁମପରି ଘୋଡ଼ା ଜୀବନରେ ସଂଘର୍ଷ କରି ପ୍ରତିଷ୍ଠିତ ହୁଅନ୍ତି। ଘଣ୍ଟା କହିଲା ହେ ମହାନୁଭବ! ଘୋଡ଼ାକୁ ବୁଝାନ୍ତୁ ଜୀବନ ଘଣ୍ଟାର ପେଣ୍ଡୁଲମ ସଦୃଶ। ଏହା ଏକ ଦିଗରୁ ଅନ୍ୟ ଦିଗକୁ ଝୁଲୁଥାଏ। ପେଣ୍ଡୁଲମ ଝୁଲୁ ନାହିଁ ଘଣ୍ଟା ଖରାପ ଆନନ୍ଦ ଓ ନିରାନନ୍ଦ ମଧ୍ୟରେ ଜୀବନ ଝୁଲୁଥାଏ ତେଣୁ ଦୁଇଟି ଦୁଃଖର ମଧ୍ୟ ସ୍ଥଳକୁ ଆନନ୍ଦ ବା ସୁଖ କୁହାଯାଏ। ଜୀବନରେ ଅନେକ କିଛି ଗ୍ରହଣ କରୁ ଓ ଅନେକ କିଛି ତ୍ୟାଗ କରୁ। ଯାହା ଜୀବନରେ ଆସିଲା ତାହାକୁ ଗ୍ରହଣ କରିପାରିବା ନାହିଁ। ଆମର ଚାହିଦା ଓ ଇଚ୍ଛା ଶକ୍ତି ପ୍ରୟୋଗ କରି ଆମେ ଯାହା ଚାହୁଁଛେ ତାକୁ ଗ୍ରହଣ କରିବା ଉଚିତ।

ଘୋଡ଼ାଟି ଏସବୁ ଶୁଣି ଆଲୋଚନାକୁ ଆଗେଇ ନେଇ କହିଲା ମୁଁ ଦେଖୁଛି ମଣିଷର ଜୀବନ ଉପର ତଳରେ ଭରପୁର। ଜୀବନ ସ୍ଥିର ନୁହେଁ। ପାହାଡ଼ ପରିବେଷ୍ଟନୀ ମଧ୍ୟରେ ଉପତ୍ୟକା ଥାଏ ଏହା ସମତଳ ଭୂମି। କିନ୍ତୁ ପାହାଡ଼ର ଶରୀର ଉପରତଳ ଉଚ୍ଚାନିଚ୍ଚା। ତେଣୁ ଜୀବନ ସିଧା ଖୁଣ୍ଟି ସଦୃଶ ନୁହେଁ। ଉପର ତଳରେ ସୁନ୍ଦରତା ଥାଏ। ଏହି ସତ୍ୟକୁ ଯେତେ ଶୀଘ୍ର ବୁଝିବା ସେତେ ଭଲ। ଉତ୍ତାପରେ ୧୦୦ ଡିଗ୍ରୀ ଅଛି ୦ଡିଗ୍ରୀ ଅଛି। ଘଣ୍ଟା କହିଲା ଦିନ ଅଛି ରାତି ଅଛି କିନ୍ତୁ ଏହା ମିଶିଲେ ସଂପୂର୍ଣ୍ଣ ଦିନ ହୋଇଥାଏ। ଏହି ସୁନ୍ଦରତାକୁ ଆମେ ବୁଝିବା ଦରକାର। ଦୃଷ୍ଟିଶକ୍ତିର ଯେପରି ଏକ ସୀମା ଅଛି ଜୀବନର ମଧ୍ୟ ସେହିପରି ସୀମା ଅଛି। ଏହାକୁ ବୁଝିବାକୁ ଶୃଙ୍ଖଳାର ଆବଶ୍ୟକତା ଥାଏ। ଦୁଇ ଗୋଡ଼ ଶୃଙ୍ଖଳାର ସହ ଚାଲେ। ଦୁଇ ଆଖି ଶୃଙ୍ଖଳାର ସହ ଦେଖେ। ମଣିଷର ଶରୀର ଶୃଙ୍ଖଳାରେ ଗଲେ ଯେଉଁ ଘୋଡ଼ା ଯୁଦ୍ଧ କ୍ଷେତ୍ରରେ ଦୌଡ଼ିପାରେ ନା, ଯେଉଁ ଭଗବାନ ଆମର ନାୟୋଚିତ ଆଶା ପୂରଣ କରିବାରେ ବିଫଳ ଓ ଯେଉଁ ବନ୍ଧୁ ବାନ୍ଧବ ଦରକାର ବେଳେ କର୍ମରେ ଆସନ୍ତି ନାହିଁ, ସେମାନଙ୍କୁ ତ୍ୟାଗ କରିଦେବା ଉଚିତ। ଗୋଟିଏ ସୁନ୍ଦର ନର୍ତ୍ତକୀ ଧ୍ୟାନ ଆକର୍ଷଣ କରିପାରେ ତାର ଅର୍ଥ ନୁହେଁ ସମସ୍ତେ ତା ଆକର୍ଷଣରେ ନାଚିବେ। ଭଗବାନଙ୍କ ନିର୍ଦ୍ଦେଶରେ ଓ ତାଙ୍କ ନିର୍ଦ୍ଦେଶିତ ପଥରେ ନାଚିବା ଭଲ। ମନର ନିର୍ଦ୍ଦେଶରେ ନୁହେଁ। ସାଧୁ କହିଲେ ଜୀବନ ଅନୁକରଣ ପ୍ରୀୟ ହେଲେ ମଧ୍ୟ ନିଜର ପନ୍ଥା ନିଜକୁ ବାଛିବାକୁ ହେବ। ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ଜୀବନ ଯେକୌଣସି ମୁହୂର୍ତ୍ତରେ ଛୋଟ ହୋଇପାରେ। ଜୀବନ ଏକ ଫୁଲପରି; ଦୋଳିରେ ଖେଳୁଥାଏ। ଛୋଟ ଶିଶୁର ହସ ପରି ଓ ଗ୍ରୀଷ୍ମର ଅଣ୍ଡାମଳୟପରି। କିନ୍ତୁ ଦୁଃଖର ବିଷୟ ମନୁଷ୍ୟ ଟଙ୍କାକୁ ଖୁବ ସୁନ୍ଦର ଭାବି ପ୍ରେମ କରୁଛି। ଧନବାନ ଲୋକ ଅସୁରକ୍ଷିତ ଓ ଶଂସୟୀ ହୋଇଥାଏ। ଫୁଲର ସୁଗନ୍ଧ ଅଛି କିନ୍ତୁ ସେ ମଉଳି ଯାଏ, ଝଡ଼ିପଡ଼େ ଠିକ ମନୁଷ୍ୟର ଜୀବନ ପରି। ହେ ଅଶ୍ୱ ଓ ଘଣ୍ଟା ! ସଚେତନର ସହ ବଞ୍ଚିବାକୁ ଜୀବନ କୁହାଯାଏ। ଯେଉଁଠାରୁ ଆସିଛି ସେଠାକୁ ଫେରି ଯିବାକୁ ଜୀବନ କୁହାଯାଏ। ତେଣୁ ମଣିଷର ଆରମ୍ଭ ଓ ଶେଷ ସମାନ। ଶେଷ ଅର୍ଥ ଭଗବାନଙ୍କ ନିକଟକୁ ଫେରିବା। ଆମେ ପୃଥିବୀରେ ରହିବା ପୃଥିବୀ ଆମ ଭିତରେ ନୁହେଁ। ଡଙ୍ଗା ପାଣିରେ ଭାସେ। ପାଣିକୁ ଡଙ୍ଗା ଭିତରେ ପଶିବାକୁ ଦିଏ ନାହିଁ। ମା ପିଲାକୁ ଦୋଳିରେ ଛାଡ଼ି ସମସ୍ତ କାର୍ଯ୍ୟ କରେ। ଅଳସୁଆ ଓ ବିକ୍ଷିପ୍ତ ଚିନ୍ତାଧାରାର ମାନବ ଭଗବାନଙ୍କୁ ପାଇପାରେ ନାହିଁ। ନିରନ୍ତର ଭଗବାନଙ୍କୁ ପ୍ରାର୍ଥନା ଓ କର୍ମ କରିବାକୁ ଜୀବନ କୁହାଯାଏ।


ସିଡିଏ, ସେକ୍ଟର-୧୦, କଟକ, ଦୂରଭାଷ : ୯୬୯୨୯୮୦୦୨୬

# ପ୍ରଶାସନର ଦୃଷ୍ଟି ଆଢୁଆଳରେ ନେପାଳ ଗାଁ ୬ ଦିନ ହେଲା ଅନ୍ଧାରରେ ଆଦିବାସୀ

ଓଡ଼ଗାଁ, (ମହାଭାରତ): ପ୍ରଶାସନର ଦୃଷ୍ଟି ଆଢୁଆଳରେ ଆଦିବାସୀ ଗାଁ ନେପାଳ।୬ଦିନ ଧରି ଗାଁ ଅନ୍ଧାରରେ ଥିବାବେଳେ ଡ଼ିବିରି ଆଲୁଅ ଏକମାତ୍ର ଭରଷାବୋଲି ଗ୍ରାମବାସୀ କହିଛନ୍ତି। ସୂଚନା ଅନୁଯାୟୀ ଓଡ଼ଗାଁ ବ୍ଲକ୍ ବାଣ୍ଡପୁର ପଞ୍ଚାୟତ ନେପାଳ ଗାଁରେ ୨୫ ପରିବାର ବର୍ଷବର୍ଷ ଧରି ବସବାସ କରି ଆସୁଛନ୍ତି।ଗାଁକୁ ସବୁକ୍ଷେତ୍ରରେ ସରକାରୀ ଅବହେଳା କରାଯାଉଛି।ବହୁ ଦୁଃଖ କଷ୍ଟରେ ଲୋକମାନେ କାଳାତିପାତ କରୁଛନ୍ତି।ଭିଟାମାଟି ଛାଡ଼ି ଯିବାକୁ ଅନିଛା ପ୍ରକାଶ କରୁଥିବା ଏହି ଆଦିବାସୀଙ୍କ ଦୁଃଖ କହିଲେ ନସରେ।ଗାଁକୁ ବିଜୁଳି ନଥିବାବେଳେ ପକ୍କା ରାସ୍ତା, ପାନୀୟଜଳ ସମସ୍ୟା ଉଗ୍ରରୂପ ଧାରଣ କରିଛି।ନୟାଗଡ଼ ସଦର ମହକୁମା ଠାରୁ ଓଡ଼ଗାଁ ୨୬ କିଲୋମିଟର ଓ ଓଡ଼ଗାଁରୁ ୧୫ କିଲୋମିଟର ଦୂରରେ ଥିବା



ନେପାଳ ଗାଁ ଏବେ ସମସ୍ତ ମୌଳିକ ସୁବିଧାରୁ ବଞ୍ଚିତ ହୋଇଛି।ତତକାଳୀନ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଗାଁକୁ ଯାଇ ଲୋକଙ୍କ ସମସ୍ୟା ବୁଝିଥିଲେ।ଗାଁର ପ୍ରତି ପରିବାରକୁ ସୋଲାର ଲାଇଟ ଓ ପିଇବାପାଣି ପାଇଁ ବ୍ୟବସ୍ଥା କରିଥିଲେ।କିନ୍ତୁ ମେଘୁଆ ପାଗ କିମ୍ବା ବର୍ଷା ହେଲେ ସୋଲାର କାମ କରୁନି।ଏବେ ସରକାର କିରୋସିନ ବନ୍ଦ କରିଦେବାରୁ ଲୋକଙ୍କ ସମସ୍ୟା ବଢ଼ିଯାଇଛି।୪ଦିନ ଧରି ଲାଗିରହିଥିବା ଲଘୁଚାପ ଜନିତ ବର୍ଷାରେ ଗାଁ ଅନ୍ଧକାରମୟ ହୋଇ ରହିଛି।ସନ୍ଧ୍ୟା ହେଲେ ଲୋକମାନେ ବାହାରକୁ ବାହାରିବା ତ ଦୂରର କଥା ଘର ଭିତରେ ଅନ୍ଧାରରେ ରାତି କାଟୁଛନ୍ତି।ଏମିତି ଜର୍ଜରିତ ଅବସ୍ଥାରେ ଲୋକମାନେ ସଢୁଥିଲେ ମଧ୍ୟ ପ୍ରଶାସନ ସବୁଜାଣି ହାତବାନ୍ଧି ବସିଛି।ଗାଁକୁ ପକ୍କା ରାସ୍ତା ନଥିବାରୁ ଲୋକମାନେ ଜଙ୍ଗଲିଆ ରାସ୍ତାରେ ବହୁ କଷ୍ଟରେ ଯିବାଆସିବା କରିବା ଏକ ନିତିଦିନିଆ ଘଟଣାରେ ପରିଣତ ହୋଇଥିବା ଗ୍ରାମବାସୀ କହି ଅସନ୍ତୋଷ ଝାଡ଼ିଛନ୍ତି। ସେହି ସମୟରେ ଜିଲ୍ଲାପାଳଙ୍କ ଗସ୍ତକୁ ଦେଖି ନେତା,ସାଂସଦ,ପ୍ରଶାସନିକ ଅଧିକାରୀ ଗାଁକୁ ଘନଘନ ଯାଇ ହାତୀ ଦେବୁ ଛତିଦେବୁ ବୋଲି ଆଶ୍ୱାସନା ଦେଇ ଫେରିଥିଲେ କିନ୍ତୁ ଏବେ ଆଉ କାହାରି ଦେଖା ମିଳୁନି।ନେପାଳ ଗାଁର ଆଦିବାସୀମାନେ ନିଜ ଭାଗ୍ୟକୁ ଆଦରି ଘରେ ପଡ଼ିଛନ୍ତି।ବଡ଼କଥା ହେଉଛି ନେପାଳ ଗାଁର ଲୋକେ ଜଙ୍ଗଲରୁ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହକରି ବଜାରରେ ଆଣି ବିକ୍ରିକରି ପରିବାର ଚଳାନ୍ତି।ଯଦି କାହାରି ଦେହ ଖରାପ ହୁଏ ତେବେ ସ୍ୱାସ୍ଥ୍ୟକେନ୍ଦ୍ର ଆଣିବାକୁ ପାଖ ?ରେ ପଇସା ନଥାଏ ବୋଲି କହିଛନ୍ତି।ଗାଁରେ ଝଡ଼ଫୁଙ୍କା କିମ୍ବା ଚେରମୂଳି ଖାଇ ଜୀବନ ବଞ୍ଚାଇଥାନ୍ତି।ଏମିତି ଅନେକ ଲୋକଙ୍କର ଅକାଳରେ ମୃତ୍ୟୁ ହୋଇଥିବା ଲୋକେ କହିଛନ୍ତି।ଗାଁକୁ ବିଜୁଳି, ପାନୀୟଜଳ, ରାସ୍ତା ଯୋଗାଇ ଦେବାକୁ ଦାବିହୋଇଛି। ଏଥିପ୍ରତି ପ୍ରଶାସନ ଦୃଷ୍ଟିଦେଇ ସମସ୍ୟା ସମାଧାନ କରିବାକୁ ବୃଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।

# ଦୁର୍ଗାପୂଜା ଓ ମା ମାଣିକେଶ୍ୱରୀ ଙ୍କ ପ୍ରସିଦ୍ଧ ଛତ୍ରଯାତ୍ରା -୨୦୨୬ର ପ୍ରସ୍ତୁତି ବୈଠକ



କଳାହାଣ୍ଡି, (ମହାଭାରତ): ଆଜି ସ୍ଥାନୀୟ ଜିଲ୍ଲାପରିଷଦ ସମ୍ମିଳନୀ ଗୃହ ରେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶଙ୍କ ଅଧ୍ୟକ୍ଷତାରେ ଆସନ୍ତା ୧୯.୧୦.୨୦୨୬ରିଖରେ ଅନୁଷ୍ଠିତ ହେବାକୁ ଥିବା ମାଆ ମାଣିକେଶ୍ୱରୀ ପବିତ୍ର ଛତ୍ରଯାତ୍ରା ସମ୍ବଧୀୟ ଏବଂ ଦଶହରା ପର୍ବ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି।ବୈଠକ ରେ ଅତିରିକ୍ତ ଜିଲ୍ଲାପାଳ ସାଧାରଣ ତନ୍ମୟ କୁମାର ଦରୱାନ,ଡି ଏଫ୍ ଓ ଉତ୍ତର ପ୍ରଭାକର ବର୍ମା,ଡି ଏଫ୍ ଓ ଦକ୍ଷିଣ ଆର୍ କଲାଇଭାନନ୍,ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ତାରା ଜସ୍ମିନ୍ ଗୁଡ଼ିଆ,ଉପ ଜିଲ୍ଲାପାଳ ଧର୍ମଗଡ ପ୍ରେକ୍ଷ୍ୟା ଅଗ୍ରୱାଲ,ମାନ୍ୟବର ବିଧାୟକ ଭବାନୀପାଟଣା ଙ୍କ ପ୍ରତିନିଧି ଧନୁ ଗହୀର କଳାହାଣ୍ଡି ରାଜାପ୍ରସାଦ ତରଫରୁ ଅଶୋକ ନେଗି , ବିଭିନ୍ନ ବିଭାଗୀୟ ଅଧିକାରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ,ବିଭିନ୍ନ ପୂଜା କମିଟି କର୍ମକର୍ତ୍ତା , ସହରର ବୁଦ୍ଧିଜୀବି ପ୍ରମୁଖ ଉପସ୍ଥିତ ଥିଲେ।ମାଣିକେଶ୍ୱରୀ ମନ୍ଦିର ପକ୍ଷରୁ ଜାରି ସୂଚନା ଅନୁସାରେ ଆସନ୍ତା ଅକ୍ଟୋବର ୧୯ ତାରିଖ ମା ମାଣିକେଶ୍ୱରୀ ଙ୍କ ପବିତ୍ର ଛତ୍ରଯାତ୍ରା ଜେନାଖାଲ ପୂଜାର୍ଚ୍ଚନା ସାରି ସକାଳ ୫ .୦୦ ଘଣ୍ଟା ସମୟରେ ମନ୍ଦିର ଅଭିମୁଖେ ଭକ୍ତମାନଙ୍କ ଗ୍ରହଣରେ ଯାତ୍ରା କରି ଦିବା ୧୧.୦୦ ଘରୁ ୧୧.୩୦ ମି? ମଧ୍ୟରେ ମନ୍ଦିର ମଧ୍ୟରେ ପ୍ରବେଶ କରିବେ ।ଜିଲ୍ଲା ପ୍ରଶାସନ ତରଫ ରୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତନ୍ମୟ କୁମାର ଦରୱାନ ଏଜେଣ୍ଡା ଅନୁଯାୟୀ ପ୍ରସ୍ତାବ ପାଠ କଲେ ଏବଂ ଗୃହ ରେ ସମସ୍ତଙ୍କ ସହମତିରେ ପ୍ରସ୍ତାବ ଗ୍ରହଣ କରାଗଲା । ମାଙ୍କ ଛତର ଯାତ୍ରା କୁ ଶାନ୍ତି ଶୃଙ୍ଖଳାସହ ସମାପନ କରିବା ପାଇଁ ଜିଲ୍ଲାପାଳ ସମସ୍ତଙ୍କ ସହଯୋଗ ଲୋଡିଥିଲେ । ମାଆ ଙ୍କ ଛତର ଯାତ୍ରା ରେ ରାଜାବାଟି ଦ୍ୱାରା ପୁରସ୍କୃତ ଘୁମୁରା ଦଳ ବ୍ୟତୀତ ପୋଲିସ ବିଭାଗ ଦ୍ୱାରା ଚିହ୍ନଟ ଅନ୍ୟ ସାଂସ୍କୃତିକ ଦଳ ଅଂଶ ଗ୍ରହଣ କରିବେ। ଛତ୍ର ଯାତ୍ରା ପାଇଁ ରାସ୍ତା ମରାମତି,ନାଳ ନର୍ଦ୍ଦମା ସଫା, ପାନୀୟ ଜଳ,ନିରବିଛିନ୍ନ ବିଦ୍ୟୁତ ସରବରାହ,ରାସ୍ତାରେ ବୁଲାଗାଇଗୋରୁ ନିୟନ୍ତ୍ରଣ, ମଦ ଓ ନିଶା ଦ୍ରବ୍ୟ ର ବିକ୍ରି ନିଷେଧ,ଶାନ୍ତି ଶୃଙ୍ଖଳା, ନିରବିଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ,ମୂର୍ତ୍ତି ବିସର୍ଜନ,ଆମ୍ବୁଲାନ୍ସ, ମାଜିଷ୍ଟ୍ରେଟ ମୃତୟନ, ପାନୀୟ ଜଳ ଯୋଗାଣ,ପୂଜା କମିଟି ପ୍ରସ୍ତୁତିମୂଳକ ବୈଠକ,ସୂଚନା କେନ୍ଦ୍ର ସ୍ଥାପନ ଓ ଧାରା ବିବରଣୀ, ଚାକ୍ଷୁଷ ଧାରା ବିବରଣୀ କାର୍ଯ୍ୟଅନୁଷ୍ଠାନ ନିମନ୍ତେ ରାସ୍ତା ଓ ଗୃହ ନିର୍ମାଣ,ଜାତୀୟ ରାଜପଥ,ପୌର ପରିଷଦ,ବିଦ୍ୟୁତ ବିଭାଗ, ପୋଲିସ, ଅବକାରୀ,ସ୍ୱାସ୍ଥ୍ୟ ବିଭାଗ, ସ୍ୱାସ୍ଥ୍ୟ,ସୂଚନା ଓ ଲୋକ ସମ୍ପର୍କ ବିଭାଗ ଅଧିକାରୀ ଙ୍କୁ ଦାୟିତ୍ୱ ଦିଆଗଲା। ଦୁର୍ଗାପୂଜା କମିଟିର ପୂଜା ସ୍ଥାପନ ଓ ମେଢ଼ ବିସର୍ଜନ ପାଇଁ ଗାଇଡ ଲାଇନ ଅନୁଯାୟୀ ଚିହ୍ନଟ ପୁଷ୍କରିଣୀ ବ୍ୟବସ୍ଥା କରିବାକୁ ଉପ ଜିଲ୍ଲାପାଳ, ଭବାନୀପାଟଣା/ ଧର୍ମଗଡ ତଥା ଆଇନ ଶୃଙ୍ଖଳା ଓ ଛତ୍ର ଯାତ୍ରାକୁ ସୁରକ୍ଷିତ, ଜନସମାଗମ କୁ ନିୟନ୍ତ୍ରଣ,ବାଇପାସ୍ ରାସ୍ତା, ସିସି ଟିଭି, ସାଂସ୍କୃତିକ ଦଳ ଦ୍ୱାରା ତୀକ୍ଷଣ ଅସ୍ତ୍ରଶସ୍ତ୍ର ଧାରଣ, ସାଂସ୍କୃତିକ ଦଳ ର ପ୍ରବେଶ ପାଇଁ ପୃଥକ ଭାବେ ଆରକ୍ଷୀ ଅଧିକ୍ଷକ,କଳାହାଣ୍ଡି ଙ୍କ ଦ୍ୱାରା ବୈଠକ ଆୟୋଜନ କରିବେ ।ଶେଷରେ ଡେପୁଟୀ କଲେକ୍ଟର ଯୁଡ଼ିସିଆଲ ବିରୂପାକ୍ଷ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

# ଗଛ ପଡି ଦୀର୍ଘ ଘଣ୍ଟା ଗାଁକୁ ଯୋଗାଯୋଗ ବିଚ୍ଛିନ୍ନ

ମୋହନା, (ମହାଭାରତ): ଗଜପତି ଜିଲ୍ଲା ମୋହନା ବ୍ଲକ ଜିରାଙ୍ଗ ପଞ୍ଚାୟତ ଅନ୍ତର୍ଗତ କମଳାପୁର ଗାଁରେ ସାମାନ୍ୟ ପବନରେ ତିନୋଟି ବିଶାଳକାୟ ତେନ୍ତୁଳି ଗଛ ଉପୁଡି ରାସ୍ତା ଉପରେ ପଡିଯିବାରୁ ଦୀର୍ଘ ସମୟ ଧରି ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଫଳରେ ଏହି ରାସ୍ତା ଉପରେ ନିର୍ଭରଶୀଳ ଡିମିରିସାହି ଗାଁର ଲୋକମାନଙ୍କର ଯୋଗାଯୋଗ ସମ୍ପୂର୍ଣ୍ଣ ଭାବେ ବିଚ୍ଛିନ୍ନ ହୋଇଯାଇଥିଲା। ସୂଚନା ମିଳିବା ପରେ ସ୍ଥାନୀୟ ଲୋକେ ମୋହନା ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଦୀର୍ଘ ସମୟ ଧରି ଅକ୍ଳାନ୍ତ ପରିଶ୍ରମ କରି ରାସ୍ତା ଉପରେ ପଡିଥିବା ଗଛଗୁଡିକୁ କାଟି ଓ ହଟାଇଥିଲେ। ପ୍ରାୟ ୧୨ ଘଣ୍ଟାର ଉଦ୍ୟମ ପରେ ରାସ୍ତା ସଫା ହୋଇଥିଲା ଏବଂ ଯାତାୟାତ ସ୍ୱାଭାବିକ ହୋଇଥିଲା କ୍ଷଅଗ୍ନିଶମ ବାହିନୀର ତ୍ୱରିତ ପଦକ୍ଷେପ ଓ ଉଦ୍ଧାର କାର୍ଯ୍ୟ ପାଇଁ ସ୍ଥାନୀୟ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି। ଗଛ ପଡିବା ଘଟଣାରେ କୌଣସି ଜୀବନହାନି କିମ୍ବା ବଡ଼ ଧରଣର କ୍ଷୟକ୍ଷତି ଘଟିନଥିବା ଜଣାପଡ଼ିଛି।

# ଗାଁରେ ନେଟୱାର୍କ ଓ ରାସ୍ତା ପାଇଁ ଉପଜିଲ୍ଲାପାଳଙ୍କୁ ଦାବିପତ୍ର



ରେଢ଼ାଖୋଲ, (ମହାଭାରତ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ଅନ୍ତର୍ଗତ ବୁର୍ଡା ଗ୍ରାମ ପଞ୍ଚାୟତ ଅଧୀନ ବଡ଼ ନୂଆପଡା ଗ୍ରାମରେ ମୌଳିକ ସୁବିଧା ରୁ ବଞ୍ଚିତ ମୋବାଇଲ ନେଟୱାର୍କ ଏବଂ ଶୋଚନୀୟ ହୋଇ ପଡିଛି ରାସ୍ତା ନିର୍ମାଣ ପାଇଁ ଶତାଧିକ ସଂଖ୍ୟାରେ ଗ୍ରାମବାସୀ ମାନେ ଆସି ରେଢ଼ାଖୋଲ ଉପଜିଲ୍ଲାପାଳ ଶ୍ରୀ ପୱନ କୁମାରଙ୍କୁ ଏକ ଲିଖିତ ଦାବୀ ପତ୍ର ପ୍ରଦାନ କରିଛନ୍ତି । ଏଥିରେ ଉଲ୍ଲେଖ କରିଛନ୍ତି ଯେ ଦୀର୍ଘ ବର୍ଷ ହେବ ମୋବାଇଲ୍ ନେଟୱାର୍କ ନଥିବାରୁ ଯୋଗାଯୋଗ କ୍ଷେତ୍ରରେ ଚରମ ସମସ୍ୟା ସୃଷ୍ଟି ହୋଇଛି। ଗ୍ରାମରେ କୌଣସି ବି ମୋବାଇଲ୍ କମ୍ପାନୀର ନେଟୱାର୍କ ନଥିବାରୁ ଜରୁରୀକାଳୀନ ସମୟରେ ଆମ୍ବୁଲାନ୍ସ ସେବା କିମ୍ବା ପୋଲିସ ସେବା ପାଇଁ ଫୋନ୍ କରିବା ସମ୍ଭବ ହେଉନାହିଁ। ଏହାଛଡ଼ା ଛାତ୍ରଛାତ୍ରୀ ମାନେ ଅନଲାଇନ୍ ପାଠପଢ଼ା, ବିଭିନ୍ନ ସରକାରୀ ଯୋଜନାରୁ ବଞ୍ଚିତ ହେଉଛନ୍ତି। ବ୍ୟାଙ୍କିଙ୍ଗ୍ ସେବା ଠାରୁ ଆରମ୍ଭ କରି ରାସନ ସାମଗ୍ରୀ ପାଇବା ପାଇଁ ମଧ୍ୟ ଗ୍ରାମବାସୀଙ୍କୁ ନେଟୱାର୍କ ଖୋଜିବାକୁ ଅନ୍ୟତ୍ର ଯିବାକୁ ପଡୁଛି। ତା ସହିତ ଗ୍ରାମକୁ ଯାତାୟତ ପାଇଁ ରାସ୍ତା ଶୋଚନୀୟ ହୋଇ ପଡିଛି, ଚଳିତ ବର୍ଷା ଋତୁରେ ଗ୍ରାମବାସୀ ମାନେ ଯାତାୟତ ପାଇଁ ବହୁ ସମସ୍ୟା ସମ୍ମୁଖୀନ ହେବାକୁ ପଡୁଛି । ଯଦି ଆଗାମୀ ଦିନରେ ଏହି ସମସ୍ୟାର ସମାଧାନ ନହୁଏ, ତେବେ ଗ୍ରାମବାସୀ ଆସନ୍ତା ନିର୍ବାଚନରେ ଭୋଟ ବର୍ଜନ କରିବା ପାଇଁ ଚେତାବନୀ ଦେଇଛନ୍ତି। ସେପଟେ ଉପଜିଲ୍ଲାପାଳ ଗ୍ରାମରେ ନେଟୱାର୍କ ଏବଂ ରାସ୍ତା ନିର୍ମାଣ ପାଇଁ ଯଥାଶୀଘ୍ର ସମସ୍ୟା ସମାଧାନ କରାଯିବ ବୋଲି ପ୍ରତିକ୍ରିୟା ଦେଇଥିଲେ।

# ଅନ୍ତରାଜ୍ୟ ଚୋରକୁ କାବୁ କଲା ପଡିଆ ପୁଲିସ

ପଡିଆ, (ମହାଭାରତ ): ଘରେ କେହି ନଥିବାର ସୁଯୋଗ ନେଇ ଚୋରି କରୁଥିବା ଜଣେ ଅନ୍ତରାଜ୍ୟ ଚୋରକୁ କାବୁ କରିଛି ପଡିଆ ପୁଲିସ। ମାଲକାନଗିରି ଜିଲ୍ଲାର ସୀମାବର୍ତ୍ତୀ ପଡିଆ ଥାନା ଅଞ୍ଚଳରେ ଚୋରି ଘଟଣାର ତଦନ୍ତ କରି ପୁଲିସ ଭଦ୍ରାଚଳମ ଅଞ୍ଚଳର ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଙ୍କ ନାମ କାନିଥି ଭେଙ୍କେଟେଶ୍ୱରାଲୁ ବୋଲି ଜଣାପଡିଛି । ପୁଲିସ ସୂଚନା ଅନୁଯାୟୀ, ଏମଭି-୧୧୭ ଗ୍ରାମର ପୂର୍ଣ୍ଣିମା ସାନା ଅସୁସ୍ଥତା କାରଣରୁ ଗତ ୨୦ ସେପ୍ଟେମ୍ବର ଦିନ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଯାଇଥିଲେ। ଘରେ କେହି ନଥିବାର ସୁଯୋଗ ନେଇ ଅଭିଯୁକ୍ତ ରାତିରେ ଘରର ତାଲା ଭାଙ୍ଗି ଚୋରି କରିଥିବା ଅଭିଯୋଗ ହୋଇଥିଲା। ଚୋରି ହୋଇଥିବା ସାମଗ୍ରୀ ମଧ୍ୟରେ ନଗଦ ପ୍ରାୟ ୧୦ ହଜାର ଟଙ୍କା, ସୁନା ମୁଦି, ସୁନା ଚେନ୍? ସହ ଏକ ମାଟି କୁଣ୍ଡିରେ ରହିଥିବା ପ୍ରାୟ ୬ରୁ ୮ ହଜାର ଟଙ୍କା ଥିବା ଜଣାପଡ଼ିଛି। ଏହି ଘଟଣା ସମ୍ପର୍କରେ ପୂର୍ଣ୍ଣମା ପଡିଆ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଅଭିଯୋଗକାରୀ ଓ ସାକ୍ଷୀମାନଙ୍କ ବୟାନ ରେକର୍ଡ କରିବା ସହ ଚୋରକୁ ଧରିବା ପାଇଁ ପୁଲିସ ପକ୍ଷରୁ ବିଭିନ୍ନ ଦିଗରୁ ଛାନଭିନ ଜାରି ରହିଥିଲା। ଏହି କ୍ରମରେ ଗତ ୨୭ ତାରିଖ ବିଳମ୍ବିତ ରାତିରେ ପଡିଆ ଥାନା ଅଧିକାରୀ ସନ୍ତୋଷ କୁମାର ମାଝୀଙ୍କ ନେତୃତ୍ୱରେ ଏକ ପୁଲିସ ଟିମ୍ ଗଠନ କରାଯାଇଥିଲା। ପୁଲିସ ସୂଚନା ଓ ସ୍ଥାନୀୟ ଖବରଦାତାଙ୍କ ସହଯୋଗରେ ଜାଲ ବିଛାଇ ଅଭିଯୁକ୍ତ ଭେଙ୍କେଟେଶ୍ୱରାଲୁଙ୍କୁ କାବୁ କରାଯାଇଥିଲା। ପୁଲିସର ପଚରାଉଚରା ସମୟରେ ଅଭିଯୁକ୍ତ ଏମଭି-୧୧୭ ଗ୍ରାମର ପୂର୍ଣ୍ଣିମା ଙ୍କ ଘରେ ଚୋରି କରିଥିବା ଘଟଣାରେ ନିଜର ସମ୍ପୃକ୍ତି ସ୍ୱୀକାର କରିଥିବା ପୁଲିସ ପକ୍ଷରୁ କୁହାଯାଇଛି। ପୋଲିସ ତଦନ୍ତରୁ ଅଭିଯୁକ୍ତ ପୂର୍ବରୁ ୨୦୧୦ରୁ ୨୦୨୬ ମଧ୍ୟରେ ତେଲେଙ୍ଗାନା ଓ ଆନ୍ଧ୍ରପ୍ରଦେଶରେ ପ୍ରାୟ ୨୫ଟି ଡକାୟତି ମାମଲାରେ ଜଡ଼ିତ ଥିବା ସୂଚନା ମିଳିଛି। ସୀମାବର୍ତ୍ତୀ ଅଞ୍ଚଳରେ ପଡୋଶୀ ରାଜ୍ୟରୁ ଆସି ଅଜଣା ବ୍ୟକ୍ତିମାନେ ରାତି ସମୟରେ ଘରକୁ ଘର ବୁଲି ଚୋରି କରୁଥିବା ଘଟଣାକୁ ନେଇ ପଡିଆ ପୁଲିସର ନଜରଦାରି ବଢ଼ିଥିବା ବେଳେ ଏହି ଗିରଫକୁ ପୁଲିସର ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ଭାବେ ଦେଖାଯାଉଛି । ଅନ୍ୟପକ୍ଷରେ, ଚୋରି ମାମଲାରେ ଅଧିକ ତଦନ୍ତ ଜାରି ରହିଥିବାବେଳେ ଗିରଫ ଅଭିଯୁକ୍ତଙ୍କୁ ଆଇନ ଅନୁଯାୟୀ କୋର୍ଟରେ ଚାଲାଣ କରାଯାଇଥିବା ପୁଲିସ ସୂତ୍ରରୁ ଜଣାପଡ଼ିଛି।

# ବିବେକାନନ୍ଦ ହୋତା ଜଗତସିଂହପୁର ଜିଲ୍ଲା ବିଜେପି କୃଷକ ମୋର୍ଚ୍ଚାର ସହ-ପ୍ରଭାରୀ ନିଯୁକ୍ତ

ପାରାଦୀପ, (ମହାଭାରତ): ଭାରତୀୟ ଜନତା ପାର୍ଟି (ବିଜେପି)ର ସାଂଗଠନିକ କାର୍ଯ୍ୟକୁ ସୁଦୃଢ଼ ଓ କ୍ରିୟାଶୀଳ କରିବା ପାଇଁ ନୂତନ କର୍ମକର୍ତ୍ତା ଘୋଷଣା କରାଯାଇଛି। ଏହି କ୍ରମରେ ବିବେକାନନ୍ଦ ହୋତାଙ୍କୁ



ଜଗତ୍ ?ସିଂହପୁର ଜିଲ୍ଲା ଭାଜପା କୃଷକ ମୋର୍ଚ୍ଚାର ସହ-ପ୍ରଭାରୀ ଭାବେ ନିଯୁକ୍ତି ଦିଆଯାଇଛି। ଶ୍ରୀ ହୋତା ଜଣେ ଦକ୍ଷ ସଂଗଠକ ଭାବେ ଜଣାଶୁଣା। ତାଙ୍କର ଏହି ନୂତନ ଦାୟିତ୍ୱ ଜଗତ୍ସିଂହପୁର ଜିଲ୍ଲାରେ କୃଷକମାନଙ୍କର ବିଭିନ୍ନ ସମସ୍ୟା ସମାଧାନ କରିବା ସହ ଦଳର କୃଷକ ମୋର୍ଚ୍ଚା ସଂଗଠନକୁ ନିଶ୍ଚିତ ଭାବେ ଅଧିକ ଶକ୍ତିଶାଳୀ କରିବ ବୋଲି ଆଶାପ୍ରକାଶ କରାଯାଇଛି। ଏହି ନିଯୁକ୍ତି ପାଇଁ ଶ୍ରୀ ହୋତା ଦଳର ରାଜ୍ୟ ନେତୃବୃନ୍ଦ, ଜିଲ୍ଲା ସଭାପତି ପ୍ରତାପ ଚନ୍ଦ୍ର ମିଶ୍ର, ସାଂସଦ ଡଃ. ବିଭୁ ପ୍ରସାଦ ତରାଇ, ଜିଲ୍ଲା ର ସମସ୍ତ ନେତୃବୃନ୍ଦ ଓ କାର୍ଯ୍ୟକର୍ତ୍ତାଙ୍କୁ କୃତଜ୍ଞତା ଜଣାଇଛନ୍ତି। ତାଙ୍କୁ ଏହି ଗୁରୁଦାୟିତ୍ୱ ମିଳିବା ପରେ ବ୍ୟାସ ଫାଉଣ୍ଡେସନ ର ଅଧକ୍ଷକ୍ଷ ଶ୍ରୀମତୀ ସ୍ନେହମୟୀ ଆଚାର୍ଯ୍ୟ ଏବଂ କର୍ମକର୍ତ୍ତା ସଂଗ୍ରାମ ମନ୍ତ୍ରୀ, ଶରତ କୁମାର ଦାସ,ଦେବେନ୍ଦ୍ର ମଲ୍ଲିକ, ଯଶୋବନ୍ତ ରାଉତ, ରାହାମା ର ଇଣ୍ଟେଲେକ୍ଚୁଆଲ ଫୋରମ୍ ,ଆନ୍ତର୍ଜାତୀୟ ଜଗନ୍ନାଥ ମହୋତ୍ସବ ର କର୍ମକର୍ତ୍ତା, ସ୍ଥାନୀୟ ଦଳୀୟ ନେତୃତ୍ୱ, କାର୍ଯ୍ୟକର୍ତ୍ତା। ଶୁଭେଚ୍ଛୁମାନେ ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି ।

# ୧୦୮ ପିଲାଙ୍କ ଭବିଷ୍ୟତ୍ ମାତ୍ର ୨ ଶିକ୍ଷକ ହାତରେ !

ରାଇଘର, (ମହାଭାରତ):ଗୋଟିଏ ପଟେ ପିଲାଙ୍କ ଆଖିରେ ଭଲ ପାଠ ପଢ଼ି ଭବିଷ୍ୟତ ଗଢ଼ିବାର ସ୍ୱପ୍ନ, ଅନ୍ୟପଟେ ଶିକ୍ଷକ ଅଭାବର ଚାପ। ମାତ୍ର ଦୁଇଜଣ ଶିକ୍ଷକଙ୍କ ଭରସାରେ ଚାଲିଛି ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ହାତୀ ଗାଁ ପଞ୍ଚାୟତ ଅନ୍ତର୍ଗତ ପହିଲିପାରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ।ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୧୦୮ ଜଣ ଛାତ୍ରଛାତ୍ରୀ ଏହି ବିଦ୍ୟାଳୟରେ ପାଠ ପଢୁଛନ୍ତି ଦୁଇ ଶିକ୍ଷକ। ହେଲେ ଏତେ ବଡ଼ ସଂଖ୍ୟକ ପିଲାଙ୍କ ପାଠପଢ଼ାର ସମ୍ପୂର୍ଣ୍ଣ ଦାୟିତ୍ୱ ରହିଛି ମାତ୍ର ଦୁଇଜଣ ଶିକ୍ଷକଙ୍କ କାନ୍ଧରେ। ଅର୍ଥାତ୍ ୮ଟି ଶ୍ରେଣୀ, ୧୦୮ ପିଲା ଓ ଶିକ୍ଷକ ମାତ୍ର ୨ ଜଣ।ଏକାଧିକ ଶ୍ରେଣୀର ପିଲାଙ୍କୁ ଏକାସାଙ୍ଗରେ ସମ୍ଭାଳିବା,ପାଠ ପଢ଼ାଇବା, ଖାତା ଦେଖିବା ସହ ପ୍ରତ୍ୟେକ ପିଲାର ଶିକ୍ଷାଗତ ଉନ୍ନତି ଉପରେ ନଜର ରଖିବା ଦୁଇ ଶିକ୍ଷକଙ୍କ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ହୋଇଛି। ତଥାପି ପିଲାଙ୍କ ଭବିଷ୍ୟତକୁ ଆଗରେ ରଖି ନିଜ ନିଜର ଦାୟିତ୍ୱ ତୁଲାଇ ଚାଲିଛନ୍ତି ଦୁଇ ଶିକ୍ଷକ।କିନ୍ତୁ ପ୍ରଶ୍ନ ଉଠୁଛି ଦୁଇଜଣ ଶିକ୍ଷକଙ୍କ ଭରସାରେ ୮ଟି ଶ୍ରେଣୀର ୧୦୮ ପିଲାଙ୍କୁ ଆବଶ୍ୟକ ଗୁଣାତ୍ମକ ଶିକ୍ଷା ଦେବା କେତେଦୂର ସମ୍ଭବ ? ପିଲାଙ୍କ ପାଠପଢ଼ାରେ ଯେପରି ଶିକ୍ଷକ ଅଭାବ ବାଧା ନହୁଏ । କାରଣ ଶିକ୍ଷକ ଅଭାବର ପ୍ରଭାବ କେବଳ ଆଜିର ପାଠପଢ଼ା ଉପରେ ନୁହେଁ,ଏହା ପିଲାଙ୍କ ଆଗାମୀ ଭବିଷ୍ୟତ ସହ ଜଡ଼ିତ। ତେଣୁ ‘ଦୁଇ ଶିକ୍ଷକରେ ଚାଲିଛି ସ୍କୁଲ’ ବ୍ୟବସ୍ଥାରେ ଆଉ କେତେଦିନ ? ଏବେ ପ୍ରଶାସନର ଅପେକ୍ଷାରେ ଗ୍ରାମବାସୀ ଓ ସ୍କୁଲ ପିଲା ମାନେ।

# ଏଏମ୍/ଏନ୍ଏସ୍ ପୋର୍ଟସ୍ ପକ୍ଷରୁ ପାରାଦ୍ୱୀପ ଠାରେ ବେଳାଭୂମି ସଫେଇ ଅଭିଯାନ



ପାରାଦୀପ, (ମହାଭାରତ): ଏଏମ୍/ଏନ୍ଏସ୍ ପୋର୍ଟସ୍ ପକ୍ଷରୁ ଏହାର ସିଏସ୍ଆର୍ କାର୍ଯ୍ୟକ୍ରମ ‘ପ୍ରୋଜେକ୍ଟ ଗ୍ରୀନ୍’ ଅନ୍ତର୍ଗତ ଆଜି ପାରାଦୀପ ସମୁଦ୍ର ବେଳାଭୂମିରେ ଏକ ବ୍ୟାପକ ସ୍ୱଚ୍ଛତା ଅଭିଯାନ ଆୟୋଜିତ ହୋଇଯାଇଛି। ଆଗାମୀ ପିଢ଼ି ପାଇଁ ଉପକୂଳର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ସୁରକ୍ଷିତ ରଖିବା ସହିତ ଏକ ସ୍ୱଚ୍ଛ ପରିବେଶ ଗଠନ ଦିଗରେ ସାମାଜିକ ଦାୟିତ୍ୱବୋଧ ଭାବନାକୁ ଜାଗ୍ରତ କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ। ଏହି କାର୍ଯ୍ୟକ୍ରମରେ ପାରାଦୀପ ପୌରପାଳିକା ଅଧ୍ୟକ୍ଷ ବସନ୍ତ ବିଶ୍ୱାଳ ଏବଂ ଏଏମ୍/ ଏନ୍ଏସ୍ ଇଣ୍ଡିଆ ପାରାଦ୍ୱୀପ ପେଲେଟ୍ ପ୍ଲାଣ୍ଟ ମୁଖ୍ୟ ଭବେଶ ଝା ପ୍ରମୁଖ ଉପସ୍ଥିତ ଥିଲେ। ଏଏମ୍/ଏନ୍ଏସ୍ ପୋର୍ଟସର କର୍ମଚାରୀ, ପୌରପାଳିକା ଅଧିକାରୀ, ବିଦ୍ୟାଳୟର ଶିକ୍ଷକ ଏବଂ ଛାତ୍ରଛାତ୍ରୀଙ୍କ ସମେତ ପାଖାପାଖି ୭୫ ଜଣ ଏହି ଅଭିଯାନରେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ସେମାନେ ବର୍ଜ୍ୟବସ୍ତୁ ସଂଗ୍ରହ କରି ବେଳାଭୂମିର ପ୍ରାକୃତିକ ସୌନ୍ଦର୍ଯ୍ୟ ଫେରାଇ ଆଣିବାରେ ଯୋଗଦାନ ଦେଇଥିଲେ। ଏହି ଅଭିଯାନରେ ୧୭୦ କିଲୋଗ୍ରାମରୁ ଅଧିକ ଆବର୍ଜନା ସଂଗ୍ରହ କରାଯାଇ ପୌର କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରାଯାଇଥିଲା। ସ୍ୱଚ୍ଛ ବେଳାଭୂମି କେବଳ ପର୍ଯ୍ୟଟକମାନଙ୍କୁ ଏକ ସୁଖଦ ଅନୁଭୂତି ପ୍ରଦାନ କରେ ନାହିଁ, ବରଂ ଏକ ପର୍ଯ୍ୟଟନ ସ୍ଥଳୀ ଭାବରେ ଏହି ଅଞ୍ଚଳର ଆକର୍ଷଣ ବୃଦ୍ଧି କରି ସ୍ଥାନୀୟ ଅର୍ଥନୀତିକୁ ମଧ୍ୟ ସୁଦୃଢ଼ କରିଥାଏ। ପରିବେଶ ସଂରକ୍ଷଣ ପ୍ରତି ସାମୂହିକ ଦାୟିତ୍ୱବୋଧକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଏଏମ୍/ଏନ୍ଏସ୍ ପୋର୍ଟସ୍ ସ୍ଥାନୀୟ ଲୋକମାନଙ୍କ ସହଭାଗିତାରେ ସମାନ ପଦକ୍ଷେପ ଗ୍ରହଣ କରିବାକୁ ଯୋଜନା ପ୍ରସ୍ତୁତ କରୁଛି। କମ୍ପାନୀ ଏକ ସ୍ୱଚ୍ଛ, ସବୁଜ ତଥା ନିରାପଦ ପରିବେଶ ଗଠନ ଦିଗରେ ନିଜର ପ୍ରତିବଦ୍ଧତା ପ୍ରତି ସର୍ବଦା ପ୍ରତିବଦ୍ଧ ରହିଛି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି ।

# ପାରାଦୀପ ବନ୍ଦର ବିକାଶ ପାଇଁ ରାଜ୍ୟ ମନ୍ତ୍ରୀ ସୁରେଶ ପୂଜାରୀ ଓ ସମ୍ପଦ ସ୍ୱାଇଁ ଙ୍କ ସହ ସାକ୍ଷାତ ଓ ଆଲୋଚନା କଲେ ବନ୍ଦରାଧକ୍ଷ ଶ୍ରୀ ପୁରୋହିତ



ପାରାଦୀପ, (ମହାଭାରତ): ପାରାଦୀପ ବନ୍ଦର ପ୍ରାଧିକରଣ ଅଧକ୍ଷ ଶ୍ରୀ ସୁଶାନ୍ତ କୁମାର ପୁରୋହିତ ମଙ୍ଗଳବାର ଦିନ ଓଡିଶା ସରକାରଙ୍କ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ ଏବଂ ଶିଳ୍ପ,ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କୁ ଭେଟିଥିଲେ। ବୈଠକରେ ଅଧକ୍ଷ ଶ୍ରୀ ପୁରୋହିତ ତ୍ୱରିତ ଆର୍ଥିକ ପ୍ରଗତି ପାଇଁ ରାଜ୍ୟ ପ୍ରଶାସନ ଏବଂ ପାରାଦୀପ ବନ୍ଦର ପ୍ରାଧିକରଣ ମଧ୍ୟରେ ସମନ୍ୱୟ ବୃଦ୍ଧି କରିବା ଉପରେ ଆଲୋଚନା କରିଥିଲେ।

# ମା’ ମଙ୍ଗଳାଙ୍କ ଶାରଦୀୟ ପାର୍ବଣ ପୂଜା ପାଇଁ ପ୍ରସ୍ତୁତି ବୈଠକ

କାକଟପୁର, (ମହାଭାରତ): କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା’ ମଙ୍ଗଳାଙ୍କ ଶାରଦୀୟ ପାର୍ବଣ ପୂଜା ତଥା ଷୋଡ଼ଶ ଉପଚାର ପୂଜାକୁ ସୁଚାରୁରୂପେ,ଶୃଙ୍ଖଳିତ ଓ ଭକ୍ତିମୟ ପରିବେଶରେ ସମ୍ପନ୍ନ କରିବା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ମନ୍ଦିର ଟ୍ରଷ୍ଟ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି,ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାଶ ଚନ୍ଦ୍ର ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିରିକ୍ତ ତହସିଲଦାର ନିରଞ୍ଜନ ପାତ୍ର, ବିଡିଓ ନାରାୟଣ ଦୀକ୍ଷିତ, କାକଟପୁର ଥାନା ଏଏସ୍ ?ଆଇ ରମେଶ ଚନ୍ଦ୍ର ନିଶାଙ୍କ, ମନ୍ଦିର ପୁରୋହିତ ସୁରେଶ ଚନ୍ଦ୍ର ତ୍ରିପାଠୀ, ମନ୍ଦିର ପଞ୍ଜିକାର ଶ୍ରୀଧର ନାୟକ, ଷୋଡ଼ଶ ଉପଚାର ପୂଜାପଣ୍ଡା ସଞ୍ଜୟ କୁମାର ଦୀକ୍ଷିତ, ପୂଜାପଣ୍ଡା ରଘୁନାଥ ଦୀକ୍ଷିତ, ସେବାୟତ ନିଯୋଗ ସଭାପତି ମନୋରଞ୍ଜନ ପଣ୍ଡା, ଉପସଭାପତି କମଳ ଲୋଚନ ଦୀକ୍ଷିତ, ତୁଷାର ରଞ୍ଜନ ଦୀକ୍ଷିତ, ହିମାଂଶୁ ଭୂଷଣ ଦୀକ୍ଷିତଙ୍କ ସମେତ ବହୁ ସମ୍ପୃକ୍ତ ବ୍ୟକ୍ତି ଯୋଗଦେଇଥିଲେ। ବୈଠକରେ ଆସନ୍ତା ୩ ତାରିଖଠାରୁ ଦେବୀ ଉତ୍ଥାପନ, ସହସ୍ର କୁମ୍ଭାଭିଷେକ ନୀତି ଓ ଶାରଦୀୟ ପାର୍ବଣ ପୂଜା ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ଏଥିସହିତ ମନ୍ଦିର ପାଳିଆ ସେବକ ଓ ପୂଜାପଣ୍ଡା ସେବକମାନଙ୍କ ପାଉଣା ବୃଦ୍ଧି ପାଇଁ ଦାବି ଉପସ୍ଥାପିତ ହୋଇଥିଲା। ଏ ସମ୍ପର୍କରେ ବିଡିଓ ବିଭିନ୍ନ ଦିଗକୁ ତର୍ଜମା କରି ପାଉଣା ବୃଦ୍ଧି କରିଥିବା ଜଣାପଡ଼ିଛି,ଆସନ୍ତା ଅକ୍ଟୋବର ୧୧ ତାରିଖଠାରୁ ନବଦିନାତ୍ମକ ପୂଜା ଆରମ୍ଭ ହେବା ସହ ଏହି ଅବସରରେ ମା’ ମଙ୍ଗଳା ବିଭିନ୍ନ ମନୋରମ ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେବେ। ପାର୍ବଣ ପୂଜା ସମୟରେ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ନୀତିକାନ୍ତି, ଦର୍ଶନ ବ୍ୟବସ୍ଥା ଓ ଶୃଙ୍ଖଳା ରକ୍ଷା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା, ଶାରଦୀୟ ପୂଜା ଯେପରି ଶାନ୍ତି, ଶୃଙ୍ଖଳା ଓ ସୁରକ୍ଷିତ ପରିବେଶରେ ସମାପନ ହୁଏ, ସେଥିପାଇଁ ପାଳିଆ ସେବକ, ପୂଜାପଣ୍ଡା ଓ ସମସ୍ତ ସେବାୟତଙ୍କୁ ସହଯୋଗ କରିବାକୁ ନିବେଦନ କରାଯାଇଥିଲା। ଏହାସହ ମନ୍ଦିର ପରିସରକୁ ଆକର୍ଷଣୀୟ ସୁସଜ୍ଜିତ ଆଲୋକମାଳାରେ ସଜାଇବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି,ଆଗାମୀ ପାର୍ବଣ ପୂଜା ଅବସରରେ ଦୂରଦୂରାନ୍ତରୁ ଆସୁଥିବା ଭକ୍ତମାନେ ଯେପରି ସୁବିଧାରେ ମା’ଙ୍କ ଦର୍ଶନ କରିପାରିବେ, ସେଥିପାଇଁ ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ରଖି ବ୍ୟବସ୍ଥାକୁ ସୁଦୃଢ଼ କରିବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା।

## ସେବା ସଂକଳ୍ପ ଅଭିଯାନ -୨୦୨୬' ଅବସରରେ ଜିଲ୍ଲା ସ୍ତରୀୟ ପ୍ରତିଯୋଗିତା ଆୟୋଜିତ



କଳାହାଣ୍ଡି(ମହାଭାରତ):ଆଜି ସ୍ଥାନୀୟ ପୋଲିସ୍ ଉଚ୍ଚ ବିଦ୍ୟାଳୟ ଭବାନୀପାଟଣା ପରିସରରେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ସେବା ସଂକଳ୍ପ ଅଭିଯାନ -୨୦୨୬ ଅବସରରେ ଜିଲ୍ଲା ସ୍ତରୀୟ ପ୍ରତିଯୋଗୀତା ଆୟୋଜିତ ହୋଇଯାଇଛି। ଜିଲ୍ଲା ଶିକ୍ଷାଧିକାରୀ ରାଧାକାନ୍ତ ଛତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଧର୍ମଗଡ ବିଧାୟକଙ୍କ ପ୍ରତିନିଧି ହିମାଂଶୁ ପଣ୍ଡା, ମୁଖ୍ୟବକ୍ତା ଭାବେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ହେମସାଗର ମହାନନ୍ଦ, ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ଜୟ ମାଝୀ, ଏବଂ ସୁଢଲ ମୁଣ୍ଡ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରୂପ ସିଂହ ରାଉତ୍, ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଗଙ୍ଗାଧର ନନ୍ଦ ପ୍ରମୂଖ ମଞ୍ଚାସୀନ ଥିଲେ । ଏହି ଅବସରରେ ୧୩ ଟି ବ୍ଲକ୍ ରୁ ଶ୍ରେଷ୍ଠ ବିବେଚିତ ମୋଟ ୭୮ ଜଣ ପ୍ରତିଭାଗୀ ଛାତ୍ର ଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ବିତର୍କ ପ୍ରତିଯୋଗିତା ବରିଷ୍ଠ ବିଭାଗରେ ଓଜସ୍ ଅଗ୍ରୱାଲ, ଓ.ଏ.ଭି. ନର୍ଲା, କନିଷ୍ଠ ରେ ତମନ୍ନା ପ୍ରିୟ ଦର୍ଶନୀ, ସରକାରୀ ଉଚ୍ଚ ବିଦ୍ୟାଳୟ ତେରେଶିଙ୍ଗା, ସର୍ବ କନିଷ୍ଠରେ ସନାୟା ପ୍ରଧାନ ପି.ଏମ୍.ଶ୍ରୀ. ସରକାରୀ ଉଚ୍ଚ ବିଦ୍ୟାଳୟ କେସିଙ୍ଗା ରୁ ଶ୍ରେଷ୍ଠ ବିବେଚିତ ହୋଇ ରାଜ୍ୟ ସ୍ତରକୁ ମନୋନୀତ ହୋଇଛନ୍ତି। ଚିତ୍ରାଙ୍କନ ପ୍ରତିଯୋଗିତା ବରିଷ୍ଠ ବିଭାଗରେ ବାଲି ମାଝୀ ସରକାରୀ ଉଚ୍ଚ ବିଦ୍ୟାଳୟ ପାହାଡ଼ ପଦର୍, କନିଷ୍ଠରେ ବିନ୍ଧିଆ ରାଣୀ ଶବର, ସ୍ୱାମୀ ବିବେକନନ୍ଦ ଉଚ୍ଚ ବିଦ୍ୟାଳୟ ବିଜମରା,ସର୍ବ କନିଷ୍ଠରେ ଚନ୍ଦ୍ରିକା ସାହୁ ସରକାରୀ ଉଚ୍ଚ ପ୍ରଥମିକ ବିଦ୍ୟାଳୟ ଝାରମୁଣ୍ଡା ରୁ ଶ୍ରେଷ୍ଠ ବିବେଚିତ ହୋଇ ରାଜ୍ୟ ସ୍ତରକୁ ମନୋନୀତ ହୋଇଛନ୍ତି ।ଉଦଯାପନୀ ସମାରୋହରେ ଜିଲ୍ଲା ଶିକ୍ଷା ଅଧିକାରୀ, ଅବସର ପ୍ରାପ୍ତ ଶାରୀରିକ ଶିକ୍ଷା ନିରୀକ୍ଷକ ମହେନ୍ଦ୍ର ପଣ୍ଡା, ଜିଲ୍ଲା ପି. ଏସ୍. ଏସ୍.ଏସ୍. ସଂଯୋଜକ ପ୍ରଶାନ୍ତ ନନ୍ଦ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ପ୍ରମୁଖ ମଞ୍ଚାସୀନ ରହି କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ବ୍ୟବସାୟ ଙ୍କୁ ଗୁଳି କରି ହତ୍ୟା ପୋଲିସ ତଦନ୍ତ ଜାରି

ପାଟଣା:-(ମହାଭାରତ) କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା କେନ୍ଦେଇପଶି ଅନ୍ତର୍ଗତ ହନୁମାନ ଛକ ନିକଟରେ ଦୁର୍ବୃତ୍ତ ମାନେ ଜଣେ ଯୁବ ବ୍ୟବସାୟକ ଙ୍କୁ ଗୁଳି କରି ହତ୍ୟା କରିଛନ୍ତି। ଏପରି ଘଟଣା ସମଗ୍ର ଅଞ୍ଚଳରେ ଶୋକାକୁଳ ଛାୟା ଖେଳି ଯାଇଛି। ମୃତକ ଜଣକ ଖୋଜିରାପଶି ଗ୍ରାମ ର ତ୍ରିଲୋଚନ ମହାନ୍ତ ବୋଲି ଜଣାପଡି ଛି । ସୂଚନା ରୁ ପ୍ରକାଶ ଗତକାଲି ରାତି ସମୟରେ କେନ୍ଦେଇପଶି ଠାରୁ ଦୋକାନ ବନ୍ଦ କରି ପାଟଣା ଅଭିମୁଖେ ଘର କୁ ଫେରୁ ଥିବା ସମୟରେ ହନୁମାନ ଛକ ନିକଟରେ ଦୁର୍ବୃତ୍ତ ମାନେ ତ୍ରିଲୋଚନ କୁ ଅଟକାଇ ତାଙ୍କ ପାଖ ରେ ଥିବା ଟଙ୍କାବ୍ୟାଗ୍ କୁ ଲୁଟିବାକୁ ଉଦ୍ୟମ କରିବା ବେଳେ ଧସ୍ତାଧସ୍ତି ହେବା ସହ ଟଙ୍କା ବ୍ୟାଗ୍ ନ ଦେବା ରୁ ମାରଣାତ୍ମକ ଅସ୍ତ୍ର ରେ ଆକ୍ରମଣ କରିଥିଲେ। ସେଥିରେ ବିଫଳ ହେବା ରୁ ଦୁର୍ବୃତ୍ତ ମାନେ ଗୁଳିମାଡ କରି ଟଙ୍କା ବ୍ୟାଗ୍ ନେଇ ଘଟଣାସ୍ଥଳ ରୁ ଫେରାର ହୋଇ ଯାଇ ଥିଲେ। ଖବର ପାଇ ପାଟଣା ଓ ତୁରୁମୁଙ୍ଗା ପୋଲିସ ଘଟଣାସ୍ଥରେ ପହଞ୍ଚିବା ସହ ବ୍ୟବସାୟକ ତ୍ରିଲୋଚନ ମହାନ୍ତ ଙ୍କୁ ରକ୍ତାକ୍ତ ଅବସ୍ଥାରେ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସକାଳୁ ପୋଲିସ ଓ ସାଇନ୍ଟିଫିକ୍ ଟିମ୍ ପହଞ୍ଚି ଘଟଣା ସ୍ଥଳ ରୁ ଏକ ବିଦ୍ୟୁତ୍ ଚାଳିତ ସ୍କୁଟି, ଫୁଟା ଗୁଳି ଗୋଟେ ଓ ଜୀବନ୍ତ ଚାରୋଟି ଗୁଳି ପଡିଥିବା ଦେଖିବାକୁ ମିଳିଥିବା ବେଳେ ଜିଲ୍ଲା ସାଇଣ୍ଟିଫିକ୍ ଟିମ ଘଟଣାସ୍ଥଳ ରେ ପହଞ୍ଚି ତଦନ୍ତ ଜାରି ରଖିଥିବା ବେଳେ ଏପରି ଗୁଳିକାଣ୍ଡ ହତ୍ୟା ଘଟଣାକୁ ନେଇ ସ୍ଥାନୀୟ ଲୋକେ ପୋଲିସ ପେଟ୍ରଲିଂ ଦାବି କରିଛନ୍ତି।

## ଚୋରି ଅଭିଯୋଗରେ ନାବାଳକଙ୍କୁ ନିସ୍ତୁକ ମାଡ ପ୍ରତିବାଦରେ ବସ୍ତିବାସିନ୍ଦାଙ୍କ ରାସ୍ତାରୋକ

**କେନ୍ଦ୍ରାପଡ଼ା,:**ଚୋରି ଅଭିଯୋଗରେ କଜଳାବସ୍ତିର ଜଣେ ନାବାଳକଙ୍କୁ କେନ୍ଦ୍ରାପଡା ସଦର ଥାନା ପୋଲିସ ନିସ୍ତୁକ ମାଡ ମାରିଥିବା ନେଇ ଅଭିଯୋଗ ହୋଇଛି। ଏହାସହ ଅନ୍ୟ ଜଣେ ନାବାଳକଙ୍କ ସମେତ ୫ଜଣଙ୍କୁ ସଦର ଥାନା ପୋଲିସ ଶୁକ୍ରବାର ଅପରାହ୍ନରେ ଉଠାଇ ନେଇ ଥାନାରେ ଅଟକ ରଖିଛି। ଏହାର ପ୍ରତିବାଦରେ କଜଳାବସ୍ତିର ଲୋକମାନେ ଟାୟାରଜାଳି ରାସ୍ତାରୋକ କରିଥିଲେ। ସେମାନେ ଅଭିଯୋଗ କରିଥିଲେ ଯେ ଚୋରି ପ୍ରମାଣ ହୋଇନାହିଁ। କିନ୍ତୁ ପୋଲିସ ଜଣେ ନାବାଳକଙ୍କୁ ନିସ୍ତୁକ ପିଟି ଗୁରୁତର ଆହତ କରିଛି ଓ ଅନ୍ୟ ୪ଜଣଙ୍କୁ ଅଟକ ରଖିଛି। ଏଭଳି ପଦକ୍ଷେପ ଦ୍ୱାରା ପୋଲିସ ବେଆଇନ କାର୍ଯ୍ୟ କରିଛି। କାରଣ ପୋଲିସର କାର୍ଯ୍ୟ ହେଉଛି ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିବା। କୋର୍ଟ ଅଭିଯୁକ୍ତର ବିଚାର କରି ଦଣ୍ଡଦେବେ। ଥାନା କୋର୍ଟ ନୁହେଁ। ହେଲେ ଥାନା କର୍ମଚାରୀମାନେ ଅଭିଯୁକ୍ତକୁ ଦଣ୍ଡଦେଇ ନିଜକୁ କୋର୍ଟ ଭାବେ ଅଭିହିତ କରିବାକୁ ଚାହୁଁଛନ୍ତି ଯାହା ସମ୍ବିଧାନ ବିରୋଧୀ କାର୍ଯ୍ୟ ବୋଲି ଆନ୍ଦୋଳନକାରୀମାନେ କହିଛନ୍ତି। ଏସଂକ୍ରାନ୍ତରେ ସଦର ଥାନାଧିକାରୀ ପଦ୍ମାଳୟା ପ୍ରଧାନକୁ ପଚାରିବାରେ ସେ କହିଲେ ଆମ୍ଭେ କୌଣସି ନାବାଳକକୁ ବାଡେଇ ନାହୁଁ। କଜଳାବସ୍ତିରେ ଶତାଧିକ ଚୋର ବାସ କରୁଛନ୍ତି। ସେମାନଙ୍କର ଟିମ ଲିଡର ହେଉଛି ସବିତା ନାମ୍ନୀ ମହିଳା। ତାକୁ ଧରିବା ପାଇଁ ଆମେ ଉକ୍ତ ବସ୍ତିର କେତେକ ଚୋରଙ୍କୁ ଥାନାକୁ ଆଣିଥିଲୁ। ଏମାନଙ୍କୁ ଥାନାକୁ ନଆଣିଲେ ଚୋରି ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବ। ଏମାନେ ଦିନବେଳା ଘୁଷୁରୀ ଚରାଉଛନ୍ତି। ଯେଉଁ ଘରେ ତାଲା ପଡିଛି ତାହାକୁ ଟାର୍ଗେଟ କରି ରାତିରେ ସେହି ଘରେ ଚୋରି କରୁଛନ୍ତି।

## ବୌଦ୍ଧରେ ବିଶ୍ୱ ପର୍ଯ୍ୟଟନ ଦିବସ ପାଳିତ

**ବୌଦ୍ଧ:**ବୌଦ୍ଧ ଜିଲ୍ଲାରେ ଆଜି ବିଶ୍ୱ ପର୍ଯ୍ୟଟନ ଦିବସ ଉତ୍ସାହ ଓ ଉଦ୍ଦୀପନାର ସହ ପାଳିତ ହୋଇଯାଇଛି। ଜିଲ୍ଲା ପର୍ଯ୍ୟଟନ ବିଭାଗ ପକ୍ଷରୁ ଆୟୋଜିତ ଏହି ଦିବସ ପାଳନ ସମାରୋହରେ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ କନ୍ଧମାଳ ସାଂସଦଙ୍କ ପ୍ରତିନିଧି ଯୁଗଳ କିଶୋର ସାମଲ, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ତହସିଲଦାର ଅନିତା କୁମାରି ସାହୁ ଏବଂ ଜିଲ୍ଲା କ୍ରୀଡ଼ା ଅଧିକାରୀ ଜ୍ୟୋତିରଞ୍ଜନ ଭୁଏ ପ୍ରମୁଖ ଯୋଗଦେଇଥିଲେ ।ବୌଦ୍ଧ ଜିଲ୍ଲାର ପର୍ଯ୍ୟଟନ ସମ୍ଭାବନାକୁ ଲୋକଲୋଚନକୁ ଆଣିବା ଏବଂ ଯୁବପିଢ଼ିଙ୍କ ମଧ୍ୟରେ ପର୍ଯ୍ୟଟନ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଷ୍ଟାଡିୟମଠାରୁ ମର୍ଜାକୁଦ ପର୍ଯ୍ୟନ୍ତ ପ୍ରାୟ ୫ କିଲୋମିଟର ମାରାଥନ ଦୌଡ଼ ଆୟୋଜିତ ହୋଇଥିଲା। ଏଥିରେ ଶତାଧିକ ଯୁବକ-ଯୁବତୀ ଉତ୍ସାହର ସହ ଅଂଶଗ୍ରହଣ କରି ପର୍ଯ୍ୟଟନ ବିକାଶର ବାର୍ତ୍ତା ପ୍ରଚାର କରିଥିଲେ। ସମାରୋହରେ ଅତିଥିମାନେ ବିଶ୍ୱ ପର୍ଯ୍ୟଟନ ଦିବସର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିବା ସହ ବୌଦ୍ଧ ଜିଲ୍ଲାର ଅପାର ପର୍ଯ୍ୟଟନ ସମ୍ଭାବନା ସମ୍ପର୍କରେ ମତ ପ୍ରକାଶ କରିଥିଲେ। ଜିଲ୍ଲାର ପ୍ରାକୃତିକ ସୌନ୍ଦର୍ଯ୍ୟ, ସବୁଜ ଜଙ୍ଗଲ, ପାହାଡ଼, ନଦୀ, ଐତିହାସିକ ସ୍ଥାନ ଓ ପ୍ରାଚୀନ ମନ୍ଦିରଗୁଡ଼ିକ ପର୍ଯ୍ୟଟନ ବିକାଶର ମୁଖ୍ୟ ଆକର୍ଷଣ ହୋଇପାରିବ ବୋଲି ସେମାନେ କହିଥିଲେ।

## ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ଅଯୋଧ୍ୟା-ବାରାଣସୀ ଗସ୍ତ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସବୁଜ ପତାକା ଦେଖାଇ କଲେ ଶୁଭାରମ୍ଭ



ମାଲକାନଗିରି,:(ମହାଭାରତ)ରାଜ୍ୟ ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଅଧୀନରେ ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜେଶିର୍କେଙ୍କ ନିର୍ଦ୍ଦେଶକ୍ରମେ ଅଯୋଧ୍ୟା ଏବଂ ବାରାଣସୀ ଗସ୍ତ ପାଇଁ ଏକ ବିଶେଷ କାର୍ଯ୍ୟକ୍ରମ ଆନୁଷ୍ଠାନିକ ଭାବେ ଆୟୋଜିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସମାରୀ ତାଙ୍ଗୁଲୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଦେଖାଇ ତୀର୍ଥଯାତ୍ରୀଙ୍କୁ ବିଦାୟ ଦେବା ସହ ଯାତ୍ରାର ଶୁଭାରମ୍ଭ କରିଥିଲେ ।ଏହି ତୀର୍ଥଯାତ୍ରାରେ ମାଲକାନଗିରି ଜିଲ୍ଲାରୁ ମୋଟ ୭୫ ଜଣ ବରିଷ୍ଠ ନାଗରିକ ସାମିଲ ହୋଇଥିବା ବେଳେ ସେମାନଙ୍କ ସୁବିଧା ତଥା ସୁରକ୍ଷା ପାଇଁ ୨ ଜଣ ସହଯୋଗୀ ଅଧିକାରୀ ମଧ୍ୟ ଯାତ୍ରା କରୁଛନ୍ତି। ଆଜି ସମସ୍ତ ତୀର୍ଥଯାତ୍ରୀ ମାଲକାନଗିରିରୁ ରାୟଗଡ଼ା ଅଭିମୁଖେ ଯାତ୍ରା କରିଛନ୍ତି। ସେଠାରୁ ଏକ ସ୍ୱତନ୍ତ୍ର ରେଳଗାଡ଼ି ଯୋଗେ ସମସ୍ତ ତୀର୍ଥଯାତ୍ରୀ ଅଯୋଧ୍ୟା ଏବଂ ବାରାଣସୀ ଅଭିମୁଖେ ଗସ୍ତ କରିବେ। ବିଶେଷ କରି ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ଏହି ତୀର୍ଥଯାତ୍ରୀମାନଙ୍କ ପାଇଁ ସମ୍ପୂର୍ଣ୍ଣ ମାଗଣାରେ ଯିବା ଆସିବା, ରହିବା, ଖାଇବା ଏବଂ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷାର ବ୍ୟବସ୍ଥା କରାଯାଇଛି ।ଉଦ୍ଘାଟନୀ ଅବସରରେ ମୁଖ୍ୟ ଅତିଥି ଜିଲ୍ଲା ପରିଷଦ ଅଧ୍ୟକ୍ଷା କହିଥିଲେ ବରିଷ୍ଠ ନାଗରିକମାନଙ୍କୁ ପବିତ୍ର ଅଯୋଧ୍ୟା ଓ ବାରାଣସୀ ଭଳି ଧାର୍ମିକ ପୀଠ ଦର୍ଶନର ସୁଯୋଗ ଦେବା ଏକ ମହତ ପଦକ୍ଷେପ। ସରକାରଙ୍କ ଏହି ଯୋଜନା ମାଧ୍ୟମରେ ଆମର ବୃଦ୍ଧ-ବୃଦ୍ଧାମାନେ ସୁରକ୍ଷିତ ଓ ସୁବିଧାରେ ତୀର୍ଥଯାତ୍ରା କରି ପ୍ରଭୁ ଶ୍ରୀରାମ ଓ ବାବା ବିଶ୍ୱନାଥଙ୍କ ଆଶୀର୍ବାଦ ଲାଭ କରିପାରିବେ ।ଏହି ସମାରୋହରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦାଶରଥି ସାରବୁ, ସାଂସଦଙ୍କ ପ୍ରତିନିଧି ସଞ୍ଜୟ ସରକାର, ଚିତ୍ରକୋଣ୍ଡା ବିଧାୟକଙ୍କ ପ୍ରତିନିଧି ଗୋବିନ୍ଦ ପାତ୍ର, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନିର୍ମଳା ଧରୁଆ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ ଏବଂ ଜିଲ୍ଲା କ୍ରୀଡ଼ା ଅଧିକାରୀ ମୁନା ତୁରୁକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ ।କାର୍ଯ୍ୟକ୍ରମର ଆଭିମୁଖ୍ୟ ପ୍ରକାଶ କରି ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ କହିଥିଲେ ପର୍ଯ୍ୟଟନ ବିଭାଗ ଓ ଜିଲ୍ଲା ପ୍ରଶାସନର ମିଳିତ ଉଦ୍ୟମରେ ତୀର୍ଥଯାତ୍ରୀମାନଙ୍କ ଗମନାଗମନ, ରହିବା, ଖାଦ୍ୟପେୟ ଓ ସ୍ୱାସ୍ଥ୍ୟସେବାର ସମ୍ପୂର୍ଣ୍ଣ ବ୍ୟବସ୍ଥା କରାଯାଇଛି। ବରିଷ୍ଠ ନାଗରିକମାନଙ୍କ ସେବା ଓ ସୁରକ୍ଷା ପାଇଁ ଜିଲ୍ଲା ପ୍ରଶାସନ ସଦାସର୍ବଦା ପ୍ରତିବଦ୍ଧ ।ସେହିପରି ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କହିଥିଲେ ତୃଣମୂଳ ସ୍ତରରୁ ବରିଷ୍ଠ ନାଗରିକମାନଙ୍କୁ ଚିହ୍ନଟ କରି ଏହି ସ୍ୱତନ୍ତ୍ର ତୀର୍ଥଯାତ୍ରାରେ ସାମିଲ କରାଯାଇଛି। ସ୍ଥାନୀୟ ଜନପ୍ରତିନିଧି ଓ ପ୍ରଶାସନିକ ଅଧିକାରୀଙ୍କ ମିଳିତ ଉଦ୍ୟମରେ ଯାତ୍ରାକୁ ସୁଗମ ଓ ସୁଚାରୁରୂପେ ପରିଚାଳନା କରାଯାଉଛି ।ଜିଲ୍ଲା ପର୍ଯ୍ୟଟନ ଉନ୍ନୟନ ଅଧିକାରୀ ସ୍ୱୟଂ ସିଦ୍ଧ ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମଗ୍ର କାର୍ଯ୍ୟକ୍ରମଟି ସୁଚାରୁରୂପେ ସମ୍ପାଦିତ ହୋଇଥିଲା। ଏହି ସମାରୋହରେ ସହକାରୀ ସାମାଜିକ ସୁରକ୍ଷା ଅଧିକାରୀ ରାଜୀବ ପୂଜାରୀଙ୍କ ସମେତ ସମସ୍ତ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଉପସ୍ଥିତ ରହି ସକ୍ରିୟ ସହଯୋଗ କରିଥିଲେ।

## ୫ କେଜି ଗଞ୍ଜେଇ ଜବତ ସହ ଜଣେ ଗିରଫ

ଦଶପଲ୍ଲା, (ମହାଭାରତ): ନୟାଗଡ଼ ଜିଲ୍ଲା ବାଣୀଗୋଛା ଥାନା ପୋଲିସ ଦ୍ୱାରା କମିଟିପଙ୍ଗା ବସ୍ ଷ୍ଟପ୍ ନିକଟରୁ ୫ କେଜି ବେଆଇନ ଗଞ୍ଜେଇ ଜବତ କରିବା ସହ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ଗିରଫ ବ୍ୟକ୍ତି ଜଣକ ପଶ୍ଚିମବଙ୍ଗ ହାୱଡ଼ା ଜିଲ୍ଲା ଉଲୁବେରିଆ ଥାନା ଅନ୍ତର୍ଗତ ଚେଙ୍ଗାଇଲ ଗ୍ରାମର ସୁଲତାନ ଶାହାଙ୍କ ପୁଅ ବବଲୁ ଶାହା (୪୭) ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ, ଗତକାଲି ଅପରାହ୍ନ ସମୟରେ ବାଣୀଗୋଛା ଥାନା ଅଧିକାରୀ ଶିବ ପ୍ରସାଦ ଭଦ୍ରଙ୍କ ନିର୍ଦ୍ଦେଶକ୍ରମେ ଏସଆଇ ବିରେନ୍ଦ୍ର କୁମାର ଦେହୁରୀ ଏବଂ ଚଢ଼ାଉକାରୀ ଟିମ୍ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ କମିଟିପଙ୍ଗା ବସ୍ ଷ୍ଟପ୍ ନିକଟରେ ବସ୍ ଅପେକ୍ଷାରେ ଛିଡ଼ା ହୋଇଥିବା ବବଲୁ ଶାହାଙ୍କ ଉପରେ ସନ୍ଦେହ ହେବାରୁ ପୋଲିସ ତାଙ୍କର ଯାଞ୍ଚ କରିଥିଲା। ଯାଞ୍ଚ ସମୟରେ ତାଙ୍କ ପାଖରୁ ବେଆଇନ ଭାବେ ରଖାଯାଇଥିବା ୫ କେଜି ଗଞ୍ଜେଇ, ଗୋଟିଏ ମୋବାଇଲ୍ ଫୋନ୍ ଏବଂ ନଗଦ ଟଙ୍କା ଜବତ କରାଯାଇଥିଲା। ଏହି ଘଟଣାରେ ବାଣୀଗୋଛା ଥାନାରେ ଏନଡିପିଏସ ଆକ୍ଟର ଧାରା ୨୦(ବି)(ସସ)(ବି) ଅନୁଯାୟୀ କେସ୍ ନମ୍ବର ୧୨୪/୨୦୨୬ ରୁଜୁ ହୋଇଛି। ଘଟଣାର ତଦନ୍ତ ଥାନା ଅଧିକାରୀ ନିଜେ କରୁଥିବା ବେଳେ ଅଭିଯୁକ୍ତଙ୍କୁ ଆଜି ନୟାଗଡ଼ ଜିଲ୍ଲା ଦୌରାଜଜ୍ କୋର୍ଟକୁ ଚାଲାଣ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି।

## କେନ୍ଦ୍ରାପଡା ସ୍କାଉଟ୍ସ ସଂଗଠନ କମିଶନର, ସ୍କାଉଟ ମାଷ୍ଟର ଓ ଗାଇଡ କ୍ୟାପଟେନଙ୍କୁ ରାଜ୍ୟ ସ୍ତରୀୟ ଉତ୍ସବରେ ସମ୍ବର୍ଦ୍ଧନା




**କେନ୍ଦ୍ରାପଡ଼ା,:** ଭାରତ ସ୍କାଉଟ୍ସ ଓ ଗାଇଡ୍ସର ସମ୍ବର୍ଦ୍ଧନା ସେବା ସମ୍ମାନ ପ୍ରଦାନ ଉତ୍ସବ ରାଜ୍ୟ ମୁଖ୍ୟାଳୟ(ବି.ଏସ.ଆଣ୍ଡ ଜି. ଏସଏଚକ୍ୟୁ)ରେ ଓଡିଶା ରାଜ୍ୟ ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସର ସଭାପତି ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ମୁଖ୍ୟଅତିଥି ଭାବେ ଜାତୀୟ ଉପସଭାପତି ତଥା ଓଡିଶା ରାଜ୍ୟ ଭାରତ ସ୍କାଉଟ୍ସ ଆଣ୍ଡ ଗାଇଡ୍ସର ମୁଖ୍ୟ କମିଶନର କାଳୀ ପ୍ରସାଦ ମିଶ୍ର, ମୁଖ୍ୟବକ୍ତା ଭାବେ ରାଜ୍ୟ ଉପସଭାପତି ଜଷ୍ଟିସ ମନୋରଞ୍ଜନ ମହାନ୍ତି, ସମ୍ମାନିତ ଅତିଥି ଭାବେ ରାଜ୍ୟ ବି.ଏସ. ଆଣ୍ଡ ଜି.ର ସମ୍ପାଦକ ଶରତ ଚନ୍ଦ୍ର ପାଇକରାୟ ପ୍ରମୁଖ ଯୋଗଦେଇ ବିଭିନ୍ନ ଗୋଷ୍ଠୀ ଉନ୍ନୟନ କାର୍ଯ୍ୟ ତଥା ସମାଜସେବା ପାଇଁ ନିଜକୁ ଉତ୍ସର୍ଗ କରିଥିବା ସ୍କାଉଟ ମାଷ୍ଟର ଓ ଗାଇଡ କ୍ୟାପଟେନ ମାନଙ୍କୁ ପୁଷ୍ପଗୁଚ୍ଛ, ମୋମେଣ୍ଟୋ,ଉତ୍ତରୀୟ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। କେନ୍ଦ୍ରାପଡା ଜିଲ୍ଲା ଭାରତ ସ୍କାଉଟ୍ସର ସଂଗଠନ କମିଶନର ଦେବରାଜ ନାୟକଙ୍କୁ ତାଙ୍କର ବହୁମୁଖୀ ପ୍ରତିଭା, ସମାଜସେବା ଓ ଗୋଷ୍ଠୀ ଉନ୍ନୟନ କାର୍ଯ୍ୟ ପାଇଁ ସ୍ୱର୍ଗତ ରଘୁନାଥ ସେବା ସମ୍ମାନ, ସ୍କାଉଟ ମାଷ୍ଟର ଗୋଲକ ବିହାରୀ ଭୂୟାଁ ଓ ଗାଇଡ କ୍ୟାପଟେନ ନମିତା ନାୟକଙ୍କୁ ସମାଜସେବା ଓ ଗୋଷ୍ଠୀ ଉନ୍ନୟନ କାର୍ଯ୍ୟ ପାଇଁ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବସନ୍ତ ବିଶ୍ୱାଳଙ୍କ ନାମରେ ନାମିତ ବସନ୍ତ ସେବା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଜିଲ୍ଲାର ସମ୍ବର୍ଦ୍ଧିତ ପ୍ରତିଭାମାନଙ୍କୁ କେନ୍ଦ୍ରାପଡା ଜିଲ୍ଲା ସ୍କାଉଟ୍ସ ଓ ଗାଇଡ୍ସର ମୁଖ୍ୟ କମିଶନର ତଥା ଜିଲ୍ଲା ଶିକ୍ଷାଧିକାରୀ ପବିତ୍ର ମୋହନ ବାରିକ ଓ ଜିଲ୍ଲା ସ୍କାଉଟ୍ସ କମିଶନର ପିତବାସ ପଣ୍ଡା ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

## ବିଦ୍ୟୁତ୍ ବିଭାଗର ଅବହେଳା ୨୦ ଦିନହେଲା ଅନ୍ଧାରରେ ଗାଁ



ହିନ୍ଦୋଳ(ମହାଭାରତ)ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଉପଖଣ୍ଡ ଖଜୁରିଆକଟା ସେକ୍ସନ ବିଦ୍ୟୁତବିଭାଗ କରୁଛି ବ୍ରିଟିଶରାଜ। ବାରମ୍ବାର ବିଦ୍ୟୁତକାଟ,ଅତ୍ୟଧିକ ମିଟର ରିଡିଙ୍ଗ ସହିତ ଅନାବଶ୍ୟକ ଫାଇନ ପାଇଁ ହିନ୍ଦୋଳବାସି ଦହଗଞ୍ଜ ହେଉଥିବାବେଳେ ମାସ ମାସ ଧରି ବିଦ୍ୟୁତକାଟ ପାଇଁ ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି ଗ୍ରାମବାସୀ। ଖବରରୁ ପ୍ରକାଶ ହିନ୍ଦୋଳ ଉପଖଣ୍ଡ ଖଜୁରିଆକଟା ସେକ୍ସନ ବିଦ୍ୟୁତବିଭାଗ ଅଧୀନ ହାତୀ ପ୍ରବଣ କୁନୁଆ ପଞ୍ଚାୟତ ଅସନବଣିଆ ଗ୍ରାମରେ ଥିବା ଟ୍ରାନ୍ସଫରମର ଟି ଆଜିକୁ ୨୦ଦିନ ପୂର୍ବେ ବଜ୍ରାଘାତ ପାଇଁ ପୋଡି ଯାଇଥିଲା। ସେଥିପାଇଁ ଗ୍ରାମବାସୀ ବିଦ୍ୟୁତ ବିଭାଗକୁ କ୍ଷ ଜଣାଇଥିଲେ ମାତ୍ର ବିଦ୍ୟୁତ ବିଭାଗ ଜେଇ କୌଣସି ସମାଧାନ ନକରି ଫୋନ ମଧ୍ୟ ଉଠାଇଲେନି। ଫଳରେ ଜଙ୍ଗଲ ଜନ୍ତୁ ହାତୀପ୍ରବଣ ଅସନବଣିଆ ଗ୍ରାମବାସୀ ଜୀବନକୁ ବାଜି ଲଗାଇ ଭୟଭୀତ ଅବସ୍ଥାରେ ଅନ୍ଧାରରେ ରହିବାସହ ସ୍କୁଲ କଲେଜ ଛାତ୍ରଛାତ୍ରୀ ଙ୍କ ପାଠପଢା ବନ୍ଦ ହୋଇଯାଇଛି। ବିଦ୍ୟୁତ ବିଭାଗ କର୍ଣ୍ଣପାତ ନକରିବାରୁ ଅତିଷ୍ଠ ହୋଇ ଶତାଧିକ ପୁରୁଷମହିଳା ଗ୍ରାମବାସୀ ହିନ୍ଦୋଳ ଉପଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ।ଖୁବଶୀଘ୍ର ସମସ୍ୟାର ସମାଧାନ ଉପଜିଲ୍ଲାପାଳ ଗ୍ରାମବାସୀଙ୍କୁ ଆଶ୍ୱାସନା ଦେବାସହ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ବିଦ୍ୟୁତବିଭାଗ ଯନ୍ତ୍ରୀ ଙ୍କୁ ତାଗିଦ କରିଥିଲେ।

## ଗଣ୍ଡା ସମାଜର ଭବ୍ୟ ନୂଆଁଖାଇ ଭେଟଘାଟ, ଏକତା ଓ ଭାଇଚାରାର ବାର୍ତ୍ତା

ଟିଟିଲାଗଡ଼, (ମହାଭାରତ): ବଲାଙ୍ଗିର ଜିଲ୍ଲା ଟିଟିଲାଗଡ଼ ବ୍ଲକ ଅନ୍ତର୍ଗତ ଜଗୁଆ କଲ୍ୟାଣ ମଣ୍ଡପ ପରିସରରେ ଲାକ୍ଷେଘର ଗଣ୍ଡା ସମାଜ, ଟିଟିଲାଗଡ଼ ପକ୍ଷରୁ ଭବ୍ୟ ନୂଆଁଖାଇ ଭେଟଘାଟ ସମାରୋହ ଅନୁଷ୍ଠିତ ହୋଇଯାଇଛି। ସମାଜର ସଭାପତି ଅର୍ଜୁନ ନାଗଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆଶକିରଣ ପ୍ରାଇଭେଟ୍ ଲିମିଟେଡର ସିଏମଡି ମନମୋହନ କୁମ୍ଭାର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଗଣ୍ଡା ସମାଜର ରାଷ୍ଟ୍ରୀୟ ସଂଯୋଜକ ଭଗବାନ ନାୟକ, ସହ ସଂଯୋଜକ ବନମାଳୀ ଛୁରା, ଯୁବ ସଂଯୋଜକ ଆଶିଷ ତାଣ୍ଡି, ପୂର୍ବତନ ଟିଟିଲାଗଡ଼ ବ୍ଲକ ଅଧ୍ୟକ୍ଷ ଭାରତ ତାଣ୍ଡି, ଛତିଶଗଡ଼ ଏନଟିପିସିର ଜିଏମ ବିରୁସିଂ ନାଗ, ବରିଷ୍ଠ ସମାଜସେବୀ ପ୍ରଦୀପ ତାଣ୍ଡି, ଇଓ ଅର୍ଜୁନ ଛୁରା, ଶିକ୍ଷକ ବୃନ୍ଦାବନ ଛୁରା, ଟିଟିଲାଗଡ଼ ବ୍ଲକ କଂଗ୍ରେସ ସଭାପତି ମଗନ ନାଗ ଓ ସୂର୍ଡା ସରପଞ୍ଚ ଚିନ୍ତାମଣି ସୁନା ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ସମାଜର ବହୁ ସଂଖ୍ୟକ ସଦସ୍ୟ, ମହିଳା, ଯୁବକ-ଯୁବତୀ ଓ ବରିଷ୍ଠ ବ୍ୟକ୍ତିମାନେ ଯୋଗଦେଇ ପରସ୍ପରକୁ ନୂଆଁଖାଇ ଜୁହାର ଜଣାଇବା ସହ ଭାଇଚାରା ଓ ସାମାଜିକ ଏକତାର ବାର୍ତ୍ତା ପ୍ରଦାନ କରିଥିଲେ। ବକ୍ତାମାନେ କହିଥିଲେ ଯେ, ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ କେବଳ ଏକ ପର୍ବ ନୁହେଁ, ବରଂ ଭାଇଚାରା, ସାମାଜିକ ସଦ୍ଭାବ, ପରସ୍ପର ସ୍ନେହ ଓ ସମ୍ପର୍କକୁ ସୁଦୃଢ଼ କରିବାର ଏକ ମହାନ ପରମ୍ପରା। ସମାରୋହରେ ସମାଜର ଏକତା, ଶିକ୍ଷାର ପ୍ରସାର, ଯୁବପିଢ଼ିର ଭୂମିକା ଏବଂ ସାମଗ୍ରିକ ବିକାଶ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ବରିଷ୍ଠମାନେ ନୂଆଁଖାଇର ପରମ୍ପରା ଓ ସଂସ୍କୃତିକୁ ଆଗାମୀ ପିଢ଼ି ପର୍ଯ୍ୟନ୍ତ ପହଞ୍ଚାଇବାର ଆବଶ୍ୟକତା ଉପରେ ମତ ରଖିଥିଲେ। ଶେଷରେ ସମାଜର ସଭାପତି ଅର୍ଜୁନ ନାଗ ସମସ୍ତଙ୍କୁ ନୂଆଁଖାଇର ଶୁଭେଚ୍ଛା ଜଣାଇ ସମାଜର ଏକତା ଓ ଉନ୍ନତି ପାଇଁ ସମସ୍ତେ ମିଳିମିଶି କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ ।କାର୍ଯ୍ୟକ୍ରମରେ ସମ୍ପାଦକ ଇନ୍ଦ୍ରମଣି ସ୍ୱାଗତ ଭାଷଣ ଦେଇଥିବା ବେଳେ ସଭାପତି ଅର୍ଜୁନ ନାଗ ମଞ୍ଚ ପରିଚାଳନା କରିଥିଲେ। କୈବର୍ତ୍ତ ବାଗ ଧନ୍ୟବାଦ ଅର୍ପଣ କରିଥିଲେ। ସାମ୍ବାଦିକ ହରିଶଙ୍କର ନାଗ, ଜିତେନ୍ଦ୍ର ବାଗ, ହୀରା ତାଣ୍ଡି, ବ୍ଲକ ଅର୍ଗାନାଇଜର କିଶାନ ନାଗଙ୍କ ସମେତ ଅନେକ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ସମଗ୍ର କାର୍ଯ୍ୟକ୍ରମ ଉତ୍ସାହ, ଆନନ୍ଦ ଓ ଭାଇଚାରାର ପରିବେଶ ମଧ୍ୟରେ ସମ୍ପନ୍ନ ହୋଇଥିଲା।

## ଆଙ୍ଗନ୍ କା ଉତ୍ସବ ଅନୁଷ୍ଠିତ



ଟିଟିଲାଗଡ (ମହାଭାରତ): ବଲାଙ୍ଗୀର ଜିଲ୍ଲା ଟିଟିଲାଗଡ ବ୍ଲକ ଅନ୍ତର୍ଗତ ସମସ୍ତ ଗ୍ରାମ ପଞ୍ଚାୟତ ର ଗ୍ରାମ ମାନଙ୍କ ରେ ଥିବା ଅଙ୍ଗନୱାଡ଼ି କେନ୍ଦ୍ର ଠାରେ ଆଙ୍ଗନ କା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମ ରେ ଗାଁ ମାନଙ୍କ ରେ ଥିବା ଶିଶୁ ଓ ମହିଳା ମାନଙ୍କ ପାଇଁ ପୃଷ୍ଟିକର ଓ ସୁରକ୍ଷିତ ଶୈଳୀରେ ଜୀବନ ଅତିବାହିତ କରିବା ପାଇଁ ଏକ ପ୍ରୟାସ ବୋଲି ଟିଟିଲାଗଡ ବ୍ଲକ ର ସମନ୍ୱିତ ଶିଶୁ ବିକାଶ ଅଧିକାରିଣୀ ଶ୍ରୀମତୀ ସୁଷମା ପାଢ଼ୀ ନିଜର ଅଭିଭାଷଣ ରଖିଥିଲେ । ଏହି ଅବସରରେ ଟିଟିଲାଗଡ ବ୍ଲକ ର ସମସ୍ତ ଅଙ୍ଗନୱାଡ଼ି କେନ୍ଦ୍ର ରେ ପାଳନ କରା ଯାଇଥିବା ବେଳେ ସବୁଠି ରନ୍ଧା ଖାଦ୍ୟ ପରିବେଷଣ କରି ଥିଲେ । ତାରିଖ ୨୭/୦୯/୨୦୨୬ ଠାରୁ ୨୯/୦୯/୨୬ ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।ଗାଁ ଗୁଡିକ ମଧ୍ୟରେ ବିଭିନ୍ନ ପ୍ରତିଦିନ ଖାଇବା ରନ୍ଧା ଖାଦ୍ୟ ଓ ପିଠା ,ମିଠା ତିଆରି କରି ସେଥିରେ ପ୍ରଦର୍ଶନ କରିଥିଲେ ଏବଂ ସବୁଠି ଭୋଜି ଭାତ ସହିତ ମନୋରଞ୍ଜନ କରି ତିନି ଦିନ ଧରି ପାଳନ କରା ଯାଇଥିବା ଦେଖିବାକୁ ମିଳିଥିଲା ।

## ବାସନ୍ତୀ ପାଠାଗାରର ସ୍ୱତନ୍ତ୍ର ସାହିତ୍ୟ ଆସର, କବିତା ପାଠ ଓ ସିଧା କଥା



**ରାଉରକେଲା,:** ସହରର ଅନ୍ୟତମ ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ବାସନ୍ତୀ ପାଠାଗାର ତରଫରୁ ସ୍ୱତନ୍ତ୍ର ସାହିତ୍ୟ ଆସର, କବିତା ପାଠ ଓ ସିଧା କଥା ପାଠାଗାର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ପ୍ରସନ୍ନ କୁମାର ସାବତଙ୍କ ସଭାପତିତ୍ୱ ଓ ସାଧାରଣ ସମ୍ପାଦକ ବିକ୍ରମ ଚନ୍ଦ୍ର ଆଚାର୍ଯ୍ୟଙ୍କ ଆବାହକତ୍ୱ, ସାଂସ୍କୃତିକ ସମ୍ପାଦିକା କବିତା ଦାଶଙ୍କ ସଂଯୋଜନାରେ ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସିଧା କଥାରେ ମ୍ୟୁନିସିପାଲ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ ସନାତନ ପ୍ରଧାନ ପ୍ରାକୃତିକ ବିପର୍ଯ୍ୟୟ ଓ ପରିବେଶ ନୈତିକତା ଉପରେ ଆଲୋଚନା କରିଥିଲେ। ତାଙ୍କ ସହ କଥା ହୋଇଥିଲେ ଇଂ ସୁବାସ ମହାପାତ୍ର। ଡ ପ୍ରଧାନ ଆଲୋଚ୍ୟ ପ୍ରସଙ୍ଗରେ ମତ ରଖି କହିଲେ ଯେ ପ୍ରକୃତି ହେଉଛି ଆମର ଦେବତା, ତେଣୁ ଏହାକୁ ସୁରକ୍ଷିତ ରଖିବା ଆମ ସମସ୍ତଙ୍କ ଦାୟିତ୍ୱ। ଏହା ସହ ଆଦି ଦୈବିକ, ଆଦି ଭୌତିକ, ଆଦି ଆଧାତ୍ମିକ ସମ୍ପର୍କରେ ଆଲୋଚନା କରିବା ସହ ଭାରତୀୟ ସଂସ୍କୃତି ସହ ସଚେତନତା ଉପରେ ଗୁରୁତ୍ୱାରୋପ କରିଥିଲେ। ସେହିପରି ବିଶିଷ୍ଟ ଶଲ୍ୟ ଚିକିତ୍ସିକ ଡାକ୍ତର ଗୋକୁଳାନନ୍ଦ ସାହୁ ରୋଗ ନିରାକରଣରେ ମନୋବଳ ଓ ସକରାତ୍ମକ ଚିନ୍ତା ଉପରେ ଆଲୋଚନା କରିଥିଲେ। ତାଙ୍କ ସହ ସିଧା କଥା ହୋଇଥିଲେ ଗୀତାରାଣୀ ବେହେରା। ଆଲୋଚ୍ୟ ପ୍ରସଙ୍ଗରେ ମତ ରଖି ଡାକ୍ତର ସାହୁ କହିଲେ ଯେ ଚିକିତ୍ସା ବିଜ୍ଞାନ ସମ୍ପୂର୍ଣ୍ଣ ବିଜ୍ଞାନ ନୁହେଁ। ଚିକିତ୍ସା ପାଉଥିବା ବ୍ୟକ୍ତି ପାଖରେ ଦୃଢ ମନୋବଳ,ଧନବଳ,ଜନବଳ ଓ ଜ୍ଞାନବଳ ରହିବା ସହ ସକରାତ୍ମକ ମନୋଭାବ ରହିବା ଆବଶ୍ୟକ। ଈଶ୍ୱର ବିଶ୍ୱାସ ଓ ମାନସିକ ଦୃଢତା ହିଁ ରୋଗ ନିରାକରଣରେ ସହାୟକ ହୁଏ। ଅନ୍ୟତମ ଆଲୋଚକ ପ୍ରାକ୍ତନ ଓଡ଼ିଆ ବିଭାଗର ପ୍ରାଧ୍ୟାପକ ଡ ଅଶ୍ୱିନୀ କୁମାର ରାୟ ଓଡିଆ ଭାଷା ଓ ଓଡ଼ିଆ ଅସ୍ମିତା, ଆମର ଦାୟିତ୍ୱ ଓ ଭବିଷ୍ୟତ ସମ୍ପର୍କରେ ଆଲୋଚନା କରିଥିଲେ।



ଏଇ ପୃଥିବୀରେ...

ପ୍ରତିଟି ଖବର ହାତ ପାହାନ୍ତାରେ






# ଜ୍ଞାନେଶ କୁମାରଙ୍କ ଉପରେ ଚାପ ପକାଇଥିବା ପ୍ରଧାନମନ୍ତ୍ରୀ ମୋଦୀ ନୈତିକତା ଦୃଷ୍ଟିରୁ ଇସ୍ତଫା ଦିଅନ୍ତୁ




ନୂଆଦିଲ୍ଲୀ: କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼୍‌ଗେ ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାର ଶାସକ ଦଳକୁ ଲାଭ ପହଞ୍ଚାଉଥିବା ଅଭିଯୋଗ କରିଛନ୍ତି। ସେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ଉପରେ ଚାପ ପକାଇଥିବାରୁ ନୈତିକତା ଦୃଷ୍ଟିରୁ ଇସ୍ତଫା ଦେବା ଉଚିତ୍। ସେ ଜ୍ଞାନେଶ କୁମାରଙ୍କୁ ତୁରନ୍ତ ପଦରୁ ବହିଷ୍କାର କରିବାକୁ ମଧ୍ୟ କହିଛନ୍ତି। କଂଗ୍ରେସ କାର୍ଯ୍ୟକାରିଣୀ କମିଟି ବୈଠକରେ ଉଦବୋଧନ ଦେଇ ଖଡ଼୍?ଗେ କହିଛନ୍ତି ଯେ, ଦଳର ଲଢ଼େଇ କୌଣସି ଦଳ, ସଂଗଠନ କିମ୍ବା ବ୍ୟକ୍ତିବିଶେଷଙ୍କ ବିରୋଧରେ ନୁହେଁ, ବରଂ ଭୋଟରଙ୍କ ଅଧିକାର, ସମ୍ବିଧାନ ଏବଂ ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥାକୁ ସୁରକ୍ଷା ଦେବା ପାଇଁ। ସେ କହିଛନ୍ତି,ନିର୍ବାଚନ କମିସନର ସ୍ୱାଧୀନତା ଗଣତନ୍ତ୍ରର ସୁରକ୍ଷା ପାଇଁ ପ୍ରଥମ ସର୍ତ୍ତ ମଧ୍ୟରୁ ଗୋଟିଏ।

ଭୋଟର ତାଲିକାର ଏକ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) କରିବା ପାଇଁ କିଏ ନିଷ୍ପତ୍ତି ନେଇଥିଲା ଏବଂ ଦୁଇ ନିର୍ବାଚନ କମିସନରଙ୍କୁ ଆଭ୍ୟନ୍ତରୀଣ ପୋର୍ଟାଲ୍ ?ରୁ କାହିଁକି ବାଦ୍ ଦିଆଯାଇଥିଲା ବୋଲି କଂଗ୍ରେସ ଅଧ୍ୟକ୍ଷ ପ୍ରଶ୍ନ କରିଥିଲେ। ନିର୍ବାଚନ କମିସନରଙ୍କ କାର୍ଯ୍ୟକାରିତା ଉପରେ ଗମ୍ଭୀର ପ୍ରଶ୍ନ ଉଠାଯାଉଛି ଏବଂ ନିର୍ବାଚନ କମିସନରମାନଙ୍କ ମଧ୍ୟରେ ମତଭେଦ ଦେଖାଦେଇଛି। ଏପରି ପରିସ୍ଥିତିରେ ସମ୍ପୃକ୍ତ ସିଇସିଙ୍କର ପଦବୀରେ ରହିବାର କୌଣସି ଅଧିକାର ନାହିଁ। ତାଙ୍କୁ ତୁରନ୍ତ ବହିଷ୍କାର କରାଯିବା ଉଚିତ୍। ପ୍ରଧାନମନ୍ତ୍ରୀଙ୍କ ଚାପ ଯୋଗୁଁ ଏହା ଘଟିଛି, ଏବଂ ପ୍ରଧାନମନ୍ତ୍ରୀ ନିଜେ ନୈତିକତା ଦୃଷ୍ଟିରୁ ଇସ୍ତଫା ଦେବା ଉଚିତ୍।

ସେ ଅଭିଯୋଗ କରିଛନ୍ତି, ଭୋଟର ତାଲିକାରୁ ଲୋକଙ୍କ ନାମ କଟାଯାଉଛି, ଯାହା ଯୋଗ୍ୟ ନାଗରିକଙ୍କ ଭୋଟଦାନ ଅଧିକାରକୁ ପ୍ରଭାବିତ କରିପାରେ। ସମ୍ବିଧାନ ସଭାରେ, ଡକ୍ଟର ବି.ଆର. ଆମ୍ବେଦକର ମତଦାନ ଅଧିକାରକୁ ଗଣତନ୍ତ୍ରର ସବୁଠାରୁ ମୌଳିକ ଉପାଦାନ ଭାବରେ ବର୍ଣ୍ଣନା କରିଥିଲେ। ଗଣତନ୍ତ୍ରରେ, ପ୍ରତ୍ୟେକ ଯୋଗ୍ୟ ନାଗରିକଙ୍କ ଭୋଟକୁ ସୁରକ୍ଷିତ ରଖିବା ଉଚିତ୍ ଏବଂ ପ୍ରତ୍ୟେକ ଭୋଟକୁ ନିରପେକ୍ଷ ଭାବରେ ଗଣନା କରାଯିବା ଉଚିତ୍। କୌଣସି ଅଧିକାରୀଙ୍କ ଇଚ୍ଛା ଉପରେ ଆଧାର କରି କୌଣସି ଯୋଗ୍ୟ ବ୍ୟକ୍ତିଙ୍କୁ ଭୋଟର ତାଲିକାରୁ ବାଦ ଦିଆଯିବା ଉଚିତ୍ ନୁହେଁ।ଦେଶରେ ଏପରି ପ୍ରତିଷ୍ଠାନ ସୃଷ୍ଟି କରିବାରେ ଏବଂ ସେଗୁଡ଼ିକୁ ସ୍ୱାଧୀନ ଏବଂ ସଶକ୍ତ କରିବାରେ କଂଗ୍ରେସ ଭୂମିକା ଗ୍ରହଣ କରିଥିଲା, କିନ୍ତୁ ଆଜି ଏହି ପ୍ରତିଷ୍ଠାନଗୁଡ଼ିକର ସ୍ୱାଧୀନତା ଉପରେ ପ୍ରଶ୍ନ ଉଠାଯାଉଛି। ଆମର ପ୍ରଶ୍ନ ଏହି ପ୍ରତିଷ୍ଠାନଗୁଡ଼ିକୁ ଦୁର୍ବଳ କରିବା ପାଇଁ ନୁହେଁ। ଆମେ ଚାହୁଁଛୁ ଯେ ନିର୍ବାଚନ କମିସନ ଏତେ ଶକ୍ତିଶାଳୀ ଏବଂ ନିର୍ଭରଯୋଗ୍ୟ ହେଉ ଯେ, ଶାସକ ଦଳ ଏବଂ ବିରୋଧୀ ଦଳ ଉଭୟ ଏହାର ନିଷ୍ପତ୍ତି ଉପରେ ସମାନ ବିଶ୍ୱାସ ରଖିବେ। କଂଗ୍ରେସ ଅଧ୍ୟକ୍ଷ ଦଳ ପକ୍ଷରୁ ପାଞ୍ଚଟି ଦାବି ରଖାଯାଇଛି। ସେଥିରେ ଭୋଟର ତାଲିକାରେ ହୋଇଥିବା ପ୍ରମୁଖ ପରିବର୍ତ୍ତନର ସମ୍ପୂର୍ଣ୍ଣ ତଥ୍ୟ ସାର୍ବଜନୀନ କରିବା। ଯେଉଁ ଭୋଟରଙ୍କ ନାମ ବାଦ ଦିଆଯାଇଛି ସେମାନଙ୍କୁ ସୂଚନା ଦେବା ଏବଂ ସେମାନଙ୍କୁ ଆବେଦନ କରିବାର ସୁଯୋଗ ପ୍ରଦାନ କରିବା। ରାଜନୈତିକ ଦଳଗୁଡ଼ିକୁ ସମୟ ମଧ୍ୟରେ ଭୋଟର ତାଲିକା ସମ୍ବନ୍ଧୀୟ ଆବଶ୍ୟକୀୟ ତଥ୍ୟ ପ୍ରଦାନ କରିବା। ଗୁରୁତର ବିସଙ୍ଗତି କ୍ଷେତ୍ରରେ ସ୍ୱାଧୀନ ଏବଂ ସମୟୋଚିତ ତଦନ୍ତ ସୁନିଶ୍ଚିତ କରିବା। ସେଥିରେ ନିର୍ବାଚନ ପ୍ରକ୍ରିୟା ସହିତ ଜଡିତ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଏବଂ ନିଷ୍ପତ୍ତିରେ ଅଧିକ ସ୍ୱଚ୍ଛତା ସୁନିଶ୍ଚିତ କରିବା ଅନ୍ତର୍ଭୁକ୍ତ ରହିଛି। ଖଡ଼୍?ଗେ କହିଛନ୍ତି ଯେ, ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଦେଶର ଭୋଟରମାନେ ସେମାନଙ୍କର ଭୋଟ ସୁରକ୍ଷିତ ବୋଲି ବିଶ୍ୱାସ ରଖିବା ଉଚିତ୍। ପୂର୍ବତନ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଭୋଟର ତାଲିକା ସମ୍ପର୍କରେ ଉଠାଇଥିବା ପ୍ରସଙ୍ଗରେ ସେ କର୍ଣ୍ଣାଟକ, ହରିୟାଣା ଏବଂ ମହାରାଷ୍ଟ୍ରର ଭୋଟର ତଥ୍ୟ ଉପରେ ପ୍ରଶ୍ନ ଉଠାଇଛନ୍ତି।

ଖଡ଼୍‌ଗେ ଦାବି କରିଛନ୍ତି ଯେ ରାହୁଲ ଗାନ୍ଧୀ ଡୁପ୍ଲିକେଟ୍ ଭୋଟର, ସନ୍ଦେହଜନକ ଠିକଣା, ସମାନ ଠିକଣାରେ ବହୁ ସଂଖ୍ୟକ ଭୋଟରଙ୍କ ନାମ ଏବଂ ଫର୍ମ ୬ ରେ ପ୍ରବେଶ ସମ୍ପର୍କରେ ଦସ୍ତାବିଜ ଆଧାରରେ ପ୍ରଶ୍ନ ଉଠାଇଛନ୍ତି। ସେ ଏହି ପ୍ରସଙ୍ଗଗୁଡ଼ିକୁ ନେଇ ବ୍ଲକ, ଜିଲ୍ଲା ଏବଂ ରାଜ୍ୟ ସ୍ତରରେ କଂଗ୍ରେସ କର୍ମୀଙ୍କ ପ୍ରଦର୍ଶନକୁ ମଧ୍ୟ ଉଲ୍ଲେଖ କରିଛନ୍ତି। କଂଗ୍ରେସ ଦଳ ନିର୍ବାଚନକୁ କେବଳ ଜିତିବା କିମ୍ବା ହାରିବା ପାଇଁ ଏକ ଯୁଦ୍ଧ ଭାବରେ ଦେଖେ ନାହିଁ। ନିର୍ବାଚନ ଆସେ ଏବଂ ଯାଏ, ଏବଂ ସରକାର ପରିବର୍ତ୍ତନ ହୁଏ, କିନ୍ତୁ ଗଣତନ୍ତ୍ର ଏବଂ ସମ୍ବିଧାନ ସ୍ଥାୟୀ।

ଗଣତନ୍ତ୍ରରେ, ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ କିମ୍ବା ଶାସକ ଦଳର ନେତା ନୁହେଁ, ବରଂ ସାଧାରଣ ଭୋଟର ହେଉଛନ୍ତି ସବୁଠାରୁ ଶକ୍ତିଶାଳୀ ବ୍ୟକ୍ତି। କଂଗ୍ରେସ ଭୋଟରଙ୍କ ଅଧିକାରକୁ ଛଡ଼ାଇ ନେବାକୁ ଦେବ ନାହିଁ। ପାଞ୍ଚଟି ରାଜ୍ୟରେ ହେବାକୁ ଥିବା ବିଧାନସଭା ନିର୍ବାଚନ ବିଷୟରେ ଉଲ୍ଲେଖ କରି ଖଡ଼୍?ଗେ କହିଛନ୍ତି ଯେ କଂଗ୍ରେସ କୌଣସି ଭୋଟରଙ୍କ ଅଧିକାରକୁ ବଞ୍ଚିତ ନ କରିବା ଏବଂ ପ୍ରତ୍ୟେକ ବ୍ୟକ୍ତିଙ୍କ ଭୋଟକୁ ସୁରକ୍ଷିତ ରଖିବା ପାଇଁ କାର୍ଯ୍ୟ କରିବ। ସେ କହିଛନ୍ତି ଯେ, କେବଳ ନିରପେକ୍ଷ ନିର୍ବାଚନ ମାଧ୍ୟମରେ ନିର୍ବାଚନ ପ୍ରକ୍ରିୟା ଉପରେ ଜନସାଧାରଣଙ୍କ ବିଶ୍ୱାସ ବଜାୟ ରହିପାରିବ ଏବଂ ସେତେବେଳେ ହିଁ ଦେଶର ଭବିଷ୍ୟତ ସୁରକ୍ଷିତ ଏବଂ ଗଣତନ୍ତ୍ର ସୁଦୃଢ଼ ହେବ।

## ସୁପ୍ରିମକୋର୍ଟ ଜଜ୍ ଭାବେ ସୁପାରିସ ଦେବେନ୍ଦ୍ର ଉପାଧ୍ୟାୟ



ଲକ୍ଷ୍ନୌ: ଦିଲ୍ଲୀ ହାଇକୋର୍ଟର ମୁଖ୍ୟ ବିଚାରପତି ନ୍ୟାୟମୂର୍ତ୍ତି ଦେବେନ୍ଦ୍ର କୁମାର ଉପାଧ୍ୟାୟଙ୍କୁ ସୁପ୍ରିମକୋର୍ଟର ବିଚାରପତି ଭାବେ ନିଯୁକ୍ତି ପାଇଁ ସୁପ୍ରିମକୋର୍ଟ କଲେଜିୟମ୍ ସୁପାରିସ କରିଛି। ତାଙ୍କ ଆଇନ ଓ ନ୍ୟାୟିକ ଜୀବନର ଏକ ବଡ଼ ଅଂଶ ଲକ୍ଷ୍ନୌ ସହ ଜଡ଼ିତ ରହିଛି। ନ୍ୟାୟମୂର୍ତ୍ତି ଉପାଧ୍ୟାୟଙ୍କ ଜନ୍ମ ୧୬ ଜୁନ୍ ୧୯୬୫ରେ ଉତ୍ତରପ୍ରଦେଶର ଅମ୍ବେଦକର ନଗର ଜିଲ୍ଲାର ମୁସ୍କରାଇ ଗାଁରେ ହୋଇଥିଲା। ସେ ଲକ୍ଷ୍ନୌ ବିଶ୍ୱବିଦ୍ୟାଳୟରୁ ଆଇନ ଶିକ୍ଷା ଶେଷ କରି ୧୯୯୧ରେ ଆଇନଜୀବୀ ଭାବେ ପଞ୍ଜୀକୃତ ହୋଇଥିଲେ। ପରେ ସେ ସିଭିଲ୍ ଓ ସାମ୍ବିଧାନିକ ମାମଲାରେ ଓକିଲାତି କରିଥିଲେ।

ଆଇନଜୀବୀ ଭାବେ କାର୍ଯ୍ୟ କରିବା ସମୟରେ ସେ ତାଙ୍କ ପିତା ଆର୍ ?.ଏ. ଉପାଧ୍ୟାୟଙ୍କ ସହ ଏବଂ ବରିଷ୍ଠ ଆଇନଜୀବୀ ମହମ୍ମଦ ଆରିଫ୍ ଖାନ୍ ଓ ଏସ୍ ?.କେ. କାଲିଆଙ୍କ ଚେମ୍ବରରେ କାମ କରିଥିଲେ। ମେ’ ୨୦୦୭ରେ ତାଙ୍କୁ ଉତ୍ତରପ୍ରଦେଶ ସରକାରଙ୍କ ମୁଖ୍ୟ ସ୍ଥାୟୀ ଅଧିବକ୍ତା ଭାବେ ନିଯୁକ୍ତ କରାଯାଇଥିଲା। ୨୧ ନଭେମ୍ବର ୨୦୧୧ରେ ନ୍ୟାୟମୂର୍ତ୍ତି ଉପାଧ୍ୟାୟ ଆହ୍ଲାବାଦ ହାଇକୋର୍ଟର ବିଚାରପତି ଭାବେ ନିଯୁକ୍ତ ହୋଇଥିଲେ। ସେ ଲକ୍ଷ୍ନୌ ବେଞ୍ଚରେ ୧୧ ବର୍ଷରୁ ଅଧିକ ସମୟ ନ୍ୟାୟାଧୀଶ ଭାବେ କାର୍ଯ୍ୟ କରିଥିଲେ ଏବଂ ୨୮ ମାର୍ଚ୍ଚ ୨୦୨୩ରେ ଏହି ବେଞ୍ଚର ବରିଷ୍ଠ ନ୍ୟାୟାଧୀଶ ହୋଇଥିଲେ। ପରବର୍ତ୍ତୀ ସମୟରେ ୨୯ ଜୁଲାଇ ୨୦୨୩ରେ ସେ ବମ୍ବେ ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ଶପଥ ନେଇଥିଲେ। ଏହାପରେ ଜାନୁଆରୀ ୨୦୨୫ରେ ତାଙ୍କୁ ଦିଲ୍ଲୀ ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ବଦଳି କରାଯାଇଥିଲା ଏବଂ ୨୧ ଜାନୁଆରୀରେ ସେ ଏହି ପଦର ଶପଥ ନେଇଥିଲେ। ଲକ୍ଷ୍ନୌ ହାଇକୋର୍ଟ ବେଞ୍ଚରୁ ସୁପ୍ରିମକୋର୍ଟକୁ ଯିବାକୁ ଥିବା ନ୍ୟାୟମୂର୍ତ୍ତି ଉପାଧ୍ୟାୟ ଗତ ୨୫ ବର୍ଷରେ ଦ୍ୱିତୀୟ ନ୍ୟାୟାଧୀଶ ହେବେ ବୋଲି ରିପୋର୍ଟରେ କୁହାଯାଇଛି। ତାଙ୍କ ପୂର୍ବରୁ ନ୍ୟାୟମୂର୍ତ୍ତି ବୃଜେଶ କୁମାର ୨୦୦୦ ମସିହାରେ ଲକ୍ଷ୍ନୌ ବେଞ୍ଚରୁ ସୁପ୍ରିମକୋର୍ଟରେ ନିଯୁକ୍ତ ହୋଇଥିଲେ।

## ଶ୍ରାଦ୍ଧକର୍ମ ବେଳେ ନଦୀରେ ବୁଡ଼ି ୫ ମୃତ

ଝାନ୍ସୀ : ଉତ୍ତରପ୍ରଦେଶ ଝାନ୍ସୀ ଜିଲ୍ଲାର ମଉରାନୀପୁର ଥାନା ଅନ୍ତର୍ଗତ ଅଞ୍ଚଳରେ ଶ୍ରାଦ୍ଧ କର୍ମ କରୁଥିବା ବେଳେ ବଡ଼ ଅଘଟଣ। ରାନୀପୁର ଦେବରିଘୁରା ଗାଁରେ ସୁଖନଇ ନଦୀରେ ବୁଡ଼ିଯିବା ଯୋଗୁଁ ଗୋଟିଏ ପରିବାରର ୫ ଜଣଙ୍କ ଜୀବନ ଚାଲିଯାଇଛି। ମୃତକଙ୍କ ମଧ୍ୟରେ ବାପା, ପୁଅ, ଭଣଜା, ଭାଣେଜି ଏବଂ ଅନ୍ୟ ଜଣେ ବ୍ୟକ୍ତି ରହିଛନ୍ତି। ତେବେ ପରସ୍ପରକୁ ବଞ୍ଚାଇବା ଚେଷ୍ଟା କରି ୫ ଜଣଙ୍କ ମୃତ୍ୟୁ ହୋଇଛି। ଖବର ମୁତାବକ, ଝାନ୍ସୀ ଜିଲ୍ଲାର ମଉରାନୀପୁର ଥାନା ଅନ୍ତର୍ଗତ ସୁଖନଇ ନଦୀ କୂଳରେ ପରିବାର ଲୋକ ଶ୍ରାଦ୍ଧ କର୍ମ କରୁଥିବା ବେଳେ ଜଣେ ବ୍ୟକ୍ତି ସନ୍ତୁଳନ ହରାଇ ପାଣିରେ ପଡ଼ିଯାଇଥିଲେ। ତାଙ୍କୁ ବଞ୍ଚାଇବା ଚକ୍କରରେ ପରିବାରର ଅନ୍ୟ ସଦସ୍ୟରେ ପାଣିକୁ ଚାଲିଯାଇଥିଲେ। ଫଳରେ ଜଣକ ପରେ ଜଣେ ପରସ୍ପରକୁ ବଞ୍ଚାଇବାକୁ ଚେଷ୍ଟା କରି ବୁଡ଼ିଯାଇଥିଲା। ଘଟଣା ବିଷୟରେ ସୂଚନା ପାଇ ପୋଲିସ ଅଧିକାରୀ, ସ୍ଥାନୀୟ ବୁଡ଼ାଳି ତୁରନ୍ତ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିଥିଲେ। ପାଣିରୁ ୫ଟି ମୃତଦେହ ଜବତ କରି ହସପିଟାଲକୁ ନେଇଥିଲେ, କିନ୍ତୁ ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ। ଗୋଟିଏ ପରିବାରର ୫ ଜଣଙ୍କ ଅସମୟରେ ଜୀବନ ଚାଲିଯିବାରୁ ଗାଁ ଏବଂ ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା।

# ସିଇସି ଜ୍ଞାନେଶ କୁମାରଙ୍କ ବିରୋଧରେ ମୋର୍ଚ୍ଚା ଖୋଲିଲେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ପୂର୍ବତନ ମନ୍ତ୍ରୀ



ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସରକାରଙ୍କ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ରାକେଶ କୁମାର ସିଂହ ନିର୍ବାଚନ କମିସନଙ୍କ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) ବେଆଇନ ବୋଲି ଅଭିଯୋଗ କରିଛନ୍ତି ଏବଂ ଦାବି କରିଛନ୍ତି ଯେ, ଏହା ମାଧ୍ୟମରେ ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାର ଜନପ୍ରତିନିଧିତ୍ୱ ଆଇନ ୧୯୫୦ର ଉଲ୍ଲଂଘନ କରୁଛନ୍ତି। ସେ ସୋସିଆଲ ମିଡିଆ ଏକ୍ସରେ ଏକ ଲମ୍ବା ଲେଖା ଲେଖିଛନ୍ତି ଯେଉଁଥିରେ ଦେଶବାସୀଙ୍କୁ ପଚାରିଛନ୍ତି ଯେ, ସେମାନେ ଭାରତକୁ ଏକ ଗଣତନ୍ତ୍ର ଭାବରେ ରଖିବାକୁ ଚାହାନ୍ତି କି ନାହିଁ। ଭାରତରେ ଗଣତନ୍ତ୍ର ରହୁ ବୋଲି ଆପଣମାନେ ଚାହୁଁଛନ୍ତି କି ନାହିଁ ବୋଲି ଦେଶବାସୀଙ୍କୁ ପ୍ରଶ୍ନ କରିଛନ୍ତି।ଦେଶବାସୀଙ୍କୁ ଏକ ଖୋଲା ଚିଠି ଲେଖି ସେ ସୁପ୍ରିମକୋର୍ଟ ଦ୍ୱାରା ବୈଧତାପ୍ରାପ୍ତ ଏସଆଇଆର ପ୍ରକ୍ରିୟାକୁ କଡ଼ା ସମାଲୋଚନା କରିଛନ୍ତି ଏବଂ ଦେଶର ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କୁ ଟାର୍ଗେଟ କରିଛନ୍ତି। ଏସଆଇଆର ପ୍ରକ୍ରିୟା ଅବୈଧ ଏବଂ ସିଇସି ମନମୁଖୀ ଭାବରେ କାର୍ଯ୍ୟ କରୁଛନ୍ତି ବୋଲି ଅନେକ ଯୁକ୍ତି ଦେଇ ବୁଝାଇବାକୁ ସେ ଚେଷ୍ଟା କରିଛନ୍ତି। ସେ ଲେଖିଛନ୍ତି, ଏସଆଇଆର ଉପରେ ସୁପ୍ରିମକୋର୍ଟଙ୍କ ରାୟ ଏହାର ବିଶ୍ୱସନୀୟତାକୁ କ୍ଷୁର୍ଣ୍ଣ କରିଛି। ଏହି ରାୟ ଜରୁରୀକାଳୀନ ପରିସ୍ଥିତି ଭଳି ସ୍ଥିତିକୁ ସୂଚିତ କରୁଛି। ଆରକେ ସିଂହଙ୍କ ମନ୍ତବ୍ୟ ଏପରି ସମୟରେ ଆସିଛି ଯେତେବେଳେ ବିରୋଧୀ ଦଳ ସିଇସିଙ୍କ ବିରୋଧରେ ମହାଭିଯୋଗ ଆଣିବାର ସମ୍ଭାବନା ଅନୁସନ୍ଧାନ କରୁଛନ୍ତି ଏବଂ ଏହାକୁ ସାରା ଦେଶରେ ଏକ ପ୍ରମୁଖ ରାଜନୈତିକ ଅଭିଯାନରେ ପରିଣତ କରିବାକୁ ଚାହୁଁଛନ୍ତି। ଆରକେ ସିଂହ କହିଛନ୍ତି, ବିରୋଧୀମାନେ କହୁଛନ୍ତି ଯେ, ସେମାନେ ମହାଭିଯୋଗ ମାଧ୍ୟମରେ ଜ୍ଞାନେଶ କୁମାରଙ୍କୁ ହଟାଇବେ। ଏହା ଅବାନ୍ତର। ସେମାନଙ୍କ ପାଖରେ ,ନେଇ ଆବଶ୍ୟକ ସଂଖ୍ୟା ଗରିଷ୍ଠତା ନାହିଁ। ଯଦି ସେମାନେ ପ୍ରକୃତରେ ସମାଧାନ ଚାହୁଁଛନ୍ତି, ତେବେ ସେମାନେ ଜ୍ଞାନେଶ କୁମାରଙ୍କ ବିରୋଧରେ ଏକ ଫୌଜଦାରୀ ମାମଲା ଦାୟର କରିବା ଉଚିତ। ପୂର୍ବତନ ଗୃହ ସଚିବ ଅଭିଯୋଗ କରିଛନ୍ତି ଯେ, ୨୦୦୩ ପରେ ପଞ୍ଜିକୃତ ଭୋଟରମାନଙ୍କୁ ଉପଯୁକ୍ତ ଯାଞ୍ଚ ବିନା ବାଦ ଦିଆଯାଇ ପ୍ରମାଣର ସମ୍ପୂର୍ଣ୍ଣ ଭାର ଭୋଟରଙ୍କ ଉପରେ ଲଦି ଦିଆଯାଇଛି। ଏହା ଆଇନର ଏକ ପ୍ରତିଷ୍ଠିତ ନୀତି ଯେ ଜଣେ ବ୍ୟକ୍ତି ଉପରେ ପ୍ରତିବନ୍ଧକ କିମ୍ବା ଦଣ୍ଡ ଲାଗୁ କରିବା ପାଇଁ ପର୍ଯ୍ୟାପ୍ତ କାରଣ ଅଛି ତାହା ପ୍ରମାଣ କରିବାର ଭାର ଦଣ୍ଡ ଦେବାକୁ ଚାହୁଁଥିବା ବ୍ୟକ୍ତି କିମ୍ବା ସଂସ୍ଥା ଉପରେ ନ୍ୟସ୍ତ। ଏସଆଇଆର ପ୍ରକ୍ରିୟା ବିଶେଷ ଭାବରେ ଗରିବ ଏବଂ ପ୍ରବାସୀ ଭୋଟରମାନଙ୍କୁ କ୍ଷତି ପହଞ୍ଚାଉଛି, କାରଣ ସେମାନେ ବିଶ୍ୱାସ କରନ୍ତି ଯେ ଏହି ଲୋକମାନଙ୍କ ପାଖରେ ଡକ୍ୟୁମେଣ୍ଟର ଅଭାବ ଥାଇପାରେ କିମ୍ବା ଯାଞ୍ଚ ପ୍ରକ୍ରିୟା ସମାପ୍ତ କରିବା ପାଇଁ ସମ୍ବଳର ଅଭାବ ହୋଇପାରେ। ସେ ଦାବି କରିଛନ୍ତି ଯେ, ଏପର୍ଯ୍ୟନ୍ତ ଦେଶରେ ଏସଆଇଆର ନାମରେ ଭୋଟର ତାଲିକାରୁ ୧୩ କୋଟି ନାମ ବାଦ ଦିଆଯାଇଛି, ଯାହା ମୋଟ ଭୋଟରଙ୍କ ପ୍ରାୟ ୧୩ ପ୍ରତିଶତ। ଏତେ ସଂଖ୍ୟକ ନାମ ବାଦ ଦିଆଯିବା ନିଶ୍ଚିତ ଭାବରେ ନିର୍ବାଚନରେ ଏକ ବଡ଼ ପ୍ରଭାବ ପକାଇପାରେ। ଯଦି ଆମେ ଆମର ଗଣତନ୍ତ୍ରକୁ ବଞ୍ଚାଇବାକୁ ଚାହୁଁ, ତେବେ ସମଗ୍ର ଦେଶକୁ ସଚେତନ ଏବଂ ଏକଜୁଟ ହେବାକୁ ପଡିବ। ଜ୍ଞାନେଶ କୁମାର କ’ଣ ଏସବୁ ବେଆଇନ କାମ ନିଜେ କରିଥିଲେ ନା ତାଙ୍କୁ ତାଙ୍କ ମାଲିକଙ୍କ ଦ୍ୱାରା ଏପରି କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା ବୋଲି ସେ ପ୍ରଶ୍ନ କରିଛନ୍ତି।ପୂର୍ବତନ କେନ୍ଦ୍ର ଗୃହ ସଚିବ ଆରକେ ସିଂହ ବିହାରର ଆରା ଲୋକସଭା ଆସନରୁ ଦୁଇଥର ୨୦୧୪ ଏବଂ ୨୦୧୯ ବିଜେପି ଟିକେଟରେ ଜିତିଛନ୍ତି। ୨୦୨୪ ଲୋକସଭା ନିର୍ବାଚନରେ ବିଜେପି ତାଙ୍କୁ ପୁଣି ଥରେ ପ୍ରାର୍ଥୀ କରିଥିଲା, କିନ୍ତୁ ସେ ତୃତୀୟ ଥର ଜିତିପାରି ନଥିଲେ।

## ସୀମାପାର ଆତଙ୍କବାଦୀ ଷଡ଼ଯନ୍ତ୍ର ମାମଲା: ଆସାମ୍, ପଶ୍ଚିମବଙ୍ଗ ଓ କେରଳର ୧୬ଟି ସ୍ଥାନରେ ଏନଆଇଏର ଚଢ଼ାଉ

ଗୌହାଟି: ସୀମାପାର ଆତଙ୍କବାଦୀ ଷଡ଼ଯନ୍ତ୍ର ଏବଂ କଟ୍ଟରପନ୍ଥୀ ଗତିବିଧି ମାମଲାର ତଦନ୍ତ କରି ଜାତୀୟ ତଦନ୍ତକାରୀ ସଂସ୍ଥା (ଏନଆଇଏ) ମଙ୍ଗଳବାର ଦେଶର ତିନୋଟି ରାଜ୍ୟ ଆସାମ୍, ପଶ୍ଚିମବଙ୍ଗ ଓ କେରଳର ୧୬ଟି ଭିନ୍ନ ଭିନ୍ନ ସ୍ଥାନରେ ବ୍ୟାପକ ଚଢ଼ାଉ କରିଛି। ବାଂଲାଦେଶର ନିଷିଦ୍ଧ ଆତଙ୍କବାଦୀ ସଂଗଠନ ''ଜମାତ-ଉଲ୍-ମୁଜାହିଦ୍ଦିନ୍ ବାଂଲାଦେଶ'' (ଜେଏମବି) ର ଏକ ଶାଖା ''ଇମାମ୍ ମହମୁଦେର କାଫିଲା'' (ଆଇଏମକେ) ସହ ଜଡ଼ିତ ଆସାମର ଏକ କଟ୍ଟରପନ୍ଥୀ ମାମଲାରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଚଢ଼ାଉ ଚାଲିଥିବା ୧୬ଟି ସ୍ଥାନ ମଧ୍ୟରୁ ଆସାମରେ ୧୦ଟି, ପଶ୍ଚିମବଙ୍ଗରେ ୫ଟି ଏବଂ କେରଳରେ ଗୋଟିଏ ସ୍ଥାନ ରହିଛି।

ତଦନ୍ତକାରୀ ସଂସ୍ଥା ଅନୁସାରେ, ଆଇଏମକେ ନେଟୱାର୍କ ସହ ଜଡ଼ିତ ସନ୍ଦିଗ୍ଧ ବ୍ୟକ୍ତିମାନଙ୍କର ସୀମାପାର ସମ୍ପର୍କ, ଯୁବକମାନଙ୍କୁ କଟ୍ଟରପନ୍ଥୀ କରିବା ଏବଂ ବେଆଇନ ଗତିବିଧି ନେଇ ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ସଂଗ୍ରହ କରିବା ଲକ୍ଷ୍ୟରେ ଏହି ଯାଞ୍ଚ ପ୍ରକ୍ରିୟା ଜାରି ରହିଛି। ଏହି ସଂଗଠନ ଆସାମରେ ନିଜର ଜାଲ ବିଛାଇ ସୀମାପାରରୁ କାର୍ଯ୍ୟକଳାପ ନିୟନ୍ତ୍ରଣ କରୁଥିବା ନେଇ ସନ୍ଦେହ କରାଯାଉଛି। ଚଢ଼ାଉ ସମୟରେ ଜବତ ହୋଇଥିବା ନଥିପତ୍ର ଏବଂ ସନ୍ଦିଗ୍ଧଙ୍କ ବିଷୟରେ ଅଧିକ ତଥ୍ୟ ପାଇଁ ଏନଆଇଏ ପକ୍ଷରୁ ପଚରାଉଚୁରା ଜାରି ରହିଛି।




# କାଲିନିନଗ୍ରାଡ ବିରୋଧରେ ହସ୍ତକ୍ଷେପ ମହଙ୍ଗା ପଡ଼ିବ: ନାଟୋକୁ ପୁଟିନଙ୍କ ଧମକ

ମସ୍କୋ: କାଲିନିନଗ୍ରାଡରେ ଯେକୌଣସି ହସ୍ତକ୍ଷେପ ବିରୋଧରେ ରୁଷ ଆମେରିକା ଏବଂ ୟୁରୋପୀୟ ଦେଶମାନଙ୍କର ସାମରିକ ମେଣ୍ଟ ନାଟୋକୁ ଚେତାବନୀ ଦେଇଛି। ରୁଷ କହିଛି ଯେ, କାଲିନିନଗ୍ରାଡକୁ ପୃଥକ କରିବାର ଯେକୌଣସି ପ୍ରୟାସ ନାଟୋ ସହିତ ସିଧାସଳଖ ସାମରିକ ମୁକାବିଲାର କାରଣ ହୋଇପାରେ। ପୋଲାଣ୍ଡ ଏବଂ ଲିଥୁନିଆ ମଧ୍ୟରେ ଅବସ୍ଥିତ କାଲିନିନଗ୍ରାଡ ରୁଷ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କାଲିନିନଗ୍ରାଡ ଅଞ୍ଚଳ ରୁଷର ମୁଖ୍ୟଭୂମିରୁ ପୃଥକ କିନ୍ତୁ ରଣନୈତିକ ଭାବରେ ଗୁରୁତ୍ୱପୂର୍ଣ୍ଣ। ଏହା ରୁଷର ସାମରିକ ଦୁର୍ଗ ଭାବରେ ମଧ୍ୟ ଜଣାଶୁଣା।ମସ୍କୋ କହିଛି ଯେ, ଆମର ସାମରିକ ବାହିନୀ ପାଖରେ ଏହି ଅଞ୍ଚଳକୁ ରକ୍ଷା କରିବା ପାଇଁ ପର୍ଯ୍ୟାପ୍ତ ଅସ୍ତ୍ରଶସ୍ତ୍ର ଅଛି। ଯଦି ନାଟୋ ଏହାକୁ ରୁଷର ଅନ୍ୟ ଅଂଶରୁ ବିଚ୍ଛିନ୍ନ କରିବାକୁ ଚେଷ୍ଟା କରେ ତେବେ ଆମେ ଆମର ସମ୍ପୂର୍ଣ୍ଣ ଅସ୍ତ୍ରଶସ୍ତ୍ର ବ୍ୟବହାର କରିବାକୁ ପ୍ରସ୍ତୁତ ରହିଛୁ। ଏହି ଚେତାବନୀ ବେଲଜିୟମରେ ଥିବା ରୁଷ ଦୂତାବାସରୁ ଆସିଛି। ଏହା ନାଟୋ ସହିତ ମସ୍କୋର କୂଟନୈତିକ ସମ୍ପର୍କ ପରିଚାଳନା କରିଥାଏ। ଦୂତାବାସ କହିଛି ଯେ, ଏହା ନାଟୋର ଅନ୍ତର୍ଜାତୀୟ ସଚିବାଳୟ ଏବଂ ବେଲଜିୟମର ବୈଦେଶିକ ମନ୍ତ୍ରଣାଳୟ ସମ୍ମୁଖରେ ଏନେଇ ଚିନ୍ତା ପ୍ରକାଶ କରିଛି। କାଲିନିନଗ୍ରାଡ ନିକଟରେ ଉତ୍ତର-ପୂର୍ବ ପୋଲାଣ୍ଡରେ ନାଟୋ ଦ୍ୱାରା ବିମାନ ଅଭ୍ୟାସ କରାଯିବାର ପ୍ରାୟ ଏକ ମାସ ପରେ ରୁଷର ଏହି ସଦ୍ୟତମ ଚେତାବନୀ ଆସିଛି। ଏହି ଅଭ୍ୟାସରେ ଆମେରିକା ଏବଂ ନରୱେଜିଆନ୍ ଯୁଦ୍ଧ ବିମାନ, ନାଟୋର ଇ-୩ଏ ସେଣ୍ଟ୍ରି ଏଡବ୍ଲୁଏସିଏସନିରୀକ୍ଷଣ ବିମାନ, ଆକାଶରେ ଇନ୍ଧନ ଭର୍ତ୍ତି ଟ୍ୟାଙ୍କର୍ ଏବଂ ଆମେରିକାର ଇଏ-୩୭ବି ଇଲେକ୍‌ଟ୍ରୋନିକ୍ ଯୁଦ୍ଧ ବିମାନ ସାମିଲ ଥିଲେ। ଆକଳନ ଅନୁଯାୟୀ ଏଥିରେ ସାମିଲ ହୋଇଥିବା ବିମାନ ସଂଖ୍ୟା ୨୫ ରୁ ୫୦ ମଧ୍ୟରେ ଥିଲା। ରୁଷ ଏବେ କାଲିନିନଗ୍ରାଡ ଚାରିପାଖରେ ନାଟୋର କାର୍ଯ୍ୟକଳାପ ବିଷୟରେ ନିଜର ଚିନ୍ତା ପ୍ରକାଶ କରିଛି। ରୁଷର ମୁଖ୍ୟଭୂମିରୁ ଏହି ଅଞ୍ଚଳକୁ ବିଚ୍ଛିନ୍ନ କରିବାକୁ ଯୋଜନା କରାଯାଉଥିବା ରୁଷ ଅଭିଯୋଗ ଆଣିଛି। ମସ୍କୋ କହିଛି ଯେ ଏପରି କରିବାର ଯେକୌଣସି ପ୍ରୟାସକୁ ରୁଷ ଅଞ୍ଚଳ ବିରୋଧରେ ଆକ୍ରମଣ ବୋଲି ବିବେଚନା କରାଯିବ। ଯଦି ନାଟୋ ଦେଶଗୁଡ଼ିକ କାଲିନିନଗ୍ରାଦ ଅଞ୍ଚଳକୁ ଆମ ଦେଶର ଅନ୍ୟ ଅଂଶରୁ ପୃଥକ କରିବାକୁ ଚେଷ୍ଟା କରନ୍ତି, ତେବେ ସମ୍ଭାବ୍ୟ ଆକ୍ରମଣର ଜବାବ ଦେବା ପାଇଁ ରୁଷ ପାଖରେ ଆବଶ୍ୟକୀୟ ଉପାୟ ଅଛି। କାଲିନିନଗ୍ରାଡ୍ ହେଉଛି ବାଲ୍‌ଟିକ୍ ସାଗରରେ ଏକ ରୁଷିଆନ୍ ଅଞ୍ଚଳ। ଏହା ନାଟୋ ସଦସ୍ୟ ପୋଲାଣ୍ଡ ଏବଂ ଲିଥୁନିଆ ମଧ୍ୟରେ ଅବସ୍ଥିତ। ଏହାର ସ୍ଥାନ ମସ୍କୋ ଏବଂ ନାଟୋ ଉଭୟ ପାଇଁ ରଣନୈତିକ ଭାବରେ ସମ୍ବେଦନଶୀଳ। ଏହା ରୁଷିଆନ୍ ମୁଖ୍ୟଭୂମିରୁ ବିଚ୍ଛିନ୍ନ। ନାଟୋ ଏବଂ ପଶ୍ଚିମ ଦେଶଗୁଡ଼ିକ ଭୟ କରୁଛନ୍ତି ଯେ, ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ ଏହି ଅଞ୍ଚଳକୁ ୟୁରୋପ ଉପରେ ଆକ୍ରମଣ କରିବା ପାଇଁ ବ୍ୟବହାର କରିପାରନ୍ତି। ରୁଷଠାରୁ ଶହ ଶହ କିଲୋମିଟର ଦୂରରେ ଥିବା ଏକ ରୁଷୀୟ ବିଚ୍ଛିନ୍ନାଞ୍ଚଳ କାଲିନିନଗ୍ରାଡ ଓବ୍ଲାଷ୍ଟ, ପୋଲାଣ୍ଡ ଏବଂ ଲିଥୁନିଆ ମଧ୍ୟରେ ଅବସ୍ଥିତ ଏକ କ୍ଷୁଦ୍ର ୧୫,୧୦୦ ବର୍ଗ କିଲୋମିଟର ଅଞ୍ଚଳ। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଜର୍ମାନ ସହର କୋନିଗସବର୍ଗ ଏବଂ ଏହାର ଆଖପାଖ ଅଞ୍ଚଳକୁ ସୋଭିଏତ ୟୁନିଅନକୁ ହସ୍ତାନ୍ତର କରାଯାଇଥିଲା। ୧୯୪୬ ମସିହାରେ, ଏହାର ନାମ ପରିବର୍ତ୍ତନ କରି କାଲିନିନଗ୍ରାଡ ରଖାଯାଇଥିଲା। ବାଲ୍‌ଟିକ୍ ସାଗରରେ ଥିବା ଏହି ଛୋଟ ପଶ୍ଚିମ ଉପକୂଳର ଆକାର ଛୋଟ ହେବା ସତ୍ତ୍ୱେ ରୁଷ ପାଇଁ ବହୁତ ରଣନୈତିକ ଗୁରୁତ୍ୱ ବହନ କରୁଛି। ଏହା ରୁଷକୁ ବାଲ୍‌ଟିକ୍ ସାଗରକୁ ସିଧାସଳଖ ପ୍ରବେଶ ପାଇଁ ଦ୍ୱିତୀୟ ପଥ ପ୍ରଦାନ କରିଥାଏ। ରୁଷର ବାଲ୍‌ଟିକ୍ ସାଗର ନୌବାହିନୀର ମୁଖ୍ୟାଳୟ ଏବଂ ମୁଖ୍ୟ ଘାଟି କାଲିନିନଗ୍ରାଡ ଓବ୍ଲାଷ୍ଟରେ ଅବସ୍ଥିତ। କାଲିନିନଗ୍ରାଡ ୟୁରୋପର ସବୁଠାରୁ ସାମରିକୀକରଣ ହୋଇଥିବା ଅଂଶ ମଧ୍ୟରୁ ଗୋଟିଏ, ଯାହା ଏହି ଅଞ୍ଚଳକୁ ରୁଷ ପାଇଁ ବହୁତ ସାମରିକ ଗୁରୁତ୍ୱ ପ୍ରଦାନ କରେ। ଏହା ବାଲ୍‌ଟିକ୍ ସାଗରରେ ଶକ୍ତି ପ୍ରକ୍ଷେପଣ ପାଇଁ ଏକ ରଣନୈତିକ ପଏଣ୍ଟ ଭାବରେ କାର୍ଯ୍ୟ କରେ। ରୁଷର କ୍ଷେପଣାସ୍ତ୍ର ପ୍ରଣାଳୀ, ରାଡାର ଷ୍ଟେସନ ଏବଂ ଦୃଢ଼ ସାମରିକ ଭିତ୍ତିଭୂମିର ନେଟୱାର୍କ ଏଠାରେ ରହିଛି। ନାଟୋ ଦେଶଗୁଡ଼ିକ ଏହାକୁ ଉତ୍ତର ୟୁରୋପରେ ସମୁଦ୍ର ଏବଂ ବାୟୁପଥକୁ ବିପଦରେ ପକାଇବା ପାଇଁ ସକ୍ଷମ ଏକ ଅଞ୍ଚଳ ବୋଲି ବିବେଚନା କରୁଛନ୍ତି।

# ଏସିଆନ ଗେମ୍ସରେ ଗୁଲବୀର ସିଂହଙ୍କ ହ୍ୟାଟ୍ରିକ୍

ଆଇଚି-ନାୟାମି, ୨୯।୯: ଭାରତର ଷ୍ଟାର ଲଙ୍ଗ ରନର ଗୁଲବୀର ସିଂହ ଜାପାନରେ କରିଛନ୍ତି କମାଲ। ସେ ଭାରତ ପାଇଁ ଏସିଆନ ଗେମ୍ସ ୨୦୨୬ରେ ହାସଲ କରିଛନ୍ତି ହ୍ୟାଟ୍ରିକ। ସେ ଏକାକୀ ଭାରତ ପାଇଁ ୩ଟି ଭିନ୍ନଭିନ୍ନ ରନିଂ ଇଭେଣ୍ଟରେ ୩ଟି ପଦକ ଜିତି ନୂଆ ରେକର୍ଡ ସୃଷ୍ଟି କରିଛନ୍ତି।

ଗୁଲବୀର ମଙ୍ଗଳବାର ପୁରୁଷ ୫୦୦୦ ମିଟର ଫାଇନାଲରେ ଦେଶ ପାଇଁ ଜିତିଛନ୍ତି ବ୍ରୋଞ୍ଜ ପଦକ। ଏହା

## ପୁରୁଷ ୫୦୦୦ ମିଟର ଫାଇନାଲରେ ଦେଶ ପାଇଁ ବ୍ରୋଞ୍ଜ ପଦକ ଜିତିଲେ

## ପୂର୍ବରୁ ୧୫୦୦ ମିଟର ଓ ୧୦ ହଜାର ମିଟର ଫାଇନାଲରେ ରୌପ୍ୟ ପଦକ

ଚଳିତ ଏସିଆନ ଗେମ୍ସରେ ତାଙ୍କର ବ୍ୟକ୍ତିଗତ ତୃତୀୟ ପଦକ। ଗୁଲବୀର ସିଂହ ୫୦୦୦ ମିଟର ଦୂରତାକୁ ୧୩ ମିନିଟ୍ ୩୨.୭୫ ସେକେଣ୍ଡରେ ଅତିକ୍ରମ କରି ଏପରି ସଫଳତା ପାଇଛନ୍ତି।ବାହାରିନର ବ୍ରିହାନୁ ବାଲେଓ୍ୱ ସ୍ୱର୍ଣ୍ଣ




ପଦକ ହାସଲ କରିଥିବା ବେଳେ ତାଙ୍କ ଟାଇମିଂ ରହିଛି ୧୩ ମିନିଟ ୩୦.୭୯ ସେକେଣ୍ଡ। ସେହିପରି ରୌପ୍ୟ ପଦକ ଦଖଲ କରିଛନ୍ତି ଏସିଆନ ଗେମ୍ସର ଆୟୋଜକ ଜାପାନର ଟୋମୋନୋରି ୟାମାଗୁଚି। ସେ ୧୩.୩୧.୪୩ ସେକେଣ୍ଡରେ ୫୦୦୦ ମିଟର ଦୂରତାକୁ ଅତିକ୍ରମ କରିଛନ୍ତି।

ଗୁଲବୀର ଏହି ଇଭେଣ୍ଟରେ ବ୍ରୋଞ୍ଜ ପଦକ ପାଇଥିବା ବେଳେ ଏହା ପୂର୍ବରୁ ମଧ ଦୁଇଟି ପଦକ ସଫଳତା ପାଇଥିଲେ। ୧୫୦୦ ମିଟର ଫାଇନାଲରେ ସେ ଦେଶ ପାଇଁ ରୌପ୍ୟ ପଦକ ଓ ୧୦ ହଜାର ମିଟର ଫାଇନାଲରେ ମଧ ରୌପ୍ୟ ପଦକ ପାଇଥିଲେ।

୧୫୦୦ ମିଟର ଦୂରତାକୁ ସେ ୩ ମିନିଟ ୩୧.୧୩ ସେକେଣ୍ଡରେ ଅତିକ୍ରମ କରିଥିଲେ। ଏହି ପ୍ରତିଯୋଗିତା ସୋମବାର ଅନୁଷ୍ଠିତ ହୋଇଥିଲା। ଗତ ସପ୍ତାହରେ ଅନୁଷ୍ଠିତ ୧୦,୦୦୦ ମିଟର ଫାଇନାଲରେ ତାଙ୍କ ଟାଇମିଂ ଥିଲା ୨୮ ମିନିଟ ୨୯.୩୮ ସେକେଣ୍ଡ। ୧୦ ହଜାର ମିଟର ରେସ୍‌ରେ ରୌପ୍ୟ ପାଇବା ଗୁଲବୀରଙ୍କ ପାଇଁ ପ୍ରଥମ ଘଟଣା। ସେ ୨୦୨୩ ଚାଇନା ସ୍ଥିତ ଏସିଆନ ଗେମ୍ସରେ ଦେଶ ପାଇଁ ଏହି ଇଭେଣ୍ଟରେ ବ୍ରୋଞ୍ଜ ପଦକ ପାଇଥିଲେ। ଏଥର ସେ ରୌପ୍ୟ ପଦକ ପାଇଛନ୍ତି।

ଏପଟେ ମହିଳା ଉଚ୍ଚ ଡିଆଁରେ ମଧ ଭାରତକୁ ବ୍ରୋଞ୍ଜ ପଦକ ମିଳିଛି। ୧.୮୪ ମିଟର ସଫଳତା ସହ ଭାରତର ପୂଜା ଏହି ସଫଳତା ପାଇଛନ୍ତି। ସେହିପରି ୪ ଗୁଣା ୧୦୦ ମିଟର ମିକ୍ସଡ ରିଲେରେ ମଧ ଭାରତକୁ କାଂସ୍ୟ ପଦକ ମିଳିଛି। ଭାରତ ଏହି ରେସ୍‌କୁ ସିଜିନ ବେଷ୍ଟ ୪୧.୦୬ ସେକେଣ୍ଡରେ ଶେଷ କରିପାରିଛି। ଚାଇନା ଏହି ବର୍ଗରେ ପ୍ରଥମ ସ୍ଥାନରେ ରହିଥିବା ବେଳେ ଥାଇଲ୍ୟାଣ୍ଡ ରୌପ୍ୟ ପଦକ କବଜା କରିଛି।

# ଆଜି ଭାରତ-ଓ୍ୱେଷ୍ଟଇଣ୍ଡିଜ ଦ୍ୱିତୀୟ ଦିନିକିଆ

ଗୁଆହାଟୀ: ଭାରତ ଓ ଓ୍ୱେଷ୍ଟଇଣ୍ଡିଜ୍ ମଧରେ ଚାଲିଥିବା ଦିନିକିଆ ଶୃଙ୍ଖଳାର ଦ୍ୱିତୀୟ ମୁକାବିଲା ବୁଧବାର ଗୁଆହାଟୀରେ ଖେଳାଯିବ। ତିରୁବନ୍ତପୂରମରେ ସହଜ ୮ ୱିକେଟ୍ ବିଜୟ ହାସଲ କରିଥିବା ଭାରତ ଏହି ତିନି ମ୍ୟାଚ୍ ଶୃଙ୍ଖଳାର ଭାଗ୍ୟକୁ ଏହିଠାରେ ସିଲ୍ କରିଦେବା ଲକ୍ଷ୍ୟରେ ହରିଛି। ଅଧିନାୟକ ଶୁବମନ ଗିଲ୍ ଓ ଭେଟେରାନ୍ ବିରାଟ କୋହଲିଙ୍କ ଚମତ୍କାର ଶତକ ବଳରେ ଭାରତ ବିଜୟୀ ହୋଇଥିବାରୁ ଏବେ ଏଭଳି ସମ୍ଭାବନା ଦିଗରେ ଅଗ୍ରସର ହୋଇଛି। ଭାରତୀୟ ଦଳର ପେସ ବୋଲିଂ ସମନ୍ୱୟ ସଠିକ ଦିଶାରେ ନଥିବା ଏବଂ ଦଳୀୟ ଚୟନରେ ପରୀକ୍ଷା ନିରୀକ୍ଷା ଜାରି ରହିବା ସତ୍ତ୍ୱେ ତ୍ରିଭେନ୍ଦ୍ରମରେ ଏସବୁ ଦୁର୍ବଳତା ପଦାରେ ପଡିନଥିଲା। କେବଳ ଅଲରାଉଣ୍ଡର୍ ନୀତୀଶ କୁମାର ରେଡ୍ଡୀ ବୋଲିଂ ଓପନ୍ କରିବା ଫଳପ୍ରଦ ହୋଇପାରିନଥିଲା। ଫଳତଃ ଯଶପ୍ରୀତ୍ ବୁମରା ଓ ହାର୍ଦିକ ପାଣ୍ଡ୍ୟାଙ୍କ ଅନୁପସ୍ଥିତି ଅନୁଭବ ହୋଇଥିଲା। ଏବେ ଭାରତ ମହମ୍ମଦ ସିରାଜଙ୍କୁ ଫେରାଇ ଆଣିବ ନା ଆକ୍ୱିବ ନବିଙ୍କୁ ପଦାର୍ପଣ ସୁଯୋଗ ଦେବ ସେହି ଦ୍ୱନ୍ଦ୍ୱରେ ପଡିଛି। ବ୍ୟାଟିଂ କିନ୍ତୁ ଘରୋଇ ଦଳର ମୁଖ୍ୟ ଶକ୍ତି ହୋଇ ରହିଛି। ରୋହିତ ଶର୍ମାଙ୍କ ଉପରେ ମଧ ବିଶେଷ ନଜର ରହିବ। ସେ ଗତ ମ୍ୟାଚ୍‌ରେ ଭଲ ଆରମ୍ଭ ସତ୍ତ୍ୱେ ୩୨ ରନ୍ କରିଥିଲେ।ଅନ୍ୟପକ୍ଷରେ ଓ୍ୱେଷ୍ଟଇଣ୍ଡିଜ୍ ଶୃଙ୍ଖଳାରେ ଜୀବନ୍ତ ରହିବାକୁ ଗୁଆହାଟୀ ମ୍ୟାଚ୍‌ରେ କର ବା ମର ସ୍ଥିତିରେ ରହିବ। ଆଗାମୀ ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟରେ ଖେଳିବା ପୂର୍ବରୁ ଭ୍ରମଣକାରୀ ଦଳକୁ ମଧ ଏହାର ବ୍ୟାଟିଂ, ବୋଲିଂ, ଫିଲ୍ଡିଂ ଆଦିରେ ଉନ୍ନତ ପ୍ରଦର୍ଶନ କରିବାକୁ ପଡିବ। ତ୍ରିଭେନ୍ଦ୍ରମରେ ଓପନର୍ ଜଷ୍ଟିନ୍ ଗ୍ରିଭ୍ସ ତାଙ୍କ ପ୍ରଥମ ଶତକ ହାସଲ କରିବା ଦଳ ପାଇଁ ସକରାତ୍ମକ ଦିଗ ରଖିଛି। ଏହି ୨ ଥର ବିଶ୍ୱ ଚାମ୍ପିଅନ୍ ଦଳ କିନ୍ତୁ ଏବେ ବି ୨୦୨୭ ସଂସ୍କରଣ ବିଶ୍ୱକପ୍ ପାଇଁ ଯୋଗ୍ୟତା ଅର୍ଜନ କରିନପାରି ଚାପରେ ରହିଛି।

ଭାରତୀୟ ଦଳ: ଶୁବମନ ଗିଲ୍ (ଅଧିନାୟକ), ରୋହିତ ଶର୍ମା, ବିରାଟ କୋହଲି, ଋତୁରାଜ ଗାଏକ୍ୱାଡ, କେଏଲ୍ ରାହୁଲ୍ (ଉପ ଅଧିନାୟକ), ଧ୍ରୁବ ଜୁରେଲ, ନୀତୀଶ କୁମାର ରେଡ୍ଡୀ, ରବୀନ୍ଦ୍ର ଜାଡେଜା, କୁଲଦୀପ ଯାଦବ, ପ୍ରସିଦ୍ଧ କୃଷ୍ଣ, ଗୁର୍ନୁର ବ୍ରାର୍, ମହମ୍ମଦ ସିରାଜ, ଆକ୍ୱିବ ନବି, ଯଶସ୍ୱୀ ଜୟସ୍ୱାଲ, ନମନ ଧୀର। ଓ୍ୱେଷ୍ଟଇଣ୍ଡିଜ୍ ଦଳ: ସାଇ ହୋପ୍ (ଅଧିନାୟକ), ଜିଓ୍ୱେଲ ଆଣ୍ଡ୍ରିଉ, ଜନ୍ କ୍ୟାମ୍ପବେଲ୍, କିସି କାର୍ଟି, ରଷ୍ଟନ୍ ଚେଜ୍, ମ୍ୟାଥ୍ୟୁ ଫୋର୍ଡ, ଜଷ୍ଟିନ୍ ଗ୍ରିଭ୍ସ, ଆମିର ଜାଙ୍ଗୁ, ଅଲଜାରି ଯୋସେଫ, ସମାର ଯୋସେଫ, ଭିଟେଲ୍ ଲିଓ୍ୱସ, ଗୁଡାକେଶ ମୋତି, କିମୋ ପଲ୍, ସେର୍ଫାନ୍ ରଦରଫୋର୍ଡ, ଜୟଦେନ୍ ସିଲ୍ସ।

# ଡବ୍ଲୁପିଏଲ୍ ୨୦୨୭ ପାଇଁ ରିଟେନସନ୍ ତାଲିକା ଜାରି

ମୁମ୍ବାଇ: ମହିଳା ପ୍ରିମିୟର ଲିଗ୍ ବା ଓ୍ୱମେନ୍ସ ପ୍ରିମିୟର୍ ଲିଗ୍ (ଡବ୍ଲ୍ୟୁପିଏଲ୍) ୨୦୨୭ ପାଇଁ ସମସ୍ତ ୫ ଫ୍ରାଞ୍ଚାଇଜ୍ ନିଜ ଦଳର ରିଟେନସନ୍ ତାଲିକା ଜାରି କରିଛନ୍ତି । ଦିଲ୍ଲୀ କ୍ୟାପିଟାଲ୍ସ, ୟୁପି ଓ୍ୱାରିୟର୍ସ, ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ, ମୁମ୍ବାଇ ଇଣ୍ଡିଆନ୍ସ ଏବଂ ଗୁଜୁରାଟ ଜାଏଣ୍ଟସ୍ ରିଟେନସନ୍ ତାଲିକା ଜାରି କରିଛନ୍ତି । ଯେଉଁଥିରେ ବିଭିନ୍ନ




ଫ୍ରାଞ୍ଚାଇଜ୍ ନିଜ ଦଳରୁ ବଡ଼ ଖେଳାଳିଙ୍କୁ ବାହାର କରିଛନ୍ତି ।ଚଳିତ ବର୍ଷର ଡିଫେଣ୍ଡିଂ ଚାମ୍ପିଅନ୍ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଆଗାମୀ ଡଚଖ-୨୦୨୭ ପାଇଁ ଜାରି କରିଥିବା ରିଟେନସନ୍ ତାଲିକା ଜାରି କରିଛି । ଦଳରୁ ଲିନ୍ସି ସ୍ମିଥ୍, ଗ୍ରେସ୍ ହାରିସ୍, ଦୟାଲନ ହେମଲତା ଏବଂ ଗୌତମୀ ନାୟକଙ୍କୁ ଦଳରୁ ବାହାର ରାସ୍ତା ଦେଖାଇ ଦିଆଯାଇଛି ।

ସେହିପରି ଦିଲ୍ଲୀ କ୍ୟାପିଟାଲ୍ସ ପାଇଁ ନିଜ ଦଳରୁ ଏଲାନା କିଙ୍ଗ୍, ଏଡଲା ଷ୍ଟ୍ରଜ୍‌ନା, ଲିଜେଲ୍ ଲି, ପ୍ରଗତି ସିଂହ, ସ୍ନେହା ରାଣା ଏବଂ ତାନିୟା ଭାଟିଆଙ୍କୁ ବାହାର କରିଦେଇଛି । ଏନାବେଲ୍ ସଦରଲ୍ୟାଣ୍ଡ, ଚିନେଲ ହେନରୀ, ଦୀୟା ଯାଦବ, ଜେମିମା ରୋଡ୍ରିଗ୍ସ, ଲୌରା ବୋଲ୍ୱାର୍ଡଟ୍, ଲକି ହେମିଲଟନ, ମମତା ମଦିଓ୍ୱାଲା, ମାରିଜାନେ କାପ, ମିନ୍ନୁ ମନୀ, ଏନ୍ ଶ୍ରୀ ଚରଣୀ, ନନ୍ଦିନୀ ଶର୍ମା, ନିକୀ ପ୍ରସାଦ ଶୈଫାଳୀ ବର୍ମାଙ୍କୁ ଦଳରେ ରଖିଛି ।

ଦୁଇ ଦୁଇ ଥର ବିଜୟୀ ହୋଇଥିବା ମୁମ୍ବାଇ ଇଣ୍ଡିଆନ୍ସ ଦଳରୁ କମଳିନୀ, ମିଲ୍ଲୀ ଇଲିଂଗଓ୍ୱର୍ଥ, କ୍ରାନ୍ତି ରେଡ୍ଡୀ, ପୁନକ ଖେମନାର, ସୈକା ଇଶାକ ଏବଂ ତ୍ରିବେଣୀ ବଶିଷ୍ଠଙ୍କୁ ମୁକ୍ତ କରିଛି । ଅମନଜୋତ କୌର, ହରମନପ୍ରୀତ କୌର, ହେଲି ମାଥ୍ୟୁସ, ରାହିଲା ଫିର୍‌ଦୋସ୍, ଶବନିମ୍ ଇସ୍ମାଇଲ୍, ଅମେଲିଆ, ନଟାଲିଏ, ସଜିବନ, ନିକୋଲା ଏବଂ ସଂସ୍କୃତି ଗୁପ୍ତା ଦଳରେ ନିଜ ସ୍ଥାନ ବଜାୟ ରଖିଛନ୍ତି ।

ୟୁପି ଓ୍ୱାରିୟର୍ସ ଆଶା ଶୋଭନା, ଶ୍ୱେତା ସେହରାଓ୍ୱତ, କିରଣ ନବଗିରେ, ଡିଏଣ୍ଡ୍ରା ଡଟିନ୍, ଏମି ଜୋନ୍ସ ଏବଂ କ୍ଲୋ ବ୍ରାୟନ୍‌ଙ୍କୁ ଦଳରୁ ମୁକ୍ତ କରିଛି। ଗତ ସିଜିନ୍‌ରେ ୟୁପି ଓ୍ୱାରିୟର୍ସ ଭଲ ପ୍ରଦର୍ଶନ କରିପାରିନଥିଲେ । ତେଣୁ ଦଳ ନୂଆ ଖେଳାଳି ଏବଂ ଅଭିଜ୍ଞ ଖେଳାଳିଙ୍କୁ ସ୍ଥାନ ଦେବାକୁ ଚେଷ୍ଟା କରିବ ।

ଗୁଜୁରାଟ ଜାଏଣ୍ଟସ୍ ଅନୁଷ୍କା ଶର୍ମା, ଭାରତୀ, ଜିନ୍ତିମଣୀ କଲିତା, କିମ୍ ଗର୍ଥ, ସୋଫି ଡିଭାଇନ୍, ଗାର୍ଡନର୍, ଜର୍ଜିଆ, କନିକା ଆହୁଜା, ରାଜେଶ୍ୱରୀ ଗାୟକଓ୍ୱାଡ଼, ତନୁଜା କନଓ୍ୱାର, ବେଥ୍ ମୁନୀ, ହାପି କୁମାରୀ, କାଶଭି ଗୌତମ, ରେଣୁକା ଏବଂ ଯାସ୍ତିକା ଦଳରେ ରଖିଛି । ଅନ୍ୟପକ୍ଷେ ଡାନି ଓ୍ୱାଏଟ୍-ହୋଜ୍, ଆୟୁଶି ସୋନି, ତିତାସ ସାଧୁ ଏବଂ ଶିବାନୀ ସିଂଙ୍କୁ ମୁକ୍ତ କରିଛି ।

ଡବ୍ଲୁପିଏଲ୍ ନିୟମ ଅନୁସାରେ ଗୋଟିଏ ଫ୍ରାଞ୍ଚାଇଜ୍ ନିଜ ପାଖରେ ଅତିବେଶୀରେ ୧୮ ଜଣ ଖେଳାଳିଙ୍କୁ ରଖି ପାରିବ । ଯେଉଁଥିରେ ଅତିବେଶୀରେ ୬ ଜଣ ବିଦେଶୀ ଖେଳାଳି ରହିବେ ଏବଂ ବାକି ୧୨ ଜଣ ଭାରତୀୟ ଖେଳାଳି ରହିବେ । ଅକ୍ଟୋବର ୨୮ ତାରିଖରେ କୋଚିଠାରେ ମହିଳା ପ୍ରିମିୟର ଲିଗ୍‌ର ନିଲାମ ଅନୁଷ୍ଠିତ ହେବ। ଟାଟା ମହିଳା ପ୍ରିମିୟର ଲିଗ୍‌ର ୨୦୨୭ ସଂସ୍କରଣ ଜାନୁଆରୀ ୧୪ରୁ ଫେବୃଆରୀ ୭ ପର୍ଯ୍ୟନ୍ତ ଖେଳାଯିବ।

## ୧ରେ ବିଶ୍ୱକପ୍ କାର୍ଯ୍ୟସୂଚୀ

ନୂଆଦିଲ୍ଲୀ: ଆଗାମୀ ବର୍ଷ (୨୦୨୭) ଅନୁଷ୍ଠିତ ହେବାକୁ ଥିବା ଆଇସିସି ଦିନିକିଆ ବିଶ୍ୱକପ୍‌ର କାର୍ଯ୍ୟସୂଚୀକୁ ନେଇ ଏକ ବଡ଼ ଅପଡେଟ୍ ସାମ୍ନାକୁ ଆସିଛି। ଆନ୍ତର୍ଜାତୀୟ କ୍ରିକେଟ୍ ପରିଷଦ ଏବଂ ଆୟୋଜକ ବୋର୍ଡ ପକ୍ଷରୁ ଆସନ୍ତା ଅକ୍ଟୋବର ୧ ତାରିଖ ଦିନ ବିଶ୍ୱକପ୍‌ର ପୂରା ସୂଚୀ ଘୋଷଣା କରାଯିବ।ଏଥର ଏହି ମେଗା ଟୁର୍ଣ୍ଣାମେଣ୍ଟ ଆଫ୍ରିକାର ତିନୋଟି ଦେଶ ଯଥା- ଦକ୍ଷିଣ ଆଫ୍ରିକା, ଜିମ୍ବାୱେ ଏବଂ ନାମିବିଆର ମିଳିତ ଆତିଥ୍ୟରେ ଖେଳାଯିବ। ଏହି ବିଶ୍ୱକପ୍‌ରେ ମୋଟ ୧୪ଟି ଟିମ୍ ଅଂଶଗ୍ରହଣ କରିବେ, ଯାହାଫଳରେ ଟୁର୍ଣ୍ଣାମେଣ୍ଟର ଫର୍ମାଟ୍‌ରେ ମଧ ପରିବର୍ତ୍ତନ କରାଯାଇଛି। ସୂଚୀ ପ୍ରକାଶ ପାଇବା ସହିତ ପ୍ରଶଂସକଙ୍କ ପାଇଁ ଟିକେଟ୍ ବୁକିଂ ନିମନ୍ତେ ରେଜିଷ୍ଟ୍ରେସନ ପ୍ରକ୍ରିୟା ମଧ ଆରମ୍ଭ ହୋଇଯିବ।

# ବ୍ରୋଞ୍ଜରୁ ବଂଚିତ ଶୈଳୀ, ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରିବ ଭାରତ

ନୂଆଦିଲ୍ଲୀ, ୨୯।୯: ଏସିଆନ ଗେମ୍ସ ୨୦୨୬ର ମହିଳା ଲଙ୍ଗ ଜମ୍ପ ଇଭେଣ୍ଟକୁ ନେଇ ବିବାଦ। ଭାରତର ଷ୍ଟାର ଖେଳାଳି ଶୈଳୀ ସିଂହଙ୍କ ଗୋଟିଏ ଜମ୍ପର ମାପକୁ ନେଇ ଆପତ୍ତି ଉଠାଇଛି ଭାରତୀୟ ଣିଡକୁଦ ମହାସଂଘ ବା ଏଏଫଆଇ।ରେଫରୀଙ୍କ ନିଷ୍ପତ୍ତି ବିରୋଧରେ ଏଏଫଆଇ କୋର୍ଟ ଅଫ ଆର୍ବିସିଏସନ ଫର ସ୍ପୋର୍ଟସ(ସିଏସି) ନିକଟରେ ଆବେଦନ କରିବ। ଶୈଳୀ ସିଂହଙ୍କ ଗୋଟିଏ ଉଦ୍ୟମକୁ ଠିକ ଭାବେ ମପା ଯାଇ ନଥିବା ଭାରତୀୟ କ୍ୟାମ୍ପ ଦାବି କରିଛି।ରବିବାର ଅନୁଷ୍ଠିତ ଲଙ୍ଗ ଜମ୍ପ ଇଭେଣ୍ଟରେ ଶୈଳୀ ସିଂହ ୪ର୍ଥ ସ୍ଥାନରେ ନିଜର ଅଭିଯାନ ଶେଷ କରିଥିଲେ। ସେ ମାତ୍ର ୪ ସେମି ଯୋଗୁ ବ୍ରୋଞ୍ଜ ପଦକ ଜିତିବାକୁ ଅକ୍ଷମ ହୋଇଥିଲେ। ଶୈଳୀଙ୍କ ଶ୍ରେଷ୍ଠ ଜମ୍ପ ଥିଲା ୬.୪୨ ମିଟର। ଏହି ଦୂରତା ତାଙ୍କୁ ମେଡାଲ ଣିଡରେ ରଖିଥିଲା। କିନ୍ତୁ ଚାଇନାର ମେଙ୍ଗୟି ଟାନ ଶେଷ ପ୍ରୟାସରେ ୬.୪୬ ମିଟର ଦୂରତା ସ୍ପର୍ଶ କରିବାରୁ ଶୈଳୀ ୪ର୍ଥକୁ ଖସି ଯାଇଥିଲେ। ଭାରତ ଅନ୍ୟତମ ଲଙ୍ଗ ଜମ୍ପର ଆନସି ସୋଜନ ୬.୫୩ ମିଟର ସହ ରୌପ୍ୟ ଓ ଚାଇନାର ହୁଆଙ୍ଗ ୟିଙ୍ଗୟିଙ୍ଗ ୬.୫୫ ମିଟର ଦୂରତା ସହ



ସ୍ୱର୍ଣ୍ଣ ପଦକ ହାତେଇଛନ୍ତି। ତେବେ ପ୍ରତିଯୋଗିତା ଶେଷ ହେବା ପରେ ଏଏଫଆଇ ଶୈଳୀଙ୍କ ୪ର୍ଥ ପ୍ରୟାସ ଜମ୍ପର ଦୂରତା ମାପରେ ତ୍ରୁଟି ଥିବା କହିଛି। ୪ର୍ଥ ପ୍ରୟାସରେ ସେ ୬.୪୧ ମିଟର ଦୂରତା ଅତିକ୍ରମ କରିଥିବା ବିଧିବଦ୍ଧ ଭାବେ ରେକର୍ଡ ହୋଇଛି।କିନ୍ତୁ ଏଏଫଆଇର ଉପ ସଭାପତି ତଥା ଶୈଳୀଙ୍କ ମେଣ୍ଟୋର ଅନୁ ବବି ଜର୍ଜଙ୍କ କହିବା କଥା ଯେ ଲ୍ୟାଣ୍ଡିଂ ପିଟ୍? ନିକଟରେ ଥିବା ଅଧିକାରୀ ପ୍ରଥମେ ଗୋଟିଏ ସ୍ଥାନକୁ ଚିହ୍ନଟ କରିଥିଲେ। ହେଲେ ହଠାତ୍? ଦୂରରେ ଥିବା ଜଣେ ରେଫରୀ ସେଠାରେ ପହଞ୍ଚି ଆଉ ଗୋଟିଏ ସ୍ଥାନ ଦେଖାଇଥିଲେ। ପ୍ରଥମ ଅଧିକାରୀ ଶୈଳୀଙ୍କ ଗୋଡ ଚିହ୍ନର ଦୂରତାକୁ ଆକଳନ ପାଇଁ ଚାହିଁଥିଲେ। ହେଲେ ଦ୍ୱିତୀୟ ଅଧିକାରୀ ଜଣଙ୍କ ଆଉ ଗୋଟିଏ ସ୍ଥାନକୁ ଚିହ୍ନଟ କରି ଭୁଲ ଦୂରତା ଦର୍ଶାଇଥିଲେ ବୋଲି ସେ କହିଛନ୍ତି।

ଶୈଳୀ ମଧ ପ୍ରତିଯୋଗିତା ସ୍ଥଳରେ ନିଷ୍ପତ୍ତିକୁ ବିରୋଧ କରିଥିଲେ। ଅଫିସିଆଲମାନେ ଶୈଳୀଙ୍କ ଦୂରତାକୁ ତାଙ୍କ ଗୋଡ଼ି ସ୍ପର୍ଶ କରିଥିବା ସ୍ଥାନରୁ ମାପିଥିବା ପରବର୍ତ୍ତୀ ଅବସ୍ଥାରେ ସଫେଇ ଦେଇଥିଲେ। ଏବେ ଏହାକୁ ଭାରତ ପକ୍ଷରୁ ବିଧିବଦ୍ଧ ଭାବେ ସିଏସି ନିକଟରେ ଚ୍ୟାଲେଞ୍ଜ କରିବାକୁ ନିଷ୍ପତ୍ତି ହୋଇଛି।

# ଓଡ଼ିଶା ଟି-୨୦ ଲିଗ୍‌ରେ ମହିଳା ବ୍ଲୁର ଦମଦାର ବିଜୟ

କଟକ, ୨୯/୦୯: ବାରବାଟୀ ଷ୍ଟାଡିୟମ୍‌ରେ ଚାଲିଥିବା ଭାରତ ମସଲା ଓଡ଼ିଶା ଟି-୨୦ ଲିଗ୍—ସିଏମ୍ ଟ୍ରଫିର ଏକ୍ସିବିସନ୍ ମ୍ୟାଚ୍‌ରେ ଓସିଏ ମହିଳା ବ୍ଲୁ ଦମଦାର ପ୍ରଦର୍ଶନ କରି ଓସିଏ ମହିଳା ଗ୍ରୀନ୍‌କୁ ୭ ୱିକେଟ୍‌ରେ ପରାସ୍ତ କରିଛି।ମଙ୍ଗଳବାର ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ ପକ୍ଷରୁ ଏହି ପ୍ରଦର୍ଶନୀ ମ୍ୟାଚ୍ ଆୟୋଜିତ ହୋଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା ଓସିଏ ମହିଳା ଗ୍ରୀନ୍ ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ୍ ହରାଇ ୧୧୨ ରନ୍ ସଂଗ୍ରହ କରିଥିଲା। ମାତ୍ର ୧୦ ରନ୍‌ରେ ୩ ୱିକେଟ୍ ହରାଇ ଦଳ ଆରମ୍ଭରୁ ସଙ୍କଟରେ ପଡ଼ିଥିଲା। ଏହାପରେ ତନ୍ମୟୀ ବେହେରା ଓ ସଙ୍ଗୀତା ଖଡ଼ିଆ ପାଳି ସମ୍ଭାଳିଥିଲେ। ଉଭୟ ଚତୁର୍ଥ ୱିକେଟ୍‌ରେ ୩୫ ରନ୍ ଯୋଡ଼ିଥିଲେ। ତନ୍ମୟୀ ୧୫ ବଲ୍‌ରୁ ୨୧ ରନ୍ କରି ଆଉଟ୍ ହୋଇଥିଲେ। ସଙ୍ଗୀତା ଖଡ଼ିଆ ଦଳର ସ୍କୋରକୁ ଆଗକୁ ନେଇଥିଲେ। ତେବେ ସେ ୩୩ ବଲ୍‌ରୁ ୩୦ ରନ୍ କରି ପ୍ୟାଭିଲିୟନ୍ ଫେରିଥିଲେ। ପରେ ମୋନାଲିଶା ରାଉତ ଓ ବିଜୟଲକ୍ଷ୍ମୀ ବେହେରା ଗୁରୁତ୍ୱପୂର୍ଣ୍ଣ ରନ୍ ସଂଗ୍ରହ କରି ଗ୍ରୀନ୍‌ର ସ୍କୋର୍‌କୁ ୧୦୦ ରନ୍ ପାର କରାଇଥିଲେ। ମୋନାଲିଶା ୨୮ ବଲ୍‌ରୁ ୨୫ ଏବଂ ବିଜୟଲକ୍ଷ୍ମୀ ୨୩ ବଲ୍‌ରୁ ୧୭ ରନ୍ କରିଥିଲେ। ବ୍ଲୁ ପକ୍ଷରୁ ଜିଏମ୍ ଆଲକନନ୍ଦା ଚମତ୍କାର ବୋଲିଂ କରି ୪ ଓଭରରେ ମାତ୍ର ୧୨ ରନ୍ ଦେଇ ୨ଟି ୱିକେଟ୍ ହାସଲ କରିଥିଲେ। ୧୧୩ ରନ୍‌ର ବିଜୟ ଲକ୍ଷ୍ୟର ପିଛା କରି ବ୍ଲୁ ଭଲ ଆରମ୍ଭ କରିଥିଲା। ଆଲିସ୍ମା ବିଶ୍ୱାଳ ଓ ଶିଜ୍ଞା ସ୍ୱାଇଁଙ୍କ ମଧ୍ୟରେ ପ୍ରଥମ ୱିକେଟ୍‌ରେ ୬୮ ରନ୍‌ର ଭାଗୀଦାରି ହୋଇଥିଲା। ପ୍ରଥମ ୧୦ ଓଭରରେ ଉଭୟ ଦଳର ସ୍କୋର୍‌କୁ ମଜବୁତ ସ୍ଥିତିରେ ପହଞ୍ଚାଇଥିଲେ। ଶିଜ୍ଞା ୩୧ ବଲ୍‌ରୁ ୨୬ ରନ୍ କରି ଆଉଟ୍ ହୋଇଥିଲେ। ଏହାପରେ ବ୍ଲୁ ଆଉ ୨ଟି ୱିକେଟ୍ ହରାଇଥିଲେ ମଧ ଦଳର ବିଜୟ ଉପରେ କୌଣସି ପ୍ରଭାବ ପଡ଼ିନଥିଲା। ଶେଷ ଓଭରରେ ବ୍ଲୁ ବିଜୟ ହାସଲ କରିଥିଲା। ପ୍ରଜ୍ଞାନ ପି. ମହାନ୍ତି ୩୨ ବଲ୍‌ରୁ ୨୭ ରନ୍ କରି ଅପରାଜିତ ରହି ଦଳକୁ ବିଜୟୀ କରାଇଥିଲେ। ମ୍ୟାଚ୍ ପରେ ବ୍ଲୁ ଦଳର ଅଧିନାୟକ ସୁଭ୍ରା ସ୍ୱାଇଁ କହିଥିଲେ, ଦଳ ଯେଉଁ ଯୋଜନା କରିଥିଲା, ସେହି ଅନୁସାରେ ଖେଳିବାରେ ସଫଳ ହୋଇଛି।




ଦଳର ପ୍ରତ୍ୟେକ ସଦସ୍ୟ ନିଜ ଭୂମିକାକୁ ଦାୟିତ୍ୱର ସହ ପାଳନ କରିଥିବାରୁ ଏହା ଏକ ସମ୍ପୂର୍ଣ୍ଣ ଦଳଗତ ପ୍ରଦର୍ଶନ ଥିଲା। ମହିଳା କ୍ରିକେଟର୍‌ମାନଙ୍କ ପାଇଁ ଏଭଳି ମଞ୍ଚ ପ୍ରଦାନ କରିଥିବାରୁ ସେ ଓଡ଼ିଶା କ୍ରିକେଟ୍ ଆସୋସିଏସନ୍‌କୁ ଧନ୍ୟବାଦ ଜଣାଇବା ସହ ଭବିଷ୍ୟତରେ ଆହୁରି ଏଭଳି ସୁଯୋଗ ମିଳିବ ବୋଲି ଆଶା ପ୍ରକାଶ କରିଥିଲେ। ସେ କହିଥିଲେ ଯେ, ଏହା ଏକ ପ୍ରଦର୍ଶନୀ ମ୍ୟାଚ୍ ହୋଇଥିଲେ ମଧ ଦଳ ଏହାକୁ ଏକ ପ୍ରତିଯୋଗିତାମୂଳକ ମ୍ୟାଚ୍ ଭଳି ଖେଳିଥିଲା। ମ୍ୟାଚ୍‌କୁ ପ୍ରଦର୍ଶନୀ ଖେଳ ଭାବେ ନେଇନଥିଲେ ବୋଲି ସେ କହିଥିଲେ। ଏହି ମ୍ୟାଚ୍‌ରେ ଚମତ୍କାର ବୋଲିଂ ପାଇଁ ଜିଏମ୍ ଆଲକନନ୍ଦାଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ଭାରତ ମସଲାର ନିର୍ଦ୍ଦେଶକ ଶ୍ରୀମନ୍ତ ପଣ୍ଡା ତାଙ୍କୁ ଏହି ପୁରସ୍କାର ପ୍ରଦାନ କରିଥିଲେ।

# ମହିଳା ଟ୍ରାପ୍ ଟିମ୍‌ରେ ଭାରତକୁ ରୌପ୍ୟ

ନୂଆଦିଲ୍ଲୀ, ୨୯।୯: ଏସିଆନ୍ ଗେମ୍ସ ୨୦୨୬ରେ ଭାରତୀୟ ଶୁଟିଂ ଦଳର ଚମତ୍କାର ପ୍ରଦର୍ଶନ ଜାରି ରହିଛି। ମହିଳା ଟ୍ରାପ୍ ଟିମ୍ ଇଭେଣ୍ଟରେ ଭାରତ ରୌପ୍ୟ ପଦକ ଜିତିଛି। ନୀରୁ ଢାଣ୍ଡା, ଆଶିମା ଅହଲାଓ୍ୱତ ଏବଂ ମନୀଷା କୀରଙ୍କୁ ନେଇ ଗଠିତ ଭାରତୀୟ ଦଳ ୩୨୮ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଛି।

ତିନି ଦିନ ଧରି ଚାଲିଥିବା ୧୨୫-ଶଟ୍‌ର କ୍ୱାଲିଫିକେସନ୍ ରାଉଣ୍ଡ ପରେ ଭାରତ ଏହି ସଫଳତା ପାଇଛି। ଚୀନ୍ ୩୪୬ ପଏଣ୍ଟ ସହ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ କୁଏତ ୩୨୫ ପଏଣ୍ଟ ସହ କାଂସ୍ୟ ପଦକ ହାସଲ କରିଛି। ଏହି ପ୍ରତିଯୋଗିତା ଆଇଚି ପ୍ରିଫେକ୍‌ଚୁରାଲ୍ ଜେନେରାଲ୍ ଶୁଟିଂ ଗ୍ୟାଲେରୀରେ ଅନୁଷ୍ଠିତ ହୋଇଥିଲା।



ଟିମ୍ ଇଭେଣ୍ଟରେ ରୌପ୍ୟ ପଦକ ଜିତିବା ସହ ନୀରୁ ଢାଣ୍ଡା ବ୍ୟକ୍ତିଗତ ଇଭେଣ୍ଟରେ ମଧ ଭାରତର ପଦକ ଆଶା ବଢ଼ାଇଛନ୍ତି। କ୍ୱାଲିଫିକେସନରେ ସେ ୧୨୫ରୁ ୧୧୮ ପଏଣ୍ଟ ହାସଲ କରି କତାରର ବାସିଲ ରେଙ୍କ ସହ ଯୁଗ୍ମ ଭାବେ ଶୀର୍ଷ ସ୍ଥାନରେ ରହିଛନ୍ତି। ଏବେ ସେ ମହିଳା ଟ୍ରାପ୍ ବ୍ୟକ୍ତିଗତ ଫାଇନାଲ୍‌ରେ ପଦକ ପାଇଁ ଲଢ଼ିବେ। ତେବେ ଆଶିମା ଅହଲାଓ୍ୱତ ଏବଂ ମନୀଷା କୀର ବ୍ୟକ୍ତିଗତ ଫାଇନାଲ୍‌ରେ ସ୍ଥାନ ପାଇପାରିନାହାନ୍ତି। ଆଶିମା ୧୦୬ ପଏଣ୍ଟ ସହ ୧୬ତମ ସ୍ଥାନରେ ଥିବା ବେଳେ ମନୀଷା ୧୦୪ ପଏଣ୍ଟ ସହ ୨୩ତମ ସ୍ଥାନରେ ରହିଛନ୍ତି।

ମହିଳା ଟିମର ରୌପ୍ୟ ପଦକ ପରେ ପୁରୁଷ ଟ୍ରାପ୍ ଟିମ୍ସ ଭାରତକୁ ନିରାଶ ହେବାକୁ ପଡ଼ିଛି। ଭାରତୀୟ ଦଳ ୩୩୯ ପଏଣ୍ଟ ସହ ଷଷ୍ଠ ସ୍ଥାନରେ ରହିଛି। କୁଏତ ୩୫୫ ପଏଣ୍ଟ ସହ ସ୍ୱର୍ଣ୍ଣ, କତାର ୩୪୯ ପଏଣ୍ଟ ସହ ରୌପ୍ୟ ଏବଂ କାଜାଖସ୍ତାନ ୩୪୮ ପଏଣ୍ଟ ସହ କାଂସ୍ୟ ପଦକ ଜିତିଛି। ତେବେ ପୁରୁଷ ଟ୍ରାପ୍‌ରେ ଶପଥ ଭାରଦ୍ୱାଜ ଭାରତ ପାଇଁ ବ୍ୟକ୍ତିଗତ ପଦକ ଆଶା ବଜାୟ ରଖିଛନ୍ତି। ପାଞ୍ଚଟି ସିରିଜ୍ ପରେ ୧୧୭ ପଏଣ୍ଟ ହାସଲ କରି ସେ ଟପ୍-୬ରେ ସ୍ଥାନ ପାଇଛନ୍ତି ଏବଂ ଫାଇନାଲ୍‌କୁ ଯୋଗ୍ୟତା ଅର୍ଜନ କରିଛନ୍ତି।

## ହକି ସେମିରେ ଭାରତ-ପାକିସ୍ତାନ

ନୂଆଦିଲ୍ଲୀ: ଏସୀୟ କ୍ରୀଡା ପୁରୁଷ ହକିରେ ବାଂଲାଦେଶ ବିପକ୍ଷରେ ଭାରତ ୧୦-୦ ଗୋଲ୍‌ରେ ବିଜୟୀ ହୋଇଛି। ଏଥିସହ ଭାରତ ପୁଲ୍-ଏ'ର ଶୀର୍ଷ ସ୍ଥାନ ଦଖଲ କରି ସେମିଫାଇନାଲରେ ପ୍ରବେଶ କରିଛି। ଭାରତ ପୁଲ୍ ପର୍ଯ୍ୟାୟର ସମସ୍ତ ୫ଟି ମ୍ୟାଚ୍‌ରେ ବିଜୟ ହାସଲ କରିଛି। ଅକ୍ଟୋବର ୧ରେ ହେବାକୁ ଥିବା ପ୍ରଥମ ସେମିଫାଇନାଲରେ ଭାରତର ମୁକାବିଲା ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ସହ ହେବ। ଅନ୍ୟ ସେମିଫାଇନାଲରେ ମାଲେସିଆ ଓ ଦକ୍ଷିଣ କୋରିଆ ମୁହାଁମୁହିଁ ହେବେ।

# ଟି୨୦ ରାଙ୍କିଙ୍ଗରେ ଶ୍ରୀଚରଣୀଙ୍କ କମାଲ୍

ନୂଆଦିଲ୍ଲୀ, ୨୯।୯: ଭାରତୀୟ ମହିଳା କ୍ରିକେଟ ଦଳର ଷ୍ଟାର୍ ସ୍ପିନର୍ ଶ୍ରୀଚରଣୀ ଇତିହାସ ସୃଷ୍ଟି କରିଛନ୍ତି। ଆଜି ପ୍ରକାଶିତ ସର୍ବଶେଷ ଟି-୨୦ ମାନ୍ୟତାରେ, ସେ ସର୍ବାଧିକ ପଏଣ୍ଟ ହାସଲ କରିଥିବା ବୋଲର ହୋଇପାରିଛନ୍ତି। ଏହି ଭାରତୀୟ ସ୍ପିନର୍ ପୂର୍ବରୁ ଥିବା ସମସ୍ତ ରେକର୍ଡ ଭାଙ୍ଗି ଦେଇଛନ୍ତି; ପୂର୍ବରୁ ଏକ ନମ୍ବର ସ୍ଥାନରେ ଥିବା ଶ୍ରୀ ଚରଣୀ ବର୍ତ୍ତମାନ ୮୧୭ ରେଟିଂ ପଏଣ୍ଟରେ ପହଞ୍ଚିଛନ୍ତି, ଯାହା ଏହି ମାନ୍ୟତାରେ ହାସଲ କରାଯାଇଥିବା ସର୍ବୋଚ୍ଚ ସ୍କୋର ଅଟେ। ଏହି ସଫଳତା ସହିତ ସେ ଅଷ୍ଟ୍ରେଲିଆର ଦ୍ରୁତ ବୋଲର ମେଗାନ ସୁଟଙ୍କୁ ପଛରେ ପକାଇ ଦେଇଛନ୍ତି। ୨୦୧୮ ମସିହାରେ, ଉକ୍ତ ଅଷ୍ଟ୍ରେଲୀୟ ବୋଲର ୮୦୬ ପଏଣ୍ଟ ହାସଲ କରି ସର୍ବାଧିକ ରେଟିଂ ପଏଣ୍ଟର ରେକର୍ଡ ସ୍ଥାପନ କରିଥିଲେ। ଏଥିସହିତ, ଚରଣୀ ଭାରତ ପାଇଁ କ୍ରମାଗତ ମ୍ୟାଚ ଏବଂ ଟୁର୍ଣ୍ଣାମେଣ୍ଟରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସୁଛନ୍ତି।

ଭାରତର ସାମ୍ପ୍ରତିକ ଅଭିଯାନ ସମୟରେ ସେ ଜଣେ ଭରସାଯୋଗ୍ୟ ବୋଲର ଭାବେ ନିଜକୁ ପ୍ରମାଣିତ କରିଛନ୍ତି; ଏହି ସମୟରେ ଦଳ ନିଜର ଅଷ୍ଟମ ମହିଳା ଏସିଆ କପ ଟାଇଟଲ ଜିତିବା ସହ ଏସୀୟ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ମଧ ହାସଲ କରିଥିଲା। ସେ ଏସିଆ କପରେ ମୋଟ ୧୨ଟି ୱିକେଟ ନେଇଥିଲେ, ଯେଉଁଥିରେ ଶ୍ରୀଲଙ୍କା ବିପକ୍ଷ ଫାଇନାଲ ମ୍ୟାଚରେ ୨୦ ରନ ଦେଇ ୪ଟି ୱିକେଟ ନେବା ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ ଥିଲା।

ଜାପାନରେ ଅନୁଷ୍ଠିତ ଏସୀୟ କ୍ରୀଡ଼ାର ସେମି-ଫାଇନାଲ ମ୍ୟାଚରେ, ଚାରାନି ଆୟୋଜକ ଦେଶ ବିପକ୍ଷରେ ୧୦ ରନ ଦେଇ ୪ଟି ୱିକେଟ ନେଇଥିଲେ, ଯାହା ତାଙ୍କ କ୍ୟାରିୟରର ସର୍ବୋତ୍ତମ ପ୍ରଦର୍ଶନ ଥିଲା। ଏହା ପରେ, ଶ୍ରୀଲଙ୍କା ବିପକ୍ଷ ଫାଇନାଲ (ସ୍ୱର୍ଣ୍ଣ ପଦକ ମ୍ୟାଚ)ରେ ଏହି ଭାରତୀୟ ସ୍ପିନର୍ ଆଉ ଦୁଇଟି ୱିକେଟ ହାସଲ କରିଥିଲେ। ଏହି କ୍ରମାଗତ ଉତ୍କୃଷ୍ଟ ପ୍ରଦର୍ଶନ ଯୋଗୁ ସେ ସର୍ବକାଳୀନ ଶ୍ରେଷ୍ଠ ରାଙ୍କିଙ୍ଗ ହାସଲ କରିପାରିଥିଲେ।

୭୫୪ ରେଟିଂ ପଏଣ୍ଟ ସହିତ ଭାରତୀୟ ବୋଲର୍ ଦୀପ୍ତି ଶର୍ମା ରାଙ୍କିଙ୍ଗର ଦ୍ୱିତୀୟ ସ୍ଥାନରେ ରହିଛନ୍ତି; ଶ୍ରୀଲଙ୍କା ବିପକ୍ଷ ଏସୀୟ କ୍ରୀଡ଼ା ସ୍ୱର୍ଣ୍ଣ ପଦକ ମ୍ୟାଚରେ ତିନୋଟି ୱିକେଟ ନେବା ପରେ ସେ ଏହି ସ୍ଥାନ ହାସଲ କରିଥିଲେ। ତାଙ୍କ ପଛକୁ ଇଂଲଣ୍ଡର ସୋଫି ଏକଲଷ୍ଟୋନ ତୃତୀୟ ସ୍ଥାନରେ (୭୨୩ ରେଟିଂ), ଚାର୍ଲି ଡିନ ଚତୁର୍ଥ ସ୍ଥାନରେ (୭୨୨ ରେଟିଂ) ଏବଂ ଇସି ଓ୍ୱଙ୍ଗ ପଞ୍ଚମ ସ୍ଥାନରେ (୭୧୨ ରେଟିଂ) ରହିଛନ୍ତି।

Published and Owned by Sri Bibhuti Bhushan Mahapatra of House No.A/2, Suraj Vihar Phase-1, Po-Baragarh Brit Colony, Bhubaneswar-751018 published from Plot No.3774, Nageshwar Tangi, Bhubaneswar, Dist-Khurda-751002 and Printed by Smt. Sandhyarani Pati at M/S Swadhikar, IDCO Plot No-6/A/B/1, Revenue Plot No-8941(P) Mancheswar Industrial Estate,Bhubaneswar-751010, Near NSIC Office,